


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୬ ଫେବୃଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 16 FEBRUARY 2025

Vol.No. 36 ■ No.45 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମଜବୁତ ହେଉଛି ଭାରତ-ଆମେରିକା ପ୍ରତିରକ୍ଷା ସମ୍ପର୍କ

### ଚିନ୍ତାରେ ପାକିସ୍ତାନ, ଯୁଦ୍ଧ ଜେଟ୍ ଏଫ୍ ୩୫ ବିକ୍ରି ଅଫରକୁ ନେଇ ପାକିସ୍ତାନର ଅସନ୍ତୋଷ

ନୂଆଦିଲ୍ଲୀ, ୧୫/୨ : ଭାରତକୁ ଆମେରିକାର ଅଫର, ଛାନିଆ ପାକିସ୍ତାନ । ପ୍ରଧାନମନ୍ତ୍ରୀ ମୋଦୀ ଆମେରିକାଗସ୍ତ ସମୟରେ ଆମେରିକ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ ଅଫର ଦେଇଛନ୍ତି । ଯୁଦ୍ଧ ଜେଟ ଏଫ ଥାଟିଫାଇଭ କିଣିବାକୁ ଅଫର ଦେଇଛି ଆମେରିକା । ଏବେ ଏହା ପାକିସ୍ତାନର ଚିନ୍ତା ବଢ଼ାଇଛି । ଏହି ଅଫର ଦକ୍ଷିଣ ଏସିଆ ପାଇଁ ବଡ ଚିନ୍ତାର କାରଣ ହେବ ବୋଲି ବୟାନ ଦେଇଛି ପାକିସ୍ତାନ । କେବଳ ସେତିକ ନୁହଁ ଏହି ପ୍ରତିରକ୍ଷା ଚୁକ୍ତି ବିଶ୍ୱ ପାଇଁ ବିପଦ ,ଏକତରଫା ଓ ମାନଦଣ୍ଡକୁ ଉଲ୍ଲଂଘନ କରୁଥିବା ପାକ କହିଛି । ଭାରତ ଓ ଆମେରିକା ମିଳିଭାବେ ଆତଙ୍କବାଦ ବିରୋଧରେ ଲଢ଼େଇ କରିବାନେଇ ଘୋଷଣା କରିଛନ୍ତି ।



## ସାର୍ବଜନୀନ ହେବ ରତ୍ନଭଣ୍ଡାରର ଅଳଙ୍କାରର ତଥ୍ୟ

ଭୁବନେଶ୍ୱର, ୧୫/୨ (ନି.ପ୍ର): ରତ୍ନ ଭଣ୍ଡାରରେ କେତେ ଅଳଙ୍କାର ରହିଛି ଖୁବଶୀଘ୍ର ତଥ୍ୟ ସାର୍ବଜନୀନ କରିବେ ରାଜ୍ୟ ସରକାର । ଗଣତି ମଣତି ଶେଷ ହେବା ପରେ ରତ୍ନ ଭଣ୍ଡାରେ କେତେ ଅଳଙ୍କାର ରହିଛି ତାର ତଥ୍ୟ ଦିଆଯିବ ବୋଲି ବିଧାନସଭାରେ କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ମରାମତି କାର୍ଯ୍ୟ ବର୍ତ୍ତମାନ ଚାଲୁ ରହିଛି ମରାମତି ଶେଷ ହେବା ପରେ ଆରମ୍ଭ ହେବ ରତ୍ନ ଭଣ୍ଡାରର ଗଣତି ମଣତି । ଶେଷ ଥର ୧୯୭୮ ମସିହାରେ ରତ୍ନ ଭଣ୍ଡାର ଖୋଲାଯାଇ ଗଣତି ମଣତି କରାଯାଇଥିଲା ।

## ବିରୋଧୀ କୁମ୍ଭୀର କାନ୍ଦଣା ବନ୍ଦ କରନ୍ତୁ: ମୁକେଶ ମହାଲିଙ୍ଗ

ଭୁବନେଶ୍ୱର, ୧୫/୨ (ନି.ପ୍ର): ବିରୋଧୀ ଭୟଭୀତ ଓ ପଳାୟନ ପନ୍ଥୀ । ସେମାନେ କେବେ ବିରୋଧୀ ଦଳରେ ବସି ନଥିଲେ, ତେଣୁ ବିରୋଧୀ ଦଳର କାର୍ଯ୍ୟ ନିର୍ବାହ କରିପାରୁ ନାହାନ୍ତି ବୋଲି କହିଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ । ପ୍ରଶ୍ନକାଳ ବହୁତ ଗୁରୁତ୍ୱପୂର୍ଣ୍ଣ । ଯାହାକୁ ରାଜ୍ୟବାସୀ ଜାଣିବାର ମାଧ୍ୟମ । ବିରୋଧୀ ସରକାରୀ ଦଳର ଉତ୍ତର ଶୁଣିବାକୁ ସାହସ ରଖିନାହାନ୍ତି । ଗତକାଲି କଂଗ୍ରେସର କଟନୀ ଛଟଣି ନେଇ ଦେଇଥିବା ମୁଲତବୀ ପ୍ରସ୍ତାବକୁ ଗ୍ରହଣ କରାଯାଇଥିଲା । ହେଲେ କାହିଁକି ଆଲୋଚନାକୁ କଂଗ୍ରେସ କି ବିଜେଡି ଆସୁନାହାନ୍ତି ? ଯେଉଁ ୧୦୦ ଟଙ୍କା ବୋନସ କଥା ତତ୍କାଳୀନ ବିଜେଡି ସରକାର ଘୋଷଣା କରିଥିଲା, ତାହା ଦେଲା ନାହିଁ । କିନ୍ତୁ ବିଜେପି ସରକାରକୁ ଆସିବା ପରେ ଧାନ କୁଇଂଟାଲ ପିଛା ୩୧୦୦ ଟଙ୍କା ଦେଉଛି । ବିରୋଧୀ କୁମ୍ଭୀର କାନ୍ଦଣା ବନ୍ଦ କରନ୍ତୁ । ଲୋକେ ଜାଣିଛନ୍ତି ଯେ ସେମାନେ ବିଗତ ଦିନରେ କେମିତି ପ୍ରତାରିତ ହୋଇଥିଲେ । ବିଜେଡି ଓ କଂଗ୍ରେସର ଡବଲ ଷ୍ଟାଣ୍ଡାର୍ଡ । ବିଜେଡି ମୋସନ ପାଇଁ କହୁଛି, କଂଗ୍ରେସ ମୁଲତବି ପାଇଁ ଦାବି କରି ପରେ ଉଭୟ ଦଳ ମିଶି ଯାଇ ହଟ୍ଟଗୋଳ କରୁଛନ୍ତି ।

## ମହାକୁମ୍ଭକୁ ଯିବେ ରାହୁଲ ଓ ପ୍ରିୟଙ୍କା

ନୂଆଦିଲ୍ଲୀ, ୧୫/୨ : କୁହାଯାଏ ବହୁଥିବା ଗଙ୍ଗାରେ ହାତ ଧୋଇବାର ମଜା ଓ ଫାଇଦା କିଛି ଅଲଗା ଥାଏ । ଏହି ଢ଼ଗ ଠିକ ବସୁଛି ସେମାନଙ୍କ ଉପରେ ଯେଉଁମାନେ ସନାତନ ଆସ୍ଥା ଉପରେ ପ୍ରଶ୍ନ ଉଠାନ୍ତି ଓ ମହାକୁମ୍ଭରେ ଭାଗ ନେବାକୁ ଇଚ୍ଛା ମଧ ରଖନ୍ତି । ଦୀର୍ଘ ୧୨ବର୍ଷର ବ୍ୟବଧାନରେ ଚଳିତବର୍ଷ ଆୟୋଜିତ ମହାକୁମ୍ଭରେ ଭାଗ ନେବାକୁ ବିଜେପି ନେତାମାନେ ଆଗ୍ରହୀ ହେବା ସ୍ୱାଭାବିକ କଥା । ମାତ୍ର ବିରୋଧୀ ରାଜନୈତିକ ଦଳ ପ୍ରମୁଖ ନେତା ଅଖିଳେଶ ଯାଦବ ଓ ତାଙ୍କ ପତ୍ନୀ ତଥା ସାଂସଦ ଡିମ୍ପଲ ସଙ୍ଗମରେ ସ୍ନାନ କରିଛନ୍ତି । ଏପରିକି ବିରୋଧୀ କଂଗ୍ରେସ ଦଳର ପ୍ରମୁଖ ନେତା ସଚିନ ପାଇଲଟ, ଦିଗବିଜୟ ସିଂ ସମେତ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ମଧ ଭାଗ ନେଇଛନ୍ତି । ଏହି ନେତାମାନେ ସନାତନ ଧର୍ମର ଆସ୍ଥା ଓ ଏହାର ରାଜନୈତିକ ପ୍ରଭାବ ବେଶ ଭଲ ଭାବେ ଜାଣନ୍ତି । ଏବେ ସମସ୍ତଙ୍କ ନଜର ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀଙ୍କ ଉପରେ । ୨୦୨୨ ଉତରପ୍ରଦେଶ ନିର୍ବାଚନ ପୂର୍ବରୁ ତତକାଳୀନ ଦଳୀୟ ପ୍ରଭାରୀ ପ୍ରିୟଙ୍କା ଗାନ୍ଧୀ କୁମ୍ଭମେଳା ସମୟରେ ସଙ୍ଗମରେ ନିଜ ଝିଅ ସହ ବୁଡ ପକାଇଥିଲେ । ତାଛଡା ତତକାଳୀନ କଂଗ୍ରେସ ସଭାନେତ୍ରୀ ସୋନିଆ ଗାନ୍ଧୀ ମଧ ୨୦୦୧ କୁମ୍ଭମେଳରେ ତ୍ରିବେଣୀ ସଙ୍ଗମରେ ସ୍ନାନ କରିଥିଲେ । ମାତ୍ର ବର୍ତ୍ତମାନର କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଦ୍ୱାରା ସଙ୍ଗମରେ ବୁଡ଼ ପକାଇଲେ ଦେଶର ଦାରିଦ୍ର୍ୟତା ଦୂର ହେବନି ବୋଲି ବୟାନ ଦଳକୁ ଦ୍ୱନ୍ଦରେ ପକାଇଛି । ଅଯୋଧ୍ୟା ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ କଂଗ୍ରେର ବର୍ଜନ ଦଳକୁ ରାଜନୈତିକ ଫାଇଦା ଦେଲା ନାହିଁ ବୋଲି ଉଭୟ ଗାନ୍ଧୀ ପରିବାର ଓ ନେତୃବୃନ୍ଦ ଭଲଭାବେ ଜାଣନ୍ତି । ସନାତନ ଧର୍ମର ଆସ୍ଥା ଓ ବିଶ୍ୱାସ ପ୍ରତି ଆଘାତ ଦଳକୁ କୌଣସି ଦୃଷ୍ଟିରୁ ରାଜନୈତିକ ଫାଇଦା ଦେବନାହିଁ । ଏପରିସ୍ଥଳେ ମହାକୁମ୍ଭ ସରିବା ପୂର୍ବରୁ ସଙ୍ଗମରେ ବୁଡ ପକାଇ ଅଯୋଧ୍ୟା ଭୁଲକୁ ସୁଧାରିବାକୁ ଗାନ୍ଧୀ ଭାଇ ଉଉଣୀ ଯୋଡି ଉଦ୍ୟମ କରିବେ କି ?



## ମୋ ବସ ସାଜିଛି ମଣିଷ ମରା ବସ

ଭୁବନେଶ୍ୱର, ୧୫/୨(ନି.ପ୍ର) : 'ମୋବସ୍'। ଟ୍ୱିନ୍ ସିଟିର ଲାଇଫଲାଇନ୍ ସାଜିଥିବା ଏହି ବସକୁ ଲୋକେ କହିଲେଣି ମଣିଷ ମରା ବସ୍। ଗତରାତିରେ ତମାଣ୍ଡୋରେ ଜଣେ ମହିଳାଙ୍କୁ ଯେଭଳି ଘୋଷାଡ଼ି ମାରିଲା ସମସ୍ତଙ୍କୁ ବିଚଳିତ କରିଛି। କେବଳ କାଲି ନୁହେଁ, ଗତ କିଛି ମାସ ହେଲା ଅନେକ ଲୋକଙ୍କ ଜୀବନ ନେଲାଣି। ଏସବୁ ଭିତରେ 'ମୋ ବସ୍' ଡ୍ରାଇଭରଙ୍କୁ ଦୁର୍ଘଟଣା ଶୂନ୍ୟ ଗାଡ଼ି ଚାଳନା ପାଇଁ ଟ୍ରେନିଂ ବି ଦିଆଯାଇଥିଲା। ତଥାପି ସୁଧୁରିଲେନି ଡ୍ରାଇଭର। ଯାହାକୁ ନେଇ ଉଦବେଗ ବଢ଼ିଛି। ଯମ ଭଳି ରାଜଧାନୀରେ ଘୁରିବୁଲୁଛି 'ମୋ ବସ। କେବେ ମସୃଣ ଚକ ତଳେ ନିରୀହ କୁନି ପିଲାଙ୍କୁ ଦଳି ମାରୁଛି ତ ଆଉ କେବେ ଧକ୍କା ଦେଇ ଶୂନ୍ୟକୁ ଉଡ଼ାଇ ଦେଉଛି ମଣିଷଙ୍କ ପ୍ରାଣବାୟୁ। ଗତକାଲି ରାତିରେ ଘଟିଥିବା ଦୁର୍ଘଟଣାରେ ଚୁରମାର୍ ହୋଇଯାଇଛି ଦୁଇ ଦୁଇଟି ସ୍କୁଟର। ମାଂସ ପିଣ୍ଡୁଳା ହୋଇଯାଇଛି ଜଣେ ମହିଳାଙ୍କ ଶରୀର। ଯାହାଙ୍କ ନାଁ ନନ୍ଦିନୀ ପ୍ରଧାନ। ନିଜ ସଂପର୍କୀୟଙ୍କୁ ନାଇଟ୍ କୋଚ୍ ବସରେ ଛାଡ଼ିବା ପାଇଁ ଆସି ଛିଡ଼ା ହୋଇଥିଲେ ପାତ୍ରପଡ଼ା ଏନଏଚର ଏକ ସର୍ଭିସ ରୋଡ୍ ନିକଟରେ। ଏହି ସମୟରେ ଖଣ୍ଡଗିରିରୁ କଳିଙ୍ଗନଗର ମୁହାଁ ହୋଇ ଦ୍ରୁତଗତିରେ ମାଡ଼ିଆସିଥିଲା ଏହି ବସ୍।

▶▶ପୃଷ୍ଠା ୭

## ଭକ୍ତଙ୍କ ସର୍ବକ୍ଷମା ଅଫର ପରେ ଚଳଚଞ୍ଚଳ କଂଗ୍ରେସ ଭବନ: ଫେରିଲେ ସୁର ରାଉତରାୟ

ଭୁବନେଶ୍ୱର, ୧୫/୨(ନି.ପ୍ର) : ରାଜ୍ୟ କଂଗ୍ରେସକୁ ଘରବାହୁଡ଼ା ବଳ। ଦଳ ଛାଡ଼ିଥିବା ଓ ବହିଷ୍କୃତ ନେତାଙ୍କୁ ପିସିସି ସଭାପତିଙ୍କର ଗତକାଲି ସର୍ବକ୍ଷମା ଘୋଷଣା ପରେ ଆଜି ଭେଟେରାନ୍ ସୁର ରାଉତରାୟଙ୍କର ହୋଇଛି ଘର ୱାପସୀ। ସୁର କହିଛନ୍ତି- ଗଲା ୯ମାସ ହେଲା ଯନ୍ତ୍ରଣାରେ ଥିଲେ, କିନ୍ତୁ ଆଜି ଭାରି ଖୁସି। ତେଣେ ସୁରଙ୍କ ପରେ ଅନେକ ପୁରୁଖା ନେତା ବି କଂଗ୍ରେସକୁ ଫେରିବା ନେଇ ଚାଲଛି ଚର୍ଚ୍ଚା। କେହି କେହି





ପରୋକ୍ଷରେ ଇସାରା ବି ଦେଲେଣି। ତେବେ ପୁରୁଖାଙ୍କୁ ଫେରାଇ ଆଣି ଓ ୟଙ୍ଗ ବ୍ରିଗେଡଙ୍କୁ ସାଥିରେ ନେଇ ନୂଆ ପିସିସି ସଭାପତି ଚାଲିଲେ, ଲୋକଙ୍କ ବିଶ୍ୱାସଭାଜନ ହେବାକୁ ବେଶୀ ସମୟ ଲାଗିବନି ବୋଲି କହିଛନ୍ତି ରାଜନୀତି ସମୀକ୍ଷକ। କଂଗ୍ରେସ ଭବନ ଦୁଆରେ ମୁଣ୍ଡିଆ ମାରିଲେ ନଡ଼ିଆ

▶▶ପୃଷ୍ଠା ୭

## ରାଜଧାନୀରୁ ଠକ ଗିରଫ

ଭୁବନେଶ୍ୱର, ୧୫/୨ (ନି.ପ୍ର): ରାଜଧାନୀରୁ ଧୃତ ଠକ ଗିରଫ । ଫେକ ଆପ ବ୍ୟବହାର କରି ଟଙ୍କା ଠକେଇ କରୁଥିବା ଅଭିଯୋଗ ହୋଇଛି । ବୁଲି ବୁଲି ପେଟ୍ରୋଲ ପମ୍ପ ଠକେଇ କରୁଥିଲେ । ଧୃତ ଠକକୁ କାବୁ କରି ପୋଲିସ ଜିମା ଦେଇଛନ୍ତି ଲୋକେ । ରାଜଧାନୀର ଏକାଧିକ ପେଟ୍ରୋଲ ପମ୍ପରୁ ଟଙ୍କା ଠକେଇ କରିଥିବା ନେଇ ଭରତପୁର ଥାନାରେ ଅଭିଯୋଗ ହୋଇଛି । ଠକର ଠକେଇ ତରିକା ଥିଲା ଭିନ୍ନ। ପେଟ୍ରୋଲ ପମ୍ପ ବାହାରେ ବାଇକ ରଖି ଭିତରକୁ ଯାଏ । ପରେ ମାଆ ଦେହ ଅସୁସ୍ଥ ଅଛି । କ୍ୟାସ ଦିଅନ୍ତୁ ଫୋନ ପେ କରିଦେବି ।

## ପାଣ୍ଡିଆନଙ୍କ ନିର୍ଦ୍ଦେଶରେ ନାଚୁଛନ୍ତି ବିଜେଡି ନେତା: ଜୟନାରାୟଣ

ଭୁବନେଶ୍ୱର, ୧୫/୨(ନି.ପ୍ର) : ନିର୍ଦ୍ଦେଶକ ପାଣ୍ଡିଆନ୍, ନାଚୁଛନ୍ତି ବିଜେଡି ନେତା। ଏଭଳି ବୟାନ ଦେଇ ଆଜି ବିଜେଡିର ଗୁମର ଖୋଲିଛନ୍ତି ବରିଷ୍ଠ ବିଜେପି ବିଧାୟକ ଜୟନାରାୟଣ ମିଶ୍ର। ସେ କହିଛନ୍ତି, ଗୃହକୁ ପାଣ୍ଡିଆନଙ୍କ ନିର୍ଦ୍ଦେଶରେ ଅଚଳ କରିଛନ୍ତି ବିଜେଡି ବିଧାୟକ। ଏହାକୁ ନେଇ ମୁହାଁମୁହିଁ ହୋଇଛନ୍ତି ବିଜେଡି ଓ ବିଜେପି। ତେବେ ବିଜେଡି କହିଛି, ଜୟନାରାୟଣଙ୍କ ଅଭିଯୋଗର




କୌଣସି ସତ୍ୟତା ନାହିଁ। ବିଧାନସଭା ଅଚଳାବସ୍ଥା ପାଇଁ ପାଣ୍ଡିଆନ୍ ଦାୟୀ। ଭିକେ ପାଣ୍ଡିଆନଙ୍କ ନିର୍ଦ୍ଦେଶରେ ବିଜେଡି ବିଧାୟକମାନେ ଦୁଇ ଦିନ ଧରି ଗୃହକୁ ଅଚଳ କଲେ। ଆଜି ବିଧାନସଭାରେ ପଏଣ୍ଟ ଅଫ ଅର୍ଡରରେ ଏଭଳି ବିସ୍ଫୋରଣ କରିଛନ୍ତି ବରିଷ୍ଠ

▶▶ପୃଷ୍ଠା ୭

## ରାସନକାର୍ଡ ହିତାଧିକାରୀଙ୍କ ପାଇଁ ଖୁସି ଖବର: ପୁଣି ବଢ଼ିଲା ଇ-କେୱାଇସି ଅବଧି


ଭୁବନେଶ୍ୱର, ୧୫/୨(ନି.ପ୍ର) : ରାସନକାର୍ଡ ହିତାଧିକାରୀଙ୍କ ପାଇଁ ଖୁସି ଖବର। ୩୧ ମାର୍ଚ୍ଚ ଯାଏଁ ବଢ଼ିଲା ଇ-କେୱାଇସି ଅପ୍ ଡେଟ୍ ଅବଧି। ୫ମ ଥର ପାଇଁ ଇ-କେୱାଇସି ଅବଧି ବଢ଼ାଇଲେ ରାଜ୍ୟ ସରକାର। ଏନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ନେଟ୍ୱର୍କ ସମସ୍ୟା ପାଇଁ କିଛି ସ୍ଥାନରେ ର-କଣଉ ଅପଡେଟ୍ ହେଉନି। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସମୟ ଅବଧି ବଢ଼ାଗଲା। ରାଜ୍ୟର ମୋଟ ୩୪୧ ପଏଣ୍ଟରେ ନେଟ୍ ୱର୍କ ଡିଭାଇସ୍ ଲଗାଯିବ। ୧୧୧ଟି ସ୍ଥାନରେ ସ୍ଲୋ ନେଟ୍ ୱର୍କ ଓ ୨୩୦ ସ୍ଥାନରେ ଜିରୋ ନେଟୱର୍କ ଅଛି। ରାସନ କାର୍ଡ ଇ-କେୱାଇସି ପାଇଁ ଆଜି ଡେଡଲାଇନ ସରୁଥିଲା। ୯୦% ର-କଣଉ ଅପଡେଟ୍ କଲେଣି, ଆହୁରି ୩୩ ଲକ୍ଷ ବାକି ଅଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୨ କୋଟି ୯୯ ଲକ୍ଷ ୮ହଜାର ୪୫୭ ଜଣ ଇ-କେୱାଇସି କରିଛନ୍ତି। ୩୩ଲକ୍ଷ ୨୩ ହଜାର ୮୫୪ ହିତାଧିକାରୀ ଇ-କେୱାଇସି କରିବା ବାକି ରହିଛି। ରାଜ୍ୟ ବାହାରେ ଥାଇ ୧ଲକ୍ଷ ୩୫ହଜାର ୨୫୮ ଜଣ ଇ-କେୱାଇସି ଅପଡେଟ୍ କରିଛନ୍ତି। ସମସ୍ୟା ଥିଲେ ଟୋଲ୍ ଫ୍ରି ନଂ '୧୯୬୭'କୁ କଲ୍ କରି ବୁଝିପାରିବେ। ସୂଚନାଯୋଗ୍ୟ, ରାଜ୍ୟରେ ଭୂତ ହିତାଧିକାରୀ ଚିହ୍ନଟ ଓ ଯୋଗ୍ୟ ହିତାଧିକାରୀଙ୍କୁ ନୂଆ ରାସନ୍ କାର୍ଡ ଯୋଗାଇ ଦେବାର ଉଦ୍ଦେଶ୍ୟରେ ରାଜ୍ୟ ସରକାର ଗତ ଜୁନ୍ ମାସରୁ ଇ-କେୱାଇସି ଅପଡେଟ୍ ପ୍ରକ୍ରିୟା ଆରମ୍ଭ କରିଥିଲେ।



## ଉପରାଷ୍ଟ୍ରପତି ଜଗଦୀପ ଧନଖଡଙ୍କ ଟିପ୍ପଣୀକୁ ନେଇ ସବୁଠି ଚର୍ଚ୍ଚା

### ସିବିଆଇ ନିର୍ଦ୍ଦେଶକଙ୍କ ନିଯୁକ୍ତିରେ ସିଜେଆଇଙ୍କ ଭୂମିକା ଉପରେ ଉଠାଇଲେ ପ୍ରଶ୍ନ

ନୂଆଦିଲ୍ଲୀ, ୧୫/୨ : ସବୁବେଳେ ବିବାଦୀୟ ରହିଥିବା ଉପରାଷ୍ଟ୍ରପତି ଜଗଦୀପ ଧନଖଡଙ୍କ ଏକ ବୟାନ ପୁଣି ବିବାଦ ଛିଡା କରିଛି । ସିବିଆଇ ନିର୍ଦ୍ଦେଶକଙ୍କ ନିଯୁକ୍ତିରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କ ଭୂମିକା ଉପରେ ଉପରାଷ୍ଟ୍ରପତି ପ୍ରଶ୍ନ ଉଠାଇଛନ୍ତି ।ଉପରାଷ୍ଟ୍ରପତିଙ୍କ ବୟାନ ଅନେକ ଦିଗକୁ ସୂଚିତ କରୁଛି । ଏହା ଏକ ରାଜନୈତିକ ପୃଷ୍ଠଭୂମିକ ଆଡକୁ କେନ୍ଦ୍ରିତ କରୁଥିବା ଚର୍ଚ୍ଚା ହେଉଛି । ନିକଟରେ ଭାରତର



ନିର୍ବାଚନ କମିଶନଙ୍କ ନିଯୁକ୍ତି ପ୍ରକିୟାରୁ ମୁଖ୍ୟ ବିଚାରପତିଙ୍କୁ ବାଦ ଦେବା ନେଇ ଏକ ସଂଶୋଧନ ବିଲ ସଂସଦରେ ଗୃହିତ ହୋଇଛି। ଯାହା ଆଧାରରେ କେବଳ ପ୍ରଧାନମନ୍ତ୍ରୀ ମୋଦୀ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ପ୍ରଧାନମନ୍ତ୍ରୀଙ୍କ ମନୋନୀତି ଜଣେ କମିଟି ମନ୍ତ୍ରୀଙ୍କୁ ନେଇ ଗଠିତ କମିଟି ମୁଖ୍ୟ ନିର୍ବାଚନ କମିଶନର ଓ ସଦସ୍ୟଙ୍କୁ ମନୋନୀତ କରୁଛନ୍ତି । ଏହା ଛଡା ସିବିଆଇ ନିର୍ଦ୍ଦେଶକ, ଭିଜିଲାନ୍ସ କମିଶନର ପରି ସାମ୍ବାଧାନିକ ପଦବୀରେ ନିଯୁକ୍ତି ପାଇଁ କମିଟିରେ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା. ଓ ଭାରତର ପ୍ରଧାନ ବିଚାରପତି ସଦସ୍ୟ ଅଛନ୍ତି । ଏପରିସ୍ଥଳରେ ସିବିଆଇ ନିର୍ଦ୍ଦେଶକଙ୍କ ନିଯୁକ୍ତି ତଥା ଅନ୍ୟାନ୍ୟ ଉଚ୍ଚ ସରକାରୀ ନିଯୁକ୍ତି ପ୍ରକ୍ରିୟାରେ ପ୍ରଧାନ ବିଚାରପତିଙ୍କ ଭୂମିକାକୁ ନେଇ ଉପରାଷ୍ଟ୍ରପତିଙ୍କ ବୟାନ ଅନେକ ଦିଗରୁ ସରକାରୀ ଦଳର ମନ୍ତବ୍ୟ ବୋଲି ଧରାଯାଇପାରେ । ଉପରାଷ୍ଟ୍ରପତି ସରକାରୀ ପକ୍ଷକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବା ଅଭିଯୋଗ ହୁଏ । ଏପରିକି ବିରୋଧୀ ପକ୍ଷକୁ ସମାନ ସୁଯୋଗ ମିଳୁନଥିବା ଅଭିଯୋଗ ଆଧାରରେ ଗତ ଶୀତ ଅଧିବେଶନରେ ଉପରାଷ୍ଟ୍ରପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଥିଲା ।

## ପ୍ରୟାଗରାଜର ମେଜାରେ ତୀର୍ଥଯାତ୍ରୀଙ୍କ ବସ ଓ ବୋଲେରୋ ମଧ୍ୟରେ ଧକ୍କା: ୧୦ ମୃତ

ପ୍ରୟାଗରାଜ, ୧୫/୨: ପ୍ରୟାଗରାଜ ଜିଲ୍ଲାରେ ମହାକୁମ୍ଭର ଆୟୋଜନ ମଧ୍ୟରେ ମେଜାରେ ରାତିରେ ହୋଇଥିବା ସଡକ ଦୁର୍ଘଟଣାରେ ୧୦ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ହୋଇଛି । ଦୁର୍ଘଟଣାରେ ୧୯ଜଣ ଲୋକଙ୍କ ମୃତ୍ୟୁ ହୋଇଛି । ପୋଲିସ ଆହତଙ୍କୁ ହସ୍ପିଟାଲ ନେଇଛି । ପୋଲିସ ଅନୁସାରେ, ଏହି ଦୁର୍ଘଟଣା ଜିଲ୍ଲାର ମେଜାରେ ପ୍ରୟାଗରାଜ-ମିରଜାପୁର ହାଇୱେରେ ଶୁକ୍ରବାର ବିଳମ୍ବିତ ରାତିରେ ପ୍ରାୟ ୨ଟା ବେଳେ ବସ ଓ ମହାକୁମ୍ଭ ତୀର୍ଥଯାତ୍ରୀଙ୍କ ବୋଲୋରେ ସହ ଧକ୍କା ହୋଇଛି । ଦୁର୍ଘଟଣାରେ ବୋଲେରୋ ସହିତ ତ୍ରିବେଣୀ ସଙ୍ଗମ ଯାଉଥିବା ସମସ୍ତ ୧୦ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ହୋଇଛି।

# ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ




ବାସୁଦେବପୁର, ୧୫/୨ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶୀତ କାଳୀନ ଶିବିର ପାରା ସରକାରୀ ପ୍ରାଇମେରୀ ସ୍କୁଲରେ ଉଦଯାପିତ ହୋଇ ଯାଇଛି। ସକାଳେ ବାସୁଦେବପୁର ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ବେହେରା ଏହି ଶିବିରରେ ଯୋଗ ଦେଇଥିଲେ ଓ ଅଗ୍ନି ନିରାପତ୍ତା ସମ୍ପର୍କରେ କିପରି ନିଆଁ କୁ ଆୟତ୍ତ କରା ଯାଇ ପାରିବ ସେ ବିଷୟରେ ଶିବିରାର୍ଥୀ ଓ ଗାଁ ଲୋକଙ୍କୁ ବୁଝାଇ ଥିଲେ। ଅପରାହ୍ନରେ ଅଟଳ ବିହାରୀ ମହାବିଦ୍ୟାଳୟ ର ଅଧକ୍ଷ ବିଷ୍ଣୁ ମୋହନ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଡକ୍ଟର ବସନ୍ତ କୁମାର ଦାସ ପିଲା ମାନଙ୍କୁ ମାର୍ଗ ଦର୍ଶନ କରାଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ କୁମାର ବେହେରା ସଭା ପରିଚାଳନା କରିଥିଲେ। ପାରା ସରକାରୀ ପ୍ରାଇମେରୀ ସ୍କୁଲର ପ୍ରଧାନ ଶିକ୍ଷକ ଗଣପତି ଦାସ, ଅଧାପକ ଜ୍ୟୋତି ପ୍ରକାଶ ନାୟକ, ଅଧାପକ ବିପ୍ଳବ ଜେନା ପ୍ରମୁଖ ଶିବିରାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ। ବାଳିକା ବିଭାଗର କାର୍ଯ୍ୟ କ୍ରମ ଅଧିକାରୀ ଚନ୍ଦନା ସାହୁ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବାଳକ ବିଭାଗର ଶ୍ରେଷ୍ଠ ସ୍ୱେଛାସେବୀ ବିଶ୍ୱଜିତ୍ ମଲ୍ଲିକ ଓ ବାଳିକା ବିଭାଗର ଶ୍ରେଷ୍ଠ ସ୍ୱେଛାସେବୀ ଶୁଭ ସ୍ୱାଗତିକା ପୁହାଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଭଦ୍ରକ ଜିଲ୍ଲାର ଡି ପି ଓ କମଳାକାନ୍ତ ଓଝା ଏହି ଶିବିର ରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ।

# ଗଞ୍ଜାମ ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନିତ୍ୱ କରିବାକୁ ଦାବି

ଗଂଜାମ, ୧୫/୨ (ନି.ପ୍ର): ଗଞ୍ଜାମ ଜିଲାରେ ଖରିଫ ଧାନ ସଂଗ୍ରହ ଚାଲିଛି। ତେବେ ଏହାକୁ ତ୍ୱରାନିତ କରିବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି। ବର୍ତ୍ତମାନ ସୁଦ୍ଧା ଗଞ୍ଜାମ ଜିଲ୍ଲାକୁ ମିଳିଥିବା ଟାର୍ଗେଟ ମଧ୍ୟ ରୁପ୍ରାଯ ଅଶି ପ୍ରତିଶତ ଧାନ କ୍ରୟ ହୋଇଛି। ଜିଲାରୁ ପ୍ରାୟ ଆହୁରୀ ୪୪ହଜାର ଚାଷୀ ଧାନ ବିକ୍ରି କରିବେ। ଧାନକ୍ରୟ ବ୍ୟବସ୍ଥାର ଅନୁଧାନ ପାଇଁ ଗଞ୍ଜାମ ଜିଲ୍ଲାପାଳ ବିଭିନ୍ନ ସମୟରେ ଗ୍ରାମାଂଚଳରେ ଥିବା ମଣ୍ଡି ଗୁଡିକକୁ ଅଚାନକ ପରିଦର୍ଶନ କରିବାକୁ ଯାଉଛନ୍ତି। ଯେଉଁଠି ଅବ୍ୟବସ୍ଥା ଦେଖାଯାଉଛି ସେଠାରେ ଦାୟିତ୍ୱରେ ଥିବା କର୍ମଚାରୀ ମାନଙ୍କ ତାଗିଦ କରୁଛନ୍ତି। ତେବେ ଶେରଗଡ଼ ଅଂଚଳରେ ଅବ୍ୟବସ୍ଥାର ସୁଧାର ଆସୁନାହିଁ। ଏହି ଅଂଚଳର୍ ଡଚାଷୀଙ୍କ ଧାନ ମିଲରମାନେ ନେଉଥିବାବେଳେ କ୍ଷୁଦ୍ରଚାଷୀମାନେ ଉପେକ୍ଷିତ ହେଉଥିବା ଅଭିଯୋଗ ହେଉଛି। ମିଲରମାନେ କ୍ଷୁଦ୍ର ଚାଷୀଙ୍କଠାରୁ ଧାନ ନେବାକୁ ସପ୍ତାହ ସପ୍ତାହ ଧରି ଅପେକ୍ଷା କରାଇ ଗାଡିଧରିଆସୁ ନଥିବାରୁ ଚାଷୀମାନେ ନାହିଁ ନଥିାହଟହଟାର ସମ୍ମୁଖୀନ ହେଉଛନ୍ତି। ଗାଡି ଆସିଲେ ଧାନ ପଠାଇବାପାଇଁ ଚାଷୀମାନେ ଅନ୍ୟାନ୍ୟ କାମକୁ ଯାଇ ନପାରି ଏଥିପାଇଁ ଅପେକ୍ଷା କରିବାକୁ ବାଧ ହେଉଛନ୍ତି। ଗଞ୍ଜାମ ଜିଲ୍ଲା ପାଳ ଦିବ୍ୟଜ୍ୟୋତି ପରିଡ଼ା ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କର୍ିସହ କ୍ଷୁଦ୍ର ଚାଷୀଙ୍କ ଧାନ ସଂଗ୍ରହ ତ୍ୱରାନ୍ୱିତ କରିବାପାଇଁ ଚାଷୀ ମାନଙ୍କ ପକ୍ଷରୁ ଦାବି ହେଉଛି।

# ବର୍ଷା ପାଇଁ ଚିନାବାଦାମ ଚାଷୀ ହତାଶ୍ : ଚିନାବାଦାମ କ୍ଷେତରେ ମଟର ଲଗାଇ ପାଣି ମଡାଉଛି ଚାଷୀ

ଧର୍ମଶାଳା, ୧୫/୨ (ନି.ପ୍ର): ଚିନାବାଦାମ ଏକ ଅର୍ଥ ଲାଭକାରୀ ଫସଲ ହୋଇଥିବା ବେଳେ ଶତାଧିକ ଚାଷୀ କ୍ଷେତରେ ବହୁ ଶ୍ରମ ଓ ଧାର କରଜ କରି ଏହି ଚାଷ କରିଥାନ୍ତି । ଚଳିତ ବର୍ଷ ସାମ୍ପ୍ରତ୍ୟ ବାତ୍ୟା ଓ ସରକାରୀ ବିହନ ଯୋଗୁଁ ଏହି ଚିନା ବାଦାମ ବିହନ ଲଗାଇବା ବହୁ ବିଳମ୍ବ ହୋଇଥିଲା । ତେବେ ଚାଷୀ ବହୁ ବିଳମ୍ବ ଚାଷ କାମ ସାରି ସରକାରୀ ବିହନକୁ ଅନାଇ ଅନାଇ କଳାବଜାରରୁ ବିହନ ଆଣି ଚାଷ କାମ ଆରମ୍ଭ କରିଥିଲା । ତେବେ ଫସଲ ଅମଳ ଅଧାରୁ ବର୍ଷା ନ ହେବାରୁ ବାଦାମ ଗଛ ମରିବାକୁ ବସିଲାଣି । ତେବେ ଯାଜପୁର ଜିଲା ଧର୍ମଶାଳା,ବଡଚଣା ଓ ରସୁଲପୁର ବ୍ଲକରେ ଶହଶହ ହେକ୍ଟର ଜମିରେ ବର୍ଷା ଅଭାବରୁ ଚାଷ ଉଜୁଡିବାକୁ ବସିଲାଣି । ଏବେ ବର୍ଷାକୁ ଅନାଇ ଅନାଇ ଶେଷରେ ନିରାଶ ହୋଇ କ୍ଷେତରେ ପାଣି ମଟର ଲଗାଇ ଖର୍ଚ୍ଚାନ୍ତ ହୋଇ ପାଣି ମଡାଉଥବବା ଦେଖିବାକୁ ମିଳୁଛି । ତେବେ ଜାନୁଆରୀ ମାସ ଆରମ୍ଭରୁ ଗରମ ଅନୁଭବ ହେବା ସହ ଏବେ ଖରାର ପ୍ରକୋପ ବୃଦ୍ଧି ପାଇଛି ।

# ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର

ସୁବର୍ଣ୍ଣପୁର, ୧୫/୨ (ନି.ପ୍ର): ୧୦୦ ଦିନ ବ୍ୟାପି ସକ୍ରିୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ସ୍ୱତନ୍ତ୍ର ନିକ୍ଷ୍ୟ ସ୍ୱାସ୍ଥ୍ୟ ଶିବିର ମହିମା ଆନନ୍ଦ ବରିଷ୍ଠ ନାଗରିକ ନିବାସ, ସାନଝିଙ୍କି, ସୋନପୁର ଠାରେ ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡାକ୍ତର ପଦ୍ମହଂସା ଦୋରା ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଥିଲା । ଶିବିର ରେ ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ( ଭି ବି ଡି) ଡାକ୍ତର ଗୋପାଳ ଚନ୍ଦ୍ର ମଲ୍ଲିକ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗ ଦେଇଥିଲେ । ଭାରତ ଟିବି ମୁକ୍ତ ରାଷ୍ଟ୍ର ଗଠନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମ ରେ ସମାଜ ର ଅସୁରକ୍ଷିତ ଜନ ସାଧାରଣ ମାନଙ୍କୁ ପ୍ରୋଗ୍ରାମ ରେ ସାମିଲ କରି ତାଙ୍କ ର ସ୍ୱାସ୍ଥ୍ୟ ପରୀକ୍ଷଣ କରାଯାଉଛି ଏତତ ବ୍ୟତୀତ ଯେଉଁମାନେ ଆବାସିକ ଠିକଣା ରେ ଅସୁରକ୍ଷିତ ନାଗରିକ ରହୁଛନ୍ତି ସେମାନଂକୁ ସ୍ୱତନ୍ତ୍ର ଶିବିର ମାଧ୍ୟମରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ବ୍ୟବସ୍ଥା ରହିଛି,ତେଣୁ ଆବାସିକ ବୃଦ୍ଧା ଶ୍ରମ ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଟିମ ଦ୍ୱାରା ୨୩ ଜନ ଅନ୍ତେବାସୀ ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଯକ୍ଷ୍ମା ସଂଯୋଜକ ସମୀର ସାହୁ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, କମୁନିଟି ହେଲଥ ଅଫିସର ଧବଳେଶ୍ୱର ମହାକୁର, ଡି.ଆର.ଟିବି କୋଡ଼ି ନେଟର ଦେବାଶିଷ ମିଶ୍ର, ଲବରୋଟ୍ଟରୀ ସୁପରଭାଇଜର ବିନୋଦ ମହାକୁର, ଡାଟା ଏଣ୍ଟ୍ରି ଆପେରେଟର ବିବେକାନନ୍ଦ ରଣା ପ୍ରମୁଖ ଉପସ୍ଥିତ ଥିବାବେଳେ ପର୍ବ୍ଲିକ ପ୍ରାଇଭେଟ ମିକ୍ସ କୋ୍ଡିନେଟର ଜ୍ଞାନଜିତ ଶତପଥୀ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ଓ ବରିଷ୍ଠ ଚିକିତ୍ସା ପରିଦର୍ଶକ ଡୋଲେଶ୍ୱର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏଥିରେ ମହିମା ଆନନ୍ଦ ବୃଦ୍ଧା ଶ୍ରମ ର କର୍ମକର୍ତ୍ତା ସବୁ ସହଯୋଗ କରିଥିଲେ।

# ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା: ଜଣେ ଶିକ୍ଷକ ଭରସାରେ ଚାଲିଛି ମିନରବାଲି ପ୍ରାଥମିକ ସେବାଶ୍ରମ

ଜୟପୁର, ୧୫/୨ (ନି.ପ୍ର): ଅବ୍ୟବସ୍ଥା ଘେରରେ କୋରାପୁଟ ଜିଲ୍ଲାର ବୈପାରୀଗୁଡାର ମିନରବାଲି ପ୍ରାଥମିକ ସେବାଶ୍ରମ କ୍ଷ ଜଣେ ଶିକ୍ଷକଙ୍କ ଭରସାରେ ଚାଲିଛି ଶିକ୍ଷାଦାନ । ପିଲାଙ୍କ ଭବିଷ୍ୟତ ସହ ଚାଲିଛି ଖେଳ । ଶିକ୍ଷକ ନିଯୁକ୍ତି ନ ହେଲେ ସ୍କୁଲରେ ତାଲା ଝୁଲାଇବେ ବୋଲି ଚେତାବନୀ ଦେଇଛନ୍ତି ସ୍ଥାନୀୟ ସରପଂଚ । ବୈପାରୀଗୁଡା ମିନରବାଲି ପ୍ରାଥମିକ ସେବାଶ୍ରମରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା । ପ୍ରଥମ ରୁ ପଂଚମ ଶ୍ରେଣୀ ଯାଇଁ ପିଲା ପାଠ ପଢୁଛନ୍ତି ହେଲେ ଶିକ୍ଷା ଦାନ ପାଇଁ ଏଠି ଅଛନ୍ତି ଜଣେ ମାତ୍ର ଶିକ୍ଷକ । ତିଆରି ହୋଇଛି ସୁନ୍ଦର ଶ୍ରେଣୀ ଗୃହ, ହେଲେ ଶିକ୍ଷକ ଅଭବରୁ ଶ୍ରେଣୀ ଗୃହରେ ବର୍ଷ ବର୍ଷ ଧରି ତାଲା ଝୁଲୁଛି । କେବଳ ୨ ଟି କୋଠରୀରେ ୪୬ ଜଣ ପିଲାଙ୍କୁ ନେଇ ଶିକ୍ଷା ଦାନ କରୁଛନ୍ତି ଶିକ୍ଷକ ଜଣକ । ବର୍ଷ ବର୍ଷ ଧରି ଶିକ୍ଷକ ନିଯୁକ୍ତି ଦିଆଯାଉ ନ ଥିବାରୁ ବିଦ୍ୟାଳୟ ଛାଡୁଛନ୍ତି ପିଲା । ମାନସିକ ଚାପରେ ଜଣେ ଶିକ୍ଷକ । ପିଲାଙ୍କ ପାଠ ପଢା ଦାୟିତ୍ୱ, ଅଫିସ କାର୍ଯ୍ୟ, ହଷ୍ଟେଲ ପିଲାଙ୍କ ଭଲମନ୍ଦ ବୁଝିବା ଏବଂ ବିଦ୍ୟାଳୟର ଅନ୍ୟାନ୍ୟ ସମସ୍ୟା କୁ ନେଇ ଚିନ୍ତାରେ ଶିକ୍ଷକ । ଯାହାକି ପାଠ ପଢା ଠପ ହୋଇଯାଉଛି । ଶିକ୍ଷକ ଅଭାବ ଯୋଗୁଁ ନାହିଁଥିବା ଅସୁବିଧା ସମ୍ମୁଖୀନ ହେଉଛୁ ବୋଲି କହିଛନ୍ତି ଶିକ୍ଷକ ପ୍ରଫୁଲ୍ଲ କୁମାର ମୁଦୁଲି । ମିନରବାଲି ପ୍ରାଥମିକ ସେବାଶ୍ରମରେ ଶିକ୍ଷକ ଅଭାବକୁ ନେଇ ଚିନ୍ତାରେ ୬ ଖଣ୍ଡ ଗ୍ରାମବାସୀ । ମିନରବାଲି, ଡୁମୁରୀଗୁଡା, କୁଦାଲଗୁଡା , ଗୁଣ୍ଡିଲିଆଗୁଡା, କଲୋନୀଗୁଡା, ପାଣ୍ଡ୍ରିଗୁଡା ,ସାପଗୁଡା ଆଦି ଗାଁର ପିଲା ଏଠାରେ ରହିବେ ଏବଂ ପଢ଼ିବେ । ଏଥିପାଇଁ ସ୍କୁଲରେ ହଷ୍ଟେଲ ବ୍ୟବସ୍ଥା ମଧ୍ୟ ଅଛି କିନ୍ତୁ ଏହି ସେବାଶ୍ରମରେ ଶିକ୍ଷକ ଅଭବ ଯୋଗୁଁ ପିଲା ସଂଖ୍ୟା କମୁଛି । ଏ ସମସ୍ୟାକୁ ନେଇ ବହୁବାର ଗ୍ରାମବାସୀ ଦାବୀ କରିଆସୁଛନ୍ତି କିନ୍ତୁ କେହି ଶୁଣୁନାହାନ୍ତି । ଶିକ୍ଷକ ନିଯୁକ୍ତି ନ ହେଲେ ସ୍କୁଲରେ ତାଲା ଝୁଲିବ ବୋଲି ସରପଂଚ ମଞ୍ଜୁଳା କାଣ୍ଡିକି ଚେତାବନୀ ଦେଇଛନ୍ତି । ଏ ସମସ୍ୟାକୁ ନେଇ ମଙ୍ଗଳ ବିଭାଗର ଜିଲ୍ଲା ମଙ୍ଗଳ ଅଧିକରୀଙ୍କ ସହ ଜଗାଜଗ ହୋଇ ପାରିଲା ନାହିଁ ଏଣୁ ଜିଲ୍ଲା ଶିକ୍ଷା ନିରୀକ୍ଷକ ପଚାରିବାରୁ ସେ କହିଛନ୍ତି ଏ ସମସ୍ୟା ବିଷୟରେ ଅବଗତ ଅଛନ୍ତି, ଅତି ଶୀଘ୍ର ଶିକ୍ଷକ ନିଯୁକ୍ତି ହେବେ ବୋଲ ପ୍ରତିଶ୍ରୁତି ଦେଇଛନ୍ତି । କେବଳ ମିନରବାଲି ସେବାଶ୍ରମ ନୁହଁ ଜିଲାରେ ଶିକ୍ଷକ ଅଭାବ ସମସ୍ୟା ଯୋଗୁ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଯାହାକି ପୂରା ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେବାକୁ ବସିଛି। ପିଲାଙ୍କ ଉଜ୍ୱଳ ଭବିଷ୍ୟତ ପାଇଁ ସରକାର ଠୋସ ପଦକ୍ଷେପ ନେବା ଜରୁରୀ ହୋଇପଡିଛି ।

# କେନ୍ଦ୍ରୀୟ ପ୍ରତିନିଧି ଦଳଙ୍କ ସହ କୋଷ୍ଟକେନାଲ୍ ପୁନଃଉଦ୍ଧାର ମଞ୍ଚ ଓ ବହୁ ସାମାଜିକ ସଂଗଠନର ନେତୃବୃନ୍ଦଙ୍କ ସାକ୍ଷାତ ଆଲୋଚନା




ବାଲେଶ୍ୱର, ୧୫/୨ (ନି.ପ୍ର): ଐତିହାସିକ କୋଷ୍ଟକେନାଲର ପୁନଃଉଦ୍ଧାର ପାଇଁ ଦୀର୍ଘବର୍ଷ ଧରି ବାଲେଶ୍ୱରବାସୀଙ୍କ ଦାବିକୁ ବିଚାରକୁ ନେଇ ଶନିବାର ଦିନ ଭାରତସରକାରଙ୍କ 'ୱାଟରୱେ ଅଥରିଟି ଅଫ୍ ଇଣ୍ଡିଆ' (ଆଇଡବ୍ଲୁଏଆଇ)ର ଏକ ପ୍ରତିନିଧି ଦଳ ଅବିଭକ୍ତ ବାଲେଶ୍ୱର ଜିଲ୍ଲାରେ ଥିବା କୋଷ୍ଟକେନାଲ୍ ପରିଦର୍ଶନରେ ପହଞ୍ଚିଛନ୍ତି। ପ୍ରୋଜେକ୍ଟ କୋର୍ଡ଼ିନେଟର ସାହିଲ୍ ରାଓ୍ୱତଙ୍କ ସହ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଡାଇରେକ୍ଟର ଅଜିତ୍ ସିଂ ଓ ସୌମ୍ୟରଞ୍ଜନ ସାମଲ ଏହି ପ୍ରତିନିଧି ଦଳର ନେତୃତ୍ୱ ନେଇଛନ୍ତି। ବାଲେଶ୍ୱରର ଜଳସେଚନ ବିଭାଗ ଓ ସଂପୃକ୍ତ ବିଭାଗୀୟ ଉଚ୍ଚ ଅଧିକାରୀମାନେ ଏହି ପ୍ରତିନିଧି ଦଳରେ ସାମିଲ ଅଛନ୍ତି। ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହି କେନ୍ଦ୍ରୀୟ ପ୍ରତିନିଧିଙ୍କ ସହିତ ପରିଦର୍ଶନରେ ଯାଇଛନ୍ତି। ବାଲେଶ୍ୱର ସର୍କିଟ୍ ହାଉସ୍‌ରେ 'କୋଷ୍ଟକେନାଲ୍ ପୁନରୁଦ୍ଧାର ମଞ୍ଚ'ର ଅନ୍ୟତମ ଆବାହକ ଶୁଭଙ୍କର ମହାପାତ୍ରଙ୍କ ସମେତ ବାଲେଶ୍ୱରର ପ୍ରମୁଖ ସାମାଜିକ ଓ ଗଣ ସଂଗଠନମାନଙ୍କର ନେତୃବୃନ୍ଦ ପ୍ରତିନିଧିଦଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ ସହ କୋଷ୍ଟକେନାଲ୍ ପୁନରୁଦ୍ଧାରର ଆବଶ୍ୟକତା ସଂପର୍କରେ ବିଶଦ ଆଲୋଚନା କରିଥିଲେ। ଗତ ଅଷ୍ଟାଦଶ ଶତାବ୍ଦୀରେ ଓଡ଼ିଶାର ନଅଙ୍କ ଦୁର୍ଭିକ୍ଷ ସମୟରେ 'ଖାଦ୍ୟ ପାଇଁ କାମ' ଯୋଜନାରେ ବଡ଼ଲାଟ୍ ରେଭେନ୍ସା ସାହେବଙ୍କ ନିର୍ଦ୍ଦେଶରେ ଏହି କେନାଲ୍ ଖନନ କାର୍ଯ୍ୟ କରାଯାଇଥିଲା। ତତ୍‌କାଳୀନ ସରକାରଙ୍କ ପକ୍ଷରୁ ଅନ୍ନଛତ୍ରରେ ମାଗଣା ଖାଦ୍ୟ ଖାଇବାକୁ ଯାଇନଥିବା ସ୍ୱାଭିମାନୀ ଅଗଣିତ ଓଡ଼ିଆମାନେ ଏହି କେନାଲ୍ ଖନନରେ ଶ୍ରମଦାନ କରି ଖାଦ୍ୟ ସଂଗ୍ରହ କରିଥିଲେ। ପରବର୍ତ୍ତୀ ସମୟରେ ପରାଧୀନ ଭାରତବର୍ଷରେ ପଶ୍ଚିମବଙ୍ଗ ସହ ଉତ୍ତର ଓଡ଼ିଶାକୁ ସଂଯୋଗ କରୁଥିବା ଏହି ଜଳପଥରେ ବ୍ୟବସାୟ, ବାଣିଜ୍ୟ, ଗମନାଗମନ, କୃଷି ତଥା ଉତ୍ତର ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ପରମ୍ପରା ସହ ଆର୍ଥିକ ବିକାଶରେ ଏହା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହି କେନାଲର ପୁନଃଉଦ୍ଧାର ହେଲେ ପୁନଶ୍ଚ ଉତ୍ତର ଓଡ଼ିଶାର ଜନସାଧାରଣ ଏହାର ସୁଯୋଗକୁ ବ୍ୟବହାର କରିପାରିବେ ବୋଲି କେନ୍ଦ୍ରୀୟ ପ୍ରତିନିଧିମଣ୍ଡଳୀଙ୍କୁ ବିଭିନ୍ନ ସଂଗଠନର ନେତୃବୃନ୍ଦ ଅବଗତ କରାଇଥିଲେ। ବାଲେଶ୍ୱର ଜିଲ୍ଲାର ନାଚିରା ବାହଲ, ମାନକୁଣ୍ଡା ଠାରୁ ଏହି କେନାଲ୍ ଭଦ୍ରକର ଚାରିବାଟିଆ ପର୍ଯ୍ୟନ୍ତ ଯାଇ ମନ୍ତେଇ ନଦୀରେ ମିଶିଛି। ଏହାର ପୁନଃଉଦ୍ଧାର ପାଇଁ ଗଠିତ ମଞ୍ଚ କେନ୍ଦ୍ର ଓ ରାଜ୍ୟସରକାରଙ୍କ ଦୃଷ୍ଟି ଆକର୍ଷଣ ନିମିତ୍ତ ଏହି ଦୁଇ ଜିଲ୍ଲାର ଜନସାଧାରଣଙ୍କ ସହଯୋଗରେ ପଦଯାତ୍ରା, ପଥପ୍ରାନ୍ତ ସଭା, ପ୍ରଚାରପତ୍ର ବଣ୍ଟନ, ଗଣସ୍ୱାକ୍ଷର ଅଭିଯାନ, ସ୍ମାରକପତ୍ର ପ୍ରଦାନ କାର୍ଯ୍ୟ ଗତ ପାଞ୍ଚବର୍ଷ ଧରି ଚଳାଇ ଆସୁଥିବା ସଂପର୍କରେ ସେମାନେ ଅବଗତ କରାଇଥିଲେ। ବିଭିନ୍ନ ସଂଗଠନ ପକ୍ଷରୁ ଇଂ. ବନମାଳୀ ନାୟକ, ନିରଞ୍ଜନ ପରିଡ଼ା, ସୁବ୍ରତ କର, ଦିବ୍ୟେନ୍ଦୁ ପାଣିଗ୍ରାହୀ, ଡ. କ୍ଷିତୀଶ୍ୱର ଦାଶ, ତ୍ରିଭୂବନ ଦାସ, ଅନ୍ତର୍ଯ୍ୟାମୀ ପ୍ରଧାନ, ଗୌରାଙ୍ଗ ପାଣିଗ୍ରାହୀ, ଇଂ. ଡ. ହୃଷିକେଶ ସାହୁ, ମମତା ମହାପାତ୍ର, ସିପ୍ରାରେଖା ମହାପାତ୍ର, ସଂଯୁକ୍ତା ମହାପାତ୍ର, ସବିତା ପାଣିଗ୍ରାହୀ, ଶିଳ୍ପୀ କେଶୁଦାସ, ଶିଳୀ ବେହେରା, ସୁବାସ ଚାନ୍ଦ, ରଞ୍ଜିତା ପରିଡ଼ା, ଗୋବିନ୍ଦ ଚନ୍ଦ୍ର ଦଳାଇ, ପ୍ରତାପ ଚନ୍ଦ୍ର ନାୟକ ଓ ଡ. ଅଦ୍ୱୈତ କୁମାର ପାତ୍ର ପ୍ରମୁଖ କେନ୍ଦ୍ରୀୟ ପ୍ରତିନିଧିଙ୍କ ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଚଳିତ ମାସ ୨୨ରେ ସର୍ବଭାରତୀୟ ଦିବାରାତ୍ର ଭଲିବଲ ପ୍ରତିଯୋଗିତା

ଧର୍ମଶାଳା, ୧୫/୨ (ନି.ପ୍ର): କ୍ରୀଡାକୁ ମାଧ୍ୟମ କରି ଯୁବକମାନଙ୍କୁ ସଭାଜର ମୁଖ୍ୟ ସ୍ରୋତରେ ସାମିଲ କରି ଏକ ସୁସ୍ଥ ସମାଜ ଗଠନ କରିବା ନିମନ୍ତେ ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାସ୍ଥ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ରୋହାନୀ ସ୍ପୋର୍ଟ କ୍ଲବ' ସଙ୍କଳ୍ପ ନେଇ ପ୍ରତି ବର୍ଷ ଚଳିତ ବର୍ଷ ଫେବୃଆରୀ ମାସ ୨୨ ତାରିଖରେ ବ୍ରହ୍ମବରଦା ଇଦଗାହ ପଡିଆରେ ୮ମ ବାଇର୍କ ସର୍ବଭାରତୀୟ ଦିବା ରାତ୍ର ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏନେଇ କ୍ଲବ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏହି ପ୍ରତିଯୋଗିତାରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଭଲିବଲ ଟିମ୍ ଯୋଗ ଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ବାଙ୍ଗାଲୁର ସ୍ପୋର୍ଟ କ୍ଲବ କର୍ଣ୍ଣାଟକ,କଲିକତା ପୋଲିସ ପଶ୍ଚିମବଙ୍ଗ,ଇସ୍ଲାମିଆଁ କ୍ଲବ ଓଡିଶା ଓ ହରିଆନା ସ୍କାଇକ୍ରର୍ସ ଚଣ୍ଡିଗଡ ଆଦି ଟିମ୍ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

# ଅସହ୍ୟ ଯାତନାର ଶୀକାର ଗଞ୍ଜାମ ଜିଲ୍ଲା ଚାଷୀ

ଗଂଜାମ, ୧୫/୨ (ନି.ପ୍ର): ଦୈବୀ ଦୁର୍ବିପାକ, ବନ୍ୟା ,ଲଘୁଚାପ ବର୍ଷା ଓ ମରୁଡି ଦ୍ୱାରା ଗଂଜାମ ଜିଲା ଚାଷୀ ସନ୍ତୁଳି ହେଉଥିବା ବେଳେ ବର୍ତ୍ତମାନ ଚାଷୀଙ୍କ ପାଇଁ ମଣ୍ଡି ଯାତନା ବଢିଯାଇଛି। ଚାଷୀମାନେ ମଣ୍ଡିକୁଧାନ ଦେବା ପାଇଁ ବସ୍ତାବାନ୍ଧି ଖଳା ଓ ଘରେ ରଖିଛନ୍ତି । ଫଳରେ ମୂଷା ଓ କୀଟ ପତଂଗ ଦ୍ୱାରା ଏହି ସାଇତା ଧାନ ନଷ୍ଟ ହେବା ଫଳରେ ଚାଷୀ ବିଶେଷ କ୍ଷତିଗ୍ରସ୍ତ ହେବା ସମ୍ଭାବନା ଦେଖା ଦେଇଛି । ବିଶେଷ କରି ଶେରଗଡ ଅଂଚଳରେ ମିଲର, ସମିତି ସଂପାଦକ ଓ ଚାଷୀଙ୍କ ମଧ୍ୟରେ କଟନି,ଛଟନୀକୁ ନେଇ ବିବାଦ ଦେଖାଯାଉଥିବାରୁ, ଚାଷୀମାନଙ୍କ ଧାନ ମଣ୍ଡିକୁ ନେବାରେ କାଳବିଳମ୍ବ କରାଯାଉଥିବାରୁ ଚାଷୀଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ କୃଷି ମନ୍ତ୍ରୀ, ଯୋଗାଣ ବିଭାଗ ମନ୍ତ୍ରୀ, ମୂଖ୍ୟ ମନ୍ତ୍ରୀ, ଗଞ୍ଜାମ ଜିଲ୍ଲାପାଳ ଯୋଗାଣ ବିଭାଗ ଅଧିକାରୀ ଓ ଶେରଗଡ ବିଡିଓ ଘଟଣା ରତଦନ୍ତ କରି ଚାଷୀ ମାନଙ୍କ ଠାରୁ ଧାନ ସଂଗ୍ରହ ପାଇଁ ଜିଲାର ମିଲର ଓ ସେବା ସମବାୟ ସମିତି ସଂପାଦକ ମାନଙ୍କୁ କଡା ନିର୍ଦ୍ଦେଶ ଦେବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି ।

# ଫ୍ରେଣ୍ଡସ କ୍ଲବ ଦ୍ୱିତୀୟ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଂଟରେ ଗ୍ରାଣ୍ଡ ଫାଇନାଲରେ ଦୋସ୍ତି ବ୍ରଦର୍ସ ସୁନ୍ଦରଗଡ଼ ବନାମ ୟଙ୍ଗ ଉତ୍କଳ କ୍ଲବ କଟକ

ବଲାଙ୍ଗିର, ୧୫/୨ (ନି.ପ୍ର): ବଲାଙ୍ଗିର ସୁଦୂରର ପ୍ରସାରି ଅନୁଷ୍ଠାନ ଫ୍ରେଣ୍ଡସ କ୍ଲବ ପକ୍ଷରୁ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ନାମେଂଟ ଷଷ୍ଠ ଦିନରେ ସହର ସ୍ଥିତ ପୃଥ୍ୱୀରାଜ ହାଇସ୍କୁଲ ଖେଳ ପଡିଆରେ ଜଗା ୟୁନାଇଟେଟ କ୍ଲବ ଭୁବନେଶ୍ୱର ବନାମ ୟଙ୍ଗ ଉତ୍କଳ କ୍ଲବ କଟକ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଫୁଟବଲ ଖେଳ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଲୋଟସ ଷଡଙ୍ଗୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବଲାଙ୍ଗିର ସଦର ବିଧାୟକ ନରସିଂହ ମିଶ୍ର ସମ୍ମାନୀତ ଅତିଥି ଭାବରେ ସମ୍ମାନୀତ ଅତିଥିଭାବେଅବସର ପ୍ରାପ୍ତ ପ୍ରଫେସର ଡ. ଶିବ ପ୍ରସାଦ ନନ୍ଦ, ଜିଲ୍ଲା କ୍ରୀଡା ସାଂସଦରେ ସାଧାରଣ ସମ୍ପାଦକ ହରି ନାରାୟଣ ପୁଝାରୀ, ଗାନ୍ଧିଜୀ କ୍ଲବ ସଭାପତି ରାମ ଚନ୍ଦ୍ର ପୁରୋହିତ, ସମେତ ସମ୍ପାଦକ ଜଗନ୍ନାଥ ମିଶ୍ର ଓ ମଧୁ ବଂଛୋର ମଂଚାସିନ ଥିଲେ । ଅତିଥିମାନଙ୍କୁ ଅନୁଷ୍ଠାନରେ କର୍ମକର୍ତା ଉପଢୌକଣ ଦେଇ ସମ୍ମାନିତ କରିଥିଲେ । ଅନୁଷ୍ଠାନର କୋଡିନେଟର ମନୋଜ କୁମାର ମିଶ୍ର ଟିମ ମାନଙ୍କୁ କୋଡିନେଟ କରିଥିଲେ । ଆଜିର ଷଷ୍ଠ ଦ୍ୱିତୀୟ ସେମିଫାଇନ ଦିନ ଖେଳରେ ପୂର୍ବତନ ଫୁଟବଲ ଖେଳାଳି ଅଜିତ କୁମାର ସାହୁ ଓ ନିଶାରାକାନ୍ତ ନାଗ ଓ ଅଭିମନ୍ୟୁ ପାଣ୍ଡେଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା । ମ୍ୟାଚ କମିଶନର ଭାବରେ ଶରତ କୁମାର ନନ୍ଦ ଦାୟିତ୍ୱ ତୁଲାଇଥିବା ବେଳେ ସଂଜୀବ ମହାରଣା, ରାଜେନ୍ଦ୍ର କୁମାର ଧରୁଆ, ସୁଶାନ୍ତ କୁମାର ନାଗ, ସଞ୍ଜନ କୁମାର କୁଦେଇ, ସୁଦର୍ଶନ ସେଠ୍ ଖେଳକୁ ପରିଚଳନା କରିଥିଲେ । ୟଙ୍ଗ ଉତ୍କଳ କ୍ଲବ କଟକ ଦଳ ଜଗା ୟୁନାଇଟେଟ କ୍ଲବକୁ ସଂଘର୍ଷ ପୂର୍ଣ୍ଣ ମ୍ୟାଚ ଚାଲିଥିବାବେଳେ ଏକ ଗୋଲ ଦେଇ ବିଜୟ ହାସଲ କରିଥିଲା । ଆଜିକାର ଜଣେ ଭାଗ୍ୟସାଳି ଦର୍ଶକ ଅନିଲ ବଗର୍ତି ମାଲପଡା ବଲାଙ୍ଗିର ଲଟେରୀ କୂପନ ଦ୍ୱାରା ଏକ ଥରମୋଫ୍ଲାସ ପୁରସ୍କାର ପାଇଥିଲେ । ବେଷ୍ଟ ମେମ୍ବର ଭାବରେ ପୃଥ୍ୱୀରାଜ ବରାଡ଼ ଓ ସୋନୁ ପଟ୍ଟନାୟକଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା ।

# ଫେବୃଆରୀ ୧୮ରୁ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ବାର୍ଷିକ ପରୀକ୍ଷା ଆରମ୍ଭ

ଜୟପୁର, ୧୫/୨ (ନି.ପ୍ର): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର +୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ବାର୍ଷିକ ପରୀକ୍ଷା ଆଗାମୀ ଫେବୃଆରୀ ୧୮ ତାରିଖରୁ ଆରମ୍ଭ ହେଉଅଛି । ମାର୍ଚ୍ଚ ୨୭ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ବ୍ରହ୍ମପୁର ସ୍ଥିତ ଦକ୍ଷିଣାଂଚଳ କାର୍ଯ୍ୟାଳୟ ଅଧୀନସ୍ଥ ଆଠଟି ଜିଲ୍ଲାରେ ମୋଟ ୪୭ଟି ପରୀକ୍ଷା ପରିଚାଳନା ହବ୍ ଓ ୨୫୪ଟି ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି । ସେଥିମଧ୍ୟରୁ ଅବିଭକ୍ତ କୋରାପୁଟ ଜିଲାର ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ରାୟଗଡାଜିଲାରେ ମୋଟ ୧୯ଟି ହବ ରହିଥିବା ବେଳେ ୧୦୯ଟି ପରୀକ୍ଷା କେନ୍ଦ୍ର ରହିଛି । ଫେବୃଆରୀ ୧୨ରୁ ୧୪ ତାରିଖ ମଧ୍ୟରେ ୧୯ଟି ଯାକ ପରୀକ୍ଷା ପରିଚାଳନା ହବ୍ କଣ୍ଟ୍ରୋଲ୍ ରୁମରେ ପ୍ରଶ୍ନପତ୍ର କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପହଂଚାଇ ଦିଆଯିବ । ହବ୍ ମାନଙ୍କରେ ଚବିଶ ଘଣ୍ଟା ସିସି କ୍ୟାମେରାର ବ୍ୟବସ୍ଥା କରାଯିବା ସହ ସଶସ୍ତ୍ର ପୋଲିସ୍ ବାହିନୀ ମୁତୟନ କରାଯାଇଛି । ପରୀକ୍ଷାକୁ ସଂପୂର୍ଣ୍ଣ ଶୃଙ୍ଖଳିତ, ସ୍ୱଚ୍ଛ ଓ କପିମୁକ୍ତ କରିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପାଂଚସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ଗ୍ରହଣ କରାଯାଇଛି । ବିଭିନ୍ନ ପରୀକ୍ଷା ପରିଚାଳନା ହବ୍ ପକ୍ଷରୁ ପ୍ରେରିତ ପର୍ଯ୍ୟବେକ୍ଷକଙ୍କୁ ନେଇ ପର୍ଯ୍ୟବେକ୍ଷକ ସ୍ତରୀୟ ସ୍କ୍ୱାଡ୍, ଜିଲ୍ଲାସ୍ତରୀୟ ସ୍କ୍ୱାଡ୍, ପ୍ରାଶାସନିକ ଅଧିକାରୀ ସ୍ତରୀୟ ସ୍କ୍ୱାଡ୍, ବ୍ରହ୍ମପୁର ଦକ୍ଷିଣାଂଚଳ କାର୍ଯ୍ୟାଳୟ ପକ୍ଷରୁ ଜୋନାଲ୍ ସ୍ତରୀୟ ସ୍କ୍ୱାଡ୍ ଓ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ କେନ୍ଦ୍ରୀୟ ସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯିବା ସଂଗେ ସଂଗେ ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ଜିଲ୍ଲା ପ୍ରଶାସନର ଜଣେ ଜଣେ ଅଧିକାରୀ ପ୍ରଶ୍ନପତ୍ର ଖୋଲାଯିବା ଓ ଉତ୍ତରପତ୍ର ପ୍ୟାକେଟ୍ ସିଲ୍ ହେବା ସମୟରେ ଉପସ୍ଥିତ ରହି ସ୍ୱଚ୍ଛ, ଶୃଙ୍ଖଳିତ ଓ କପିମୁକ୍ତ ପରୀକ୍ଷା ସୁନିଶ୍ଚିତ କରିବା ସହ ସଂପୂର୍ଣ୍ଣ ପରୀକ୍ଷା ବ୍ୟବସ୍ଥାର ତଦାରଖ କରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ବ୍ରହ୍ମପୁର ସ୍ଥିତ ଦକ୍ଷିଣାଂଚଳ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି । ଚଳିତ ବର୍ଷ କୋରାପୁଟ ଜିଲ୍ଲାରେ ମୋଟ ୬ଟି ପରୀକ୍ଷା ପରିଚାଳନା ହବ୍ ସ୍ଥାପନ କରାଯାଉଥିବା ବେଳେ ୩୧ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୧ ହଜାର ୬୦୨ ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ +୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ସ୍ରୋତରେ ପରୀକ୍ଷା ଦେବେ । କଳା ସ୍ରୋତରେ ୬ ହଜାର ୫୭୭ ଜଣ ନାମ ପଞ୍ଜୀକରଣ କରିଥିବା ବେଳେ ତନ୍ମଧ୍ୟରୁ ୬ ହଜାର ୩୨ ଜଣ ଏବଂ ଏକ୍ସ-ରେଗୁଲାର୍ ପରୀକ୍ଷାର୍ଥୀ ରୂପେ ୭୫୬ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି । ବିଜ୍ଞାନ ସ୍ରୋତରେ ୩ ହଜାର ୩୧୩ ଜଣ ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରିଥିବା ବେଳେ ତନ୍ମଧ୍ୟରୁ ୩ ହଜାର ୧୦୬ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଛନ୍ତି କ୍ଷ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ରୂପେ ୫୩୦ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି । ବାଣିଜ୍ୟ ସ୍ରୋତରେ ୯୭୯ ଜଣ ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରିଥିବା ବେଳେ ତନ୍ମଧ୍ୟରୁ ୮୪୨ ଜଣପରୀକ୍ଷାର୍ଥୀ ଫର୍ମ ପୂରଣ କରିଛନ୍ତି । ଏକ୍ସ-ରେଗୁଲାର୍ ପରୀକ୍ଷାର୍ଥୀ ରୂପେ ୯୧ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି । ଧନ୍ଦାମୂଳକ ଶିକ୍ଷାରେ ୨୧୪ ଜଣ ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରିଥିବା ବେଳେ ତନ୍ମଧ୍ୟରୁ ୧୯୨ ଜଣ ପରୀକ୍ଷାର୍ଥୀ ଓ ଏକ୍ସ-ରେଗୁଲାର୍ ପରୀକ୍ଷାର୍ଥୀ ରୂପେ ୫୩ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି । ମାଲକାନଗିରି ଜିଲ୍ଲାରେ ୪ଟି ପରୀକ୍ଷା ପରିଚାଳନା ହବ୍ ଓ ୨୨ଟି ପରୀକ୍ଷା କେନ୍ଦ୍ର ସ୍ଥାପିତ ହୋଇଛି ।

# ସିଦ୍ଧଶକ୍ତି ପ୍ରାଥମିକ ସମବାୟ ସମିତି ସମ୍ମାନିତ

କେନ୍ଦ୍ରାପଡା, ୧୫/୨ (ନି.ପ୍ର): ରାଜ୍ୟ ସରକାରଙ୍କ ତରଫରୁ ଭୁବନେଶ୍ୱର ଠାରେ ଗତକାଲି ଠାରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ମତ୍ସ୍ୟ ଓ ପଶୁସମ୍ପଦ ମେଳାରେ କେନ୍ଦ୍ରାପଡ଼ା ଜିଲ୍ଲାର ସିଦ୍ଧିଶକ୍ତି ପ୍ରାଥମିକ ମତ୍ସ୍ୟ ସମବାୟ ସମିତି ଶ୍ରେଷ୍ଠ ସମବାୟ ସମିତି ରୂପେ ସମ୍ମାନିତ ହୋଇଛି । ପୁରସ୍କାର ସ୍ୱରୂପ ସମିତିର ସଭାପତି ଭାଗବତ ଚନ୍ଦ୍ର ବରାଳ ମାନପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ । ଉକ୍ତ ସମ୍ମାନ ସମବାୟ ସମିତିର ୬୦୦ ରୁ ଉର୍ଦ୍ଧ୍ୱ ସଦସ୍ୟଙ୍କ ଅବଦାନ ବୋଲି ସଭାପତି ଶ୍ରୀଯୁକ୍ତ ବରାଳ କହିଛନ୍ତି । ବର୍ତ୍ତମାନ ସମିତି ତରଫରୁ ମାଛ ଚାଷୀ ମାନଙ୍କୁ ମାଛ ଚାଷ ନିମନ୍ତେ ବିଭିନ୍ନ ପ୍ରକାର ସହଯୋଗ ଯୋଗାଇ ଦିଆଯାଉଛି ।

# ଦିନ ଦ୍ୱିପ୍ରହର ଲକ୍ଷାଧିକ ଟଙ୍କା ଲୁଟ୍

ଜୟପୁର, ୧୫/୨ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ବିସିଂହପୁର ଥାନା ଅଂଚଳରେ ଦିନ ଦିପ୍ରହାରରେ ଲୁଟ । ଜଣେ ପଂଚାୟତ ନିର୍ବାହୀ ଅଧିକାରୀ ଲୁଟ ଶିକାର ହୋଇଛନ୍ତି । ବୋଡ଼ିଗାଁ ପଂଚାୟତର ପିଇଓଙ୍କ ଠାରୁ ୮ଲକ୍ଷ ୫୯ ହଜାର ୩୦୦ ଟଙ୍କା ଲୁଟି ନେଲେ ୬ଦୁର୍ବୃତ୍ତ। ବୋଡିଗାଁ ପିଇଓ ଅର୍ଜୁନ ପାତ୍ର ଙ୍କୁ ଛୁରୀ ଦେଖାଇ ଟଙ୍କା ବେଗ ନିଛାଟିଆ ରତାଳି ରାସ୍ତା ନିକଟରେ ଲୁଟ ହୋଇଛି । ପିଇଓ ଜଣକ ଆଜି ବ୍ଲକ କାର୍ଯ୍ୟାଳୟ ରୁ ଟଙ୍କା ଧରି ବାର୍ଦ୍ଧକ୍ୟ ଭତ୍ତା ବାଣ୍ଟିବା ପାଇଁ ପଂଚାୟତ କାର୍ଯ୍ୟାଳୟ କୁ ଯାଉଥିଲେ । ୬ ଜଣ ଦୃର୍ବୃତ୍ତ ୩ଟି ବାଇକ୍ କୁ ରତାଳି ରାସ୍ତା ମଝିରେ ରଖି ପି ଇ ଓ ଙ୍କ ବାଇକ୍ କୁ ଅଟକାଇ ଥିଲେ । ପିଇଓ ବାଇକ୍ ଅଟକକିବା କ୍ଷଣି ଛୁରୀ ଦେଖାଇ ଆକ୍ରମଣ କରି ତାଙ୍କ ଟଙ୍କା ବେଗ ଝାମ୍ପି ନେଲେ । ସେଠାରୁ ଖସିବା ପାଇଁ ପିଇଓ ଙ୍କ ବାଇକ ଜମି ତଳ କୁ ଠେଲି ଦେଲେ ଓ ପି ଇଓ ଙ୍କ ଫୋନ୍ ଫୋଫାଡି ଦେଇ ଚମ୍ପଟ ମାରିଲେ ଦୃର୍ବୃତ୍ତ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୬ ଫେବୃଆରୀ ୨୦୨୫
email :
rabibarachayan2015@gmail.com

ରବିବାର ଚୟନ





......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର



## ଧାରାବାହିକ ଉପନ୍ୟାସ

# ବୈଦେହୀ



**ଡ.ଭାଗବତ ବେହେରା**

ଭାଗ-୮୭
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ସ୍ୱାମୀ ମୋର ନିରବରେ ଲକ୍ଷ୍ମଣଙ୍କୁ ଇଂଗିତ ଦେଲେ । ଅଗ୍ରଜ ଆଜ୍ଞାକୁ ତିଳ ପ୍ରମାଣେ ଅବଜ୍ଞା କରୁନଥିବା ଲକ୍ଷ୍ମଣ କିଛି ସେବକଙ୍କୁ ସଂଗରେ ନେଇ ରାଜଭବନର ଆଗରେ ପ୍ରସ୍ତୁତ କରିଦେଲେ ଚନ୍ଦନକାଷ୍ଠରେ ପ୍ରସ୍ତୁତ ଏକ ଅଗ୍ନିକୁଣ୍ଡ । ହୁ ହୁ ହୋଇ ନିଆଁ ଜଳିବାକୁ ଲାଗିଲା । ମହର୍ଷି ବିଶ୍ୱାମିତ୍ର ନିଜେ ମନ୍ତ୍ରପାଠ କରି ଅଗ୍ନିଦେବଙ୍କୁ ଆହ୍ୱାନ କରି କହିଥିଲେ, "ହେ ଅଗ୍ନିଦେବତା, ତୁମେ ସର୍ବଭକ୍ଷ। ତୁମର ବାଛ ବିଚାର ନଥାଏ । ହେଲେ ଆଜି ତୁମ ଗର୍ଭକୁ ଯିଏ ପ୍ରବେଶ କରିବେ ସିଏ ଜଣେ ସାଧାରଣ ନାରୀ । ସେ ମଧ୍ୟ ତୁମଭଳି ଅଗ୍ନିଗର୍ଭାଟିଏ । ମଣିଷର ଆତ୍ମା ପିଣ୍ଡକୁ ତ୍ୟାଗ କରିଯିବା ପରେ ତୁମେ ତାକୁ ଗ୍ରାସ କରିଥାଅ । ହେଲେ ଆଜି ଜୀବନ୍ତ ମଣିଷଟିଏ ତୁମ ମଧ୍ୟକୁ ପ୍ରବେଶ କରିବେ । ଜଣେ ସତୀ, ସ୍ୱାଧ୍ୱୀ, ପତିବ୍ରତା ନାରୀ ନିଜ ସ୍ୱାମୀର ସମ୍ମାନ ରକ୍ଷା କରିବାପାଇଁ, ଅଗ୍ନିରେ ପ୍ରବେଶ କରିବାର ସିଦ୍ଧାନ୍ତ ନେଇଛି । ମୋର ଆଶା ତୁମେ ନିଶ୍ଚିତ ତା' ମସ୍ତକରେ ସତୀନାରୀର ଟୀକା ପିନ୍ଧାଇ ଦେଇ ତୁମ ଲେଲିହାନ ଶିଖାରୁ ତାଙ୍କୁ ମୁକ୍ତ କରିଦେବ ।" ହେ ଅଯୋଧ୍ୟାର ପୁରୋହିତ, ପଣ୍ଡିତ ବ୍ରାହ୍ମଣଗଣ, ଅଗ୍ନିମନ୍ତ୍ର ଉଚ୍ଚାରଣ କର । ସୀତାମାତା ଏବେ ଅଗ୍ନିରେ ପ୍ରବେଶ କରିବେ । ମନ୍ତ୍ର ଉଚ୍ଚାରଣ କଲେ ପୁରୋହିତ ମାନେ । ବେଦମନ୍ତ୍ରରେ ଧ୍ୱନିତ ହେଲା ଅଯୋଧ୍ୟା ନଗରୀ । ମୋତେ ସମ୍ମାନ ଜଣାଇ ଅଯୋଧ୍ୟାର ସମସ୍ତ ସିମନ୍ତିନୀ ମାନେ ଶଂଖ ହୁଳହୁଳି ନାଦ ଦେଇ ଜୟ ସୀତା ମାତାଙ୍କର ଜୟ ଧ୍ୱନି ଦେଇ ଅଯୋଧ୍ୟାର ପୁରକୁ କମ୍ପାଇ ଦେଇଥିଲେ । ପରୀକ୍ଷାର ବେଳ ଆସି ମୋର ଉପନୀତ ହେଲା। କାଳବିଳମ୍ବ ନକରି ମହର୍ଷି ବିଶ୍ୱାମିତ୍ର, ମୋର ତିନିଶାଶୁଙ୍କୁ ମୁଁ ପ୍ରଣାମ କଲି । ମୋ ସ୍ୱାମୀଙ୍କୁ ପ୍ରଣାମ କରୁକରୁ ଦେଖିଲି, ତାଙ୍କ ଦୁଇନେତ୍ରରୁ ଠପ୍‌ଠପ୍ ହୋଇ ଖସିପଡୁଛି ଅଶ୍ରୁଜଳ । ସ୍ୱାମୀଙ୍କୁ ପ୍ରଣାମ କରିସାରି ଅଯୋଧ୍ୟାର ସମସ୍ତଙ୍କ ଗୁରୁଜନଙ୍କୁ ପ୍ରଣାମ କରି ମୁଁ ନୟନର ଅଶ୍ରୁକୁ ପୋଛି କହିଥିଲି, "ହେ ଅଗ୍ନିଦେବତା, ହେ ଅଷ୍ଟଦିଗପାଳ, ହେ ବାୟୁ, ଜଳ, ସ୍ଥଳ, ଅନନ୍ତ ଆକାଶ, ହେ ନଭସ୍ଥିତ ଦେବତା ମଣ୍ଡଳୀ ସମସ୍ତଙ୍କୁ ଜନକ ନନ୍ଦିନୀ, ଅଯୋଧ୍ୟାର କୁଳବଧୂ ଅଭାଗିନୀ ସୀତା କୋଟିକୋଟି ପ୍ରଣାମ କରୁଛି । ଆପଣଙ୍କ ସମ୍ମୁଖରେ, ଅଯୋଧ୍ୟାର ପ୍ରଜାକୁଳଙ୍କ ସମକ୍ଷରେ, ମୁଁ ପ୍ରକାଶ କରି ଯାଉଛିକି ମୁଁ ଯଦି କାୟମନୋବାକ୍ୟରେ ମୋ ପ୍ରଭୁ ଶ୍ରୀରାମଙ୍କ ବ୍ୟତୀତ ଅନ୍ୟ କୌଣସି ପୁରୁଷ ଏପରିକି ଦେବତା, ଯକ୍ଷ, ରକ୍ଷ, କିନ୍ନର, ଅସୁର କାହାରିକୁ ମୁଁ ମୋ ମନ ମଧ୍ୟରେ ସ୍ଥାନ ଦେଇଥିବି, କାହାରିକୁ ମୋ ଚେତନ ବା ଅବଚେତନ ମନ ମଧ୍ୟରେ ରୂପ ଦେଇଥିବି, ତାହେଲେ ମୁଁ ଏ ଜ୍ୱଳନ୍ତ ଅଗ୍ନି ମଧ୍ୟରେ ପୋଡ଼ି ଶେଷ ହୋଇଯିବି । ଯଦି ତାହା ହୋଇନଥିବ ତାହେଲେ ଏ ସୀତା ହସହସ ମୁହଁରେ ଏ ଜ୍ୱଳନ୍ତ ଅଗ୍ନି ମଧ୍ୟରୁ ଏହି ରୂପରେ ବାହାରି ଆସିବ ।"

ଚତୁର୍ଦ୍ଦିଗରୁ ଶୁଭୁଥାଏ ଜୟ ସତୀ ସୀତାମାତାଙ୍କର ଜୟ । ଅଗ୍ନିକୁ ସାତଥର ପ୍ରଦକ୍ଷିଣ କରି ମୁଁ ପଶି ଯାଇଥିଲି ଅଗ୍ନି ଗର୍ଭକୁ।

ମୋ କଥା ଶୁଣୁଶୁଣୁ କାନ୍ଦି କାନ୍ଦି ଦେବୀ ଦେବୀ କହି ମୋତେ କୁଣ୍ଢାଇ ଧରିଥିଲେ ସୁଧାମୟୀ, ପ୍ରୀତିଦା, କମଳା ଆଦି ମୁନିକନ୍ୟାମାନେ । ଜ୍ୱଳନ୍ତା ଅଗ୍ନି ମଧ୍ୟକୁ କିପରି ପଶିଲେ ଦେବୀ ବୋଲି ମୋତେ ସେମାନେ ପଚାରନ୍ତେ, ତାଙ୍କ କଥା ଶୁଣି ମୁଁ କହିଥିଲି, ଏହାପରେ କଣ ହେଲା ଶୁଣ ସୁଧାମୟୀ, ପ୍ରୀତିଦା । ଅଗ୍ନିରେ ପ୍ରବେଶ କରି ମଧ ମୁଁ ଅଗ୍ନିର ତାପ ଆଦୌ ଜାଣିପାରି ନଥିଲି । ହୁ ହୁ ହୋଇ ଅଗ୍ନି ଜଳୁଥାଏ । ତାର ତାପକୁ ସହ୍ୟ କରି ନପାରି ଲୋକ ସବୁ ଅନେକ ଦୂରରେ ଛିଡ଼ା ହୋଇଥାନ୍ତି । ସମସ୍ତେ ଭାବୁଥାନ୍ତି ଅଗ୍ନିରେ ଦହନ ହୋଇଗଲେ ସୀତାଦେବୀ । ମୁଁ କିନ୍ତୁ ଜ୍ୱଳନ୍ତ ଅଗ୍ନି ଭିତରେ ପଶି, ହିମଋତୁର ଶୀତଳତାକୁ ଅନୁଭବ କରୁଥାଏ । ଏ କ'ଣ ମୁଁ ଆଶ୍ଚର୍ଯ୍ୟ ହୋଇ ଯାଉଥିଲି । ସେ ଅଗ୍ନିପିଣ୍ଡ ଭିତରେ ଛିଡ଼ା ହୋଇଥାନ୍ତି ସୁନ୍ଦର, ତେଜବାନ୍ ପୁରୁଷ ଜଣେ। ରାଜକୀୟ ପୋଷାକରେ ଆଚ୍ଛାଦିତ ତାଙ୍କ ଶରୀର । ମସ୍ତକରେ ରତ୍ନମୁକୁଟ ଝଲମଲ କରୁଥାଏ । ମୋତେ ଦେଖି ହସିହସି ସେ ପ୍ରଣାମ କରନ୍ତେ, ମୁଁ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି । ହସିହସି ସେ କହିଥିଲେ ଭୟକରନ୍ତୁ ନାହିଁ ଦେବୀ। ମୁଁ ଅଗ୍ନିଦେବ । ଆପଣଙ୍କୁ ପ୍ରଣାମ ଜଣାଇବା ପାଇଁ ମୁଁ ଏଠାରେ ଆବିର୍ଭାବ ହୋଇଛି । ମହର୍ଷି ବିଶ୍ୱାମିତ୍ର ମୋତେ ଆବାହନ କରିଛନ୍ତି । ଆପଣଙ୍କ ପରି ସତୀ, ସ୍ୱାଧ୍ୱୀ, ପତିବ୍ରତା ନାରୀ ଅଂଗକୁ କ'ଣ ମୁଁ ଛୁଇଁପାରିବି ମାତା । ଆଜି ଏହି ଅଗ୍ନିପରୀକ୍ଷା ଦେଇ ଆପଣ ଏ ସସାଗରା ଧରାକୁ ଜଣାଇ ଦେଇଯିବେ, ଜଣେ ସତୀ ନାରୀ କ'ଣ କରିପାରେ । ଆପଣଙ୍କୁ ମୋର କୋଟି ପ୍ରଣାମ ଦେବୀ ସୀତେ । ଏ ଅଗ୍ନି ପୁରୁଷର ପ୍ରଣାମ ଆପଣ ଗ୍ରହଣ କରନ୍ତୁ । ଏହାକହି ସେ ମୋତେ ପ୍ରଣାମ କରି ସହସା ଅଗ୍ନିରୁ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ । ଚକିତ ହୋଇ ଯାଇଥିଲି ମୁଁ । ସ୍ୱୟଂ ଅଗ୍ନିଦେବତା ଆସି ଏଠାରେ ମୋ ପାଇଁ ଉପନୀତ ହୋଇଗଲେ । ତାଙ୍କୁ ପ୍ରଣାମ କରି ଚକ୍ଷୁ ଖୋଲି ସେ ଅଗ୍ନି ମଧ୍ୟରେ ମୁଁ ଯାହା ଦେଖିଲି ସେ କଥା ଅବର୍ଣ୍ଣନୀୟ ପ୍ରୀତିଦା। ତୁମେମାନେ ବିଶ୍ୱାସ କରିବ କି ନା ମୁଁ ଜାଣେନା । ସେ ଜ୍ୱଳନ୍ତ ଅଗ୍ନି ଭିତରେ ଛିଡ଼ା ହୋଇଛନ୍ତି ମୋ ପ୍ରଭୁ ରଘୁନାଥ । ତାଙ୍କ ଚକ୍ଷୁରୁ ଅଶ୍ରୁଧାରା ଛୁଟୁଥାଏ । ମୋତେ ଅନାଇ ସେ କହୁଥାନ୍ତି, ତୁମ ନିକଟରେ ମୁଁ ଅପରାଧୀ ସୀତା। ଜାଣିଜାଣି ମୁଁ ତୁମକୁ ଜ୍ୱଳନ୍ତ ଅଗ୍ନି ମଧ୍ୟକୁ ପ୍ରବେଶ କରାଇଛି । ମୋର ଏହି ଅକ୍ଷମଣୀୟ ଅପରାଧ ପାଇଁ ତୁମେ ମୋତେ କ୍ଷମା କରିଦେବ।

ପ୍ରଭୁ ପ୍ରଭୁ କହି ମୁଁ ତାଙ୍କ ପାଦକୁ ହସ୍ତ ବଢ଼ାନ୍ତେ, ସେ ଅଗ୍ନି ମଧ୍ୟରୁ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ । ସେହି ଭିତରେ ଥାଇ ତାଙ୍କୁ କୋଟିକୋଟି ପ୍ରଣାମ ଜଣାଇ ମୁଁ କହିଥିଲି ଧନ୍ୟ ତୁମେ ପ୍ରଭୁ, ଧନ୍ୟ ତୁମର ପତ୍ନୀ ପ୍ରେମ । ସର୍ବସମ୍ମୁଖରେ ନିଜ ପତ୍ନୀକୁ ମହାସତୀର ଆଖ୍ୟା ଦେବାପାଇଁ ଆପଣ ମୋତେ ଜ୍ୱଳନ୍ତ ଅଗ୍ନିକୁ ପଠାଇଦେଇ, ପୁଣି ସେ ଅଗ୍ନିରୁ ମୋତେ ଉଦ୍ଧରି ନେବାକୁ ସଭିଙ୍କ ଅଜ୍ଞାତରେ ଅଗ୍ନି ମଧ୍ୟକୁ ପ୍ରବେଶ କରି ଆସିଲେ । ଯେତେଦିନ ପର୍ଯ୍ୟନ୍ତ ଏ ପିଣ୍ଡରେ ପ୍ରାଣଥିବ, ପୁଣି ଏ ଜନ୍ମ ପରେ ଆଉ ଯେତେ ଜନ୍ମ ମୁଁ ନେବି, ସେତେଦିନ ପର୍ଯ୍ୟନ୍ତ ଆପଣଙ୍କର ଏ ପତ୍ନୀପ୍ରେମ ସୀତା ହୃଦୟରେ ସ୍ନେହ, ପ୍ରେମର ବିନ୍ଦୁଟିଏ ହୋଇ ରହିଥିବ ପ୍ରଭୁ ।

ହସହସ ବଦନରେ ଅଗ୍ନି ଭିତରୁ ବାହାରି ଆସିଥିଲି ମୁଁ ।

ସଭିଙ୍କ ତୁଣ୍ଡରେ ଜୟ ସତୀ ସୀତାମାତାଙ୍କର ଜୟଧ୍ୱନି ।

(କ୍ରମଶଃ)


♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪


# ଶ୍ରୀମା ଓ ତାଙ୍କର ଦିବ୍ୟ ଅନୁଭବ



**ଡ. ଅମୂଲ୍ୟ କୁମାର ପଣ୍ଡା**

ଭାରତୀୟ ସଂସ୍କୃତି ଓ ପରମ୍ପରାରେ ମାତୃଶକ୍ତିକୁ ସର୍ବୋଚ୍ଚ ପ୍ରାଧାନ୍ୟ ଦିଆଯାଇଛି। ମଣିଷ ଜୀବନରେ ଏପରି କୌଣସି ଅବସ୍ଥା ନାହିଁ ଯେଉଁଠି ମହାଶକ୍ତିର ଉପଲବ୍ଧି ନାହିଁ। ମାତ୍ର ଆମ ଚେତନାର ଅବସ୍ଥା ଏପରି ଯେ ଆମେ କିଛି ଗ୍ରହଣ କରିବାକୁ ପ୍ରସ୍ତୁତ ନୋହୁଁ। ଏଥିପାଇଁ ସମାଜରେ ଭ୍ରଷ୍ଟାଚାର, ଦୁର୍ନୀତି ଓ ଦୁଷ୍କର୍ମ ବ୍ୟାପି ଚାଲିଛି। ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଅମୃତମୟ ଦୃଷ୍ଟିରେ ଏ ଅବସ୍ଥା କିଛି ପରିବର୍ତ୍ତନ ହୋଇ ପାରିଛି । ଶ୍ରୀମାଙ୍କ ଦିବ୍ୟ ମାତୃଶକ୍ତି ମଣିଷକୁ ଏ ଦୁଃସ୍ଥିତିରୁ ଉତ୍ତୀର୍ଣ୍ଣ କରି ନେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଯୁଗ୍ମ ସତ୍ତା ପାଶ୍ଚାତ୍ୟ ମତାନୁଯାୟୀ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସର୍ବୋତ୍ତମ ସମନ୍ୱୟ । ଆଧ୍ୟାତ୍ମିକତାର ଦୁଇଟି ଦିଗ ଯଥା ଯୋଗ ଓ ତନ୍ତ୍ରର ପୂର୍ଣ୍ଣାଙ୍ଗ ସତ୍ୟ ହେଉଛନ୍ତି ଶ୍ରୀମା ଓ ଶ୍ରୀଅରବିନ୍ଦ। ଅତିମାନସ ଶକ୍ତି, ଜ୍ୟୋତି ଓ ଚେତନାର ଅବତାର ପୁରୁଷ ଶ୍ରୀଅରବିନ୍ଦଙ୍କର ଶ୍ରୀମା ହେଉଛନ୍ତି ସହ-ତପସ୍ୱିନୀ। ଶ୍ରୀଅରବିନ୍ଦ ତତ୍ତ୍ୱ ହେଲେ ଶ୍ରୀମା ହେଉଛନ୍ତି ସେ ତତ୍ତ୍ୱର ସରଳ, ସାବଲୀଳ ଓ ପ୍ରାଞ୍ଜଳ ବ୍ୟାଖ୍ୟା। ଶ୍ରୀଅରବିନ୍ଦ ସାଧ ହେଲେ ଶ୍ରୀମା ତାଙ୍କର ସାଧନା ଓ ସିଦ୍ଧି। ଶ୍ରୀଅରବିନ୍ଦ ତପଶକ୍ତି ହେଲେ ଶ୍ରୀମା ତାଙ୍କର କ୍ରିୟାତ୍ମିକା ଶକ୍ତି। ଶ୍ରୀମା ନିଜେ କହୁଥିଲେ, ଶ୍ରୀଅରବିନ୍ଦଙ୍କ ବିନା ତାଙ୍କର ସ୍ଥିତି ନାହିଁ ଏବଂ ତାଙ୍କ ବିନା ବିନା ତାଙ୍କର ପ୍ରକାଶ ନାହିଁ। ଦୁଇଟି ମହାନ୍ ଆତ୍ମାର ମହାମିଳନ, ସତେଯେପରି ଶ୍ୱେତପଦ୍ମ ସହିତ ରକ୍ତପଦ୍ମର, ପ୍ରେମ ସହିତ ପ୍ରଜ୍ଞାର, ଭକ୍ତି ସହିତ ଜ୍ଞାନର, ମହାପୁରୁଷଙ୍କ ସହିତ ମହାପ୍ରକୃତିର, ଜୀବାତ୍ମା ସହ ପରମାତ୍ମାର।

ଶ୍ରୀମାଙ୍କ ପୂର୍ବ ନାମ ତଥା ଜନ୍ମିତ ନାମ ଥିଲା ମିରା ଅଲଫାସା। ସେ ୧୮୭୮ ମସିହା ଫେବୃଆରୀ ୨୧ ତାରିଖରେ ପିତା ମରିସ ଓ ମାତା ମାଥିଲଡେଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ମାଟେଓନାମରେ ତାଙ୍କର ଜଣେ ବଡ଼ ଭାଇଥିଲେ। ସେ ଜନ୍ମ ନେବା ଆଗରୁ ସେମାନଙ୍କର ପରିବାର ଦେଶତ୍ୟାଗ କରି ଫ୍ରାନ୍ସକୁ ଚାଲି ଯାଇଥିଲେ। ତାଙ୍କୁ ଯେତେବେଳେ ପାଞ୍ଚ ବର୍ଷ ବୟସ ହୋଇଥିଲା ସେତେବେଳେ ସେ ଅନୁଭବ କରିଥିଲେ, ସେ ଏଇ ସଂସାରର ନୁହଁନ୍ତି, ଆଉ ସେବେଠାରୁ ତାଙ୍କର ଆଧ୍ୟାତ୍ମିକ ସାଧନା ଆରମ୍ଭ ହୋଇ ଯାଇଥିଲା। ସେ ଅନେକ ସମୟରେ ଆରାମ ଚଉକିରେ ବସିଲା ବେଳେ କିମ୍ବା ଖାଇବା ଟେବୁଲ ପାଖରେ ସେ ସହଜ ସମାଧିରେ ଚାଲି ଯାଉଥିଲେ। ୧୧ରୁ ୧୩ ବର୍ଷ ବୟସରେ ତାଙ୍କୁ ଅନେକ ଗୁଡ଼ିଏ ଆଧ୍ୟାତ୍ମିକ ଅନୁଭୂତି ହୋଇଥିଲା, ଯାହା ତାଙ୍କୁ ଈଶ୍ୱରଙ୍କର ଅସ୍ତିତ୍ୱ ଓ ମାନବତାର ଐଶ୍ୱରୀୟ ସତ୍ତା ସହିତ ମିଳନର ସମ୍ଭାବନା ସମ୍ବନ୍ଧରେ ସଚେତନ କରାଇ ଦେଇଥିଲା। ସେ ହେନେରୀ ମୋରିସେଟଙ୍କୁ ବିବାହ କରିଥିଲେ। ସେ ଓ ମୋରିସେଟ ଆଣ୍ଡ୍ରେ ନାମକ ପୁତ୍ରର ପିତା ମାତା ହେବାର ସୌଭାଗ୍ୟ ଲାଭ ମଧ କରିଥିଲେ । ସେ ସର୍ବଦା କହୁଥିଲେ ଯେ ୧୯ରୁ ୨୦ ବର୍ଷ ବୟସରେ ସେ ଚେତନାର ଏକ ଉଚ୍ଚତର ସ୍ଥିତିକୁ ହାସଲ କରି ପାରିଥିଲେ ଓ କୌଣସି ଗୁରୁ କିମ୍ବା ଗ୍ରନ୍ଥର ବିନା ସହାୟତାରେ ସଦା ସର୍ବଦା ଐଶ୍ୱରୀୟ ସତ୍ତାର ଉପସ୍ଥିତି ଅନୁଭବ କରି ପାରୁଥିଲେ। କିଛି ଦିନ ପରେ ସେ ସ୍ୱାମୀ ବିବେକାନନ୍ଦଙ୍କର ରାଜଯୋଗ ବହିଟି ପଢିଲେ ଓ ଏ ଦିଗରେ ଦ୍ରୁତ ଅଗ୍ରଗତି କରି ପାରିଲେ। ପାଖାପାଖି ବର୍ଷେ ଦୁଇ ବର୍ଷ ପରେ ଜଣେ ପ୍ୟାରିସ ନିବାସୀ ଜଣେ ଭାରତୀୟଙ୍କ ସହିତ ତାଙ୍କର ସାକ୍ଷାତ ହେଲା, ଯିଏ ତାଙ୍କୁ ଭଗବତ ଗୀତା ପଢ଼ିବାପାଇଁ ଓ ଶ୍ରୀକୃଷ୍ଣଙ୍କୁ ଅନ୍ତର୍ନିହିତ ଐଶୀ ଶକ୍ତିର ପ୍ରତୀକ ରୂପେ ଗ୍ରହଣ କରିବାପାଇଁ କହିଲେ। ସେ ସମୟରେ ସେ ଗୀତାର ଏକ ଫ୍ରେଞ୍ଚ ଅନୁବାଦ ପଢିଲେ, ଯାହା ତାଙ୍କୁ ଗୀତାର ମର୍ମ ବୁଝିବାରେ ସହାୟତା କରିଥିଲା। ଧ୍ୟାନ ସମୟରେ ଅନେକ ଆଧ୍ୟାତ୍ମିକ ହସ୍ତୀଙ୍କୁ ଦେଖିଥିବାର ସେ କହୁଥିଲେ ଆଉ ଯେଉଁମାନେ ତାଙ୍କୁ କୌଣସି ନା କୌଣସି ଉପାୟରେ କିଛି ନା କିଛି ସାହାଯ୍ୟ କରୁଥିଲେ । ଥରେ ତାଙ୍କ ଧ୍ୟାନରେ ଜଣେ କୃଷ୍ଣକାୟ ଏସୀୟ ମୂର୍ତ୍ତି ଦୃଷ୍ଟିଗୋଚର ହୋଇଥିଲା, ଯାହାଙ୍କୁ ସେ କୃଷ୍ଣ କହୁଥିଲେ । ସେ କହୁଥିଲେ ଯେ, ସେହି କୃଷ୍ଣ ତାଙ୍କୁ ତାଙ୍କର ଆଧ୍ୟାତ୍ମିକ ଯାତ୍ରାରେ ସାହାଯ୍ୟ କରିଥିଲେ। କୃଷ୍ଣଙ୍କ ପ୍ରତି ତାଙ୍କର ସହଜ ଓ ସମ୍ପୂର୍ଣ୍ଣ ବିଶ୍ୱାସ ରହିଥିଲା ଓ ସେ ତାଙ୍କୁ ବାସ୍ତବ ଜୀବନରେ ଥରେ ଭେଟିବାକୁ ଆଶା ପୋଷଣ କରିଥିଲେ। ପରବର୍ତ୍ତୀ କାଳରେ ସେ ଶ୍ରୀମା ନାମରେ ପରିଚିତ ହେଲେ।

ଶ୍ରୀମାଙ୍କ ଜୀବନର ଶେଷ ତିରିଶି ବର୍ଷର ଅନୁଭବକୁ ତେର ଭାଗ ବିଶିଷ୍ଟ ଗୋଟିଏ ବହିରେ ସାଇତା ଯାଇଛି। ମୂଳ ଇଂରାଜୀ ବହିର ନାମ ହେଉଛି ଦ ଏଜେଣ୍ଡା (The Agenda)। ଏଇ ଦିନମାନଙ୍କରେ ସେ ନିଜ ସ୍ଥୂଳ ଶରୀରର ରୂପାନ୍ତରଣ କରି, ଉଚ୍ଚତମ ସତ୍ୟ ଚେତନା ପ୍ରତି ଉନ୍ମୁକ୍ତ ହୋଇ, ଶ୍ରୀଅରବିନ୍ଦଙ୍କ ବର୍ଣ୍ଣିତ ଅତି ମାନବ ହେବାକୁ ଚେଷ୍ଟା କରିଥିଲେ। ଶ୍ରୀ ଅରବିନ୍ଦ ତାଙ୍କୁ ଦିବ୍ୟ ଜନନୀଙ୍କର ଅବତାର ବୋଲି କହୁଥିଲେ ଓ ତାଙ୍କୁ ମା' (The Mother)ବୋଲି ସମ୍ବୋଧନ ମଧ କରୁଥିଲେ। ତାଙ୍କୁ ମା' ବୋଲି ଡାକିବାର କାରଣ କେହି ପଚାରିବାରୁ ଶ୍ରୀ ଅରବିନ୍ଦ ତାଙ୍କର ପ୍ରକୃତ ସତ୍ତାର ପରିଚୟ ଦେବାପାଇଁ ''ଦ ମଦର(The Mother)'' ଶୀର୍ଷକରେ ଏକ ପ୍ରବନ୍ଧ ମଧ ଲେଖିଥିଲେ। ଅନେକ ଶ୍ରୀଅରବିନ୍ଦଙ୍କ ସାଧକ ଜୀବନରେ ଶ୍ରୀମାଙ୍କ ଭୂମିକା କ'ଣ, ସେ ବିଷୟରେ ଅନୁସନ୍ଧିତ୍ସା ପ୍ରକାଶ କରିଥାନ୍ତି। କେହି କେହି ଶ୍ରୀମାଙ୍କୁ ଶ୍ରୀଅରବିନ୍ଦଙ୍କ ଶିଷ୍ୟା ବୋଲି ମଧ ମନେ କରନ୍ତି। କିନ୍ତୁ ଶ୍ରୀଅରବିନ୍ଦ ଅନେକ ସ୍ଥାନରେ ସ୍ପଷ୍ଟ କରିଛନ୍ତି ଯେ ଶ୍ରୀମା ତାଙ୍କର ଶିଷ୍ୟା ନୁହନ୍ତି। ସେ ତାଙ୍କର ସହଯୋଗୀ ଏବଂ ସେ ଏକ ସ୍ୱତନ୍ତ୍ର ଦିବ୍ୟ ସତ୍ତା। ଶ୍ରୀମା ପଣ୍ଡିଚେରୀ ଆଶ୍ରମରେ ଅବସ୍ଥାନ କରିବା ପୂର୍ବରୁ ଶ୍ରୀଅରବିନ୍ଦ ଏକାକୀ ତାଙ୍କ ସାଧନା ପଥରେ ଅଗ୍ରସର ହେଉଥିଲେ। ସାଥିରେ ଅନ୍ୟ ସହଯୋଗୀ-ସାଧକମାନେ ଥିଲେ ହେଁ, ତାହା ଶ୍ରୀଅରବିନ୍ଦଙ୍କ ସାଧନାର ପୂର୍ଣ୍ଣତା ପାଇଁ ପର୍ଯ୍ୟାପ୍ତ ନ ଥିଲା। ଏ ବିଷୟରେ ନିଜେ ଶ୍ରୀଅରବିନ୍ଦ ଠାଏଁ କହିଛନ୍ତି - "ଶ୍ରୀମାଙ୍କ ଆଗମନ ପୂର୍ବରୁ ମୁଁ ନିଜେ ହୁଏତ ସାଧନା ପଥରେ କେତେକାଂଶରେ ଅଗ୍ରଗତି କରିଥିଲି । କିନ୍ତୁ, ଏହି ଉନ୍ନତି କେବଳ ମୋ ଠାରେ ସୀମିତ ଥିଲା । ଅନ୍ୟମାନଙ୍କ ଚେତନାର ଉତ୍ତରଣ ପାଇଁ ବା ସେମାନଙ୍କ ସାଧନାରେ ପ୍ରଗତି ପାଇଁ ମୁଁ କିଛି ଉଲ୍ଲେଖଯୋଗ୍ୟ ଅବଦାନ କରିପାରୁ ନଥିଲି । ମାତ୍ର ଶ୍ରୀମାଙ୍କର ଆଶ୍ରମରେ ପଦାର୍ପଣ ପରେ ମୋର ସାଧନା ଦ୍ରୁତତର ଓ ଉନ୍ନତତର ହେଲା ଓ ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ମୁଁ ଅଧିକ ସକ୍ଷମ ହେଲି ।"


ଅରଙ୍ଗାବାଦ, ବରୀ, ଯାଜପୁର
(ମୋ) ୮୨୪୯୫୦୨୭୭୬


## କବିତା...

### କୁଂଡଳିନୀ
**ନକୁଳ ଚନ୍ଦ୍ର ସାହୁ**



ଅଧଃ ଭାଗ କ୍ରମଶଃ ଅତଳ
ସୁତଳ ତଳାତଳ ମହାତଳ
ପାତାଳରୁ ରସାତଳ ଅମୃତମୟୀର ସ୍ଥାନ !

ଇଡ଼ା ପିଂଗଳା ସୁଷୁମ୍ନା ଚିତ୍ରିଣୀ ବ୍ରହ୍ମନାଡ଼ି
କୁହୁ ଶଂଖିନୀ ଗାଂଧାରୀ

ଲ ବୀଜ ପୃଥ୍ୱୀଚକ୍ର ଚାରିପଟ ସପ୍ତ ସମୁଦ୍ର
ମଝିରେ ତୁମେ ସ୍ୱୟଂ ଭୂ ଲିଂଗ
ଛିଦ୍ର ମୁଖକୁ ଆବୋରିଛି ତ୍ରିବଳୟ ପର୍ବ
ଶାୟିତ ଶକ୍ତି; ମା' କୁଂଡଳିନୀ ତୁମ ନାମ !

ଜପ ସଂଭବାକୁ କିଏ ଉଜ୍ଜୀବିତ କରୁଛି
କାମରୂପ ଜାଳଂଧର ପୂର୍ଣ୍ଣଗିରି
ଉଡ୍‌ଡୀୟାନ୍ ପୀଠ

ପୃଷ୍ଠରେ ଶ୍ରୀହଟ୍ଟ; ବିଂଦୁରେ ପୃଥ୍ୱୀଚକ୍ର
ମା', ତୁମେ ତ ଚଂଦ୍ର, ଫୁଟଂତା କଦଂବ !

ତାରା ଦେବୀ ନୀଳ ରୂପା
ତୁମେ ତ ବଗଳା କୂର୍ମ ମୂର୍ତ୍ତିକା, ପଂଚବକ୍ତ୍ରା;
'ଅକ୍ଷୋଭ୍ୟ' ଉପାସିତା ଜାଗରିତା ଶକ୍ତିଲତା
ବୈଂଦବ ଲୋକରୁ ଆଜ୍ଞାକୁ,
ଆଜ୍ଞାରୁ ବିଶୁଦ୍ଧ ଚକ୍ରକୁ

ବିଶୁଦ୍ଧରୁ ଅନାହତ,
ଅନାହତରୁ ମଣିପୁର ଚକ୍ର
ମଣିପୁରରୁ ସ୍ୱାଧିଷ୍ଠାନ ଏବଂ ଶେଷକୁ

ମୂଳାଧାରରେ
ମା' ତୁମେ ପାତି ଦେଲ ସ୍ଥାନ ।

ମୋକ୍ଷାଭିମୁଖୀ ତୁମ ଯାତ୍ରା ଚକ୍ର
ଜୀବକୁ ମୋ
କରିଦିଏ ଧନ୍ୟ !


♥ ଶବ୍ଦଘର, ଗୋଡ଼ିସାହି
କଟକ- ୭୫୪୦୦୬


### ମଣିଷ ପଣିଆ
**ସୁଧୀର ମେହେର**



କା' ଖୁସିରେ
ଚେନାଏ ହସ ହୋଇ ବାଣ୍ଟି ହୋଇ ଯିବା,
କା'ଦୁଃଖରେ
ଟୋପେ ଲୁହ ହେବା
କ'ଣ ଖରାପ ନା ଅପରାଧ ?

ଶରବିଦ୍ଧ ପକ୍ଷୀକୁ ଯଦି
ଲହୁଣିପଟି ବାନ୍ଧି ଉଡେଇ ଦେଲି,
ଅନ୍ଧ ଲୋକଟିକୁ ମୁଁ ଯଦି ଗହଳି ଭିତରୁ
କାଢି ଆଣି ବାଟ କଡେଇ ଦେଲି,
ଜଣେ ଫୁଟ୍‌ପାଥରେ ଶୀତରେ ଥୁରୁଥୁରୁ
ଅସହାୟ ଲୋକଟିକୁ ଯଦି
ନିଜ ବାରଣ୍ଡାରେ ଶୋଇବାକୁ ଜାଗା ଦେଲି,
ସୁଅ ମୁହଁରେ ଭାସି ଯାଉଥିବା ପିମ୍ପୁଡ଼ିଟିକୁ
ଯଦି ପତ୍ରଟିଏ ପକେଇ ଦେଲି
ମୁଁ କିଛି ଅପରାଧ କଲି କି ? ?

କିଛି ବୁଝି ନ ସୁଝି
କାହିଁକି ଦେଖଣାହାରୀଏ
ତିଳକୁ ତାଳ କରି
ଧୋବ ଫରଫର ଛାତିରେ
ଛିଞ୍ଚି ଦିଅନ୍ତି ପୁଳାଏ କାଳି,
ସ୍ୱଚ୍ଛ ଦିଶୁଥିବା ମୁହଁକୁ
କରିଦିଅନ୍ତି ବିଭତ୍ସ,କଦାକାର !

କାହିଁକି,
ଏମାନେ ଅଣ୍ଡାଳି ବସନ୍ତି
ଉଦାରତାର ରହସ୍ୟ ଓ କାରଣ ?

କାହାର ଆବଶ୍ୟକ ବେଳେ
ତା'ପାଖରେ ଠିଆ ହେବା ,
ତା'କାନ୍ଧରେ
ହାତ ଥାପିବା କ'ଣ ଅପରାଧ !!

ଦୁନିଆର ଶ୍ରେଷ୍ଠ ଜୀବ ହୋଇବି
ଏମାନେ ଏତେ ନିର୍ଦ୍ଦୟ କେମିତି
ହୋଇ ପାରନ୍ତି ସତେ !
କୁଆଡେ ଗଲା ମଣିଷର ମଣିଷପଣିଆ !!


♥ ଚିଟୈଗୁଡ଼ା, ଜୁନାଗଡ଼,
କଳାହାଣ୍ଡି- ୭୬୬୦୧୪
(ମୋ) ୯୫୮୩୫୮୮୮୭




### ତିନୋଟି ଗଜଲ
**ମିଳନ କୁମାର ମିଶ୍ର (ଭରଦ୍ୱାଜ)**

॥ ଏକ ॥
ହସୁଥାଏ ତମ ହଳଦୀ କିଆରୀ
ବାସୁଥାଏ ଧାନକ୍ଷେତ ।
ଯାଲାଗି ମୋ ମନ ହେବାକୁ ତମର
ପଉଷ ରାତିର ଶୀତ ।।

॥ ଦୁଇ ॥
ଯେତେ ଯେତେ ବହେ ମନ୍ଦ ମଳୟ
ସେତେ ସେତେ ଭିଜେ ମୁହିଁ ।
ଲାଗେ ଯେମିତି ମୁଁ ସରାଗରେ ତମେ
ସ୍ୱପ୍ନରେ ମହୁନଈ ।।

॥ ତିନି ॥
ତମ ପରି କେହି ହେଇ ପାରିନି କି
ହେଇ ପାରିବେନି ଜମା ।
ତମେ ଯେଣୁ ମୋର ରାତିର ଗଜଲ
ସକାଳର ସାରେଗାମା ।।


♥ ମାର୍ଫତ୍: ମନ୍ମଥ କୁମାର ମିଶ୍ର
ବିଶ୍ୱେଶ୍ୱପୁର ଶାସନ
କେନ୍ଦୁଝର ବଜାର
କେନ୍ଦୁଝର-୭୫୮୦୦୨
ମୋ: ୭୦୦୮୨୪୧୨୮୭


### ତାଳମେଳ
**ବିକାଶୀ ପ୍ରିୟଦର୍ଶିନୀ ରାଉତ**



ବିଶାଳ ନଭ ତଳେ
ତଉଲୁଛି ମୁଁ ତାଳମେଳର
ତର୍କ ତରୁ ମୂଳେ
ସତ୍ୟତାର ସତେଜ ଆଭା
ଫୁଲେଇ ଦିଏ ଧରାର ଗଭା
ଚେନାଏ ପୁଣ୍ୟ, କରିଛି ଧନ୍ୟ
ସାଉଁଟା ସ୍ମୃତି ମେଳେ ।

ଆଶ୍ରମ ଗୁରୁକୁଳେ
ସଂସ୍କାର ଶିକ୍ଷା ଘୋରିକି ପିଏ
ପୁରୁଷ ପୁଅଟିଏ,
ସଂଠଣା ଶିଖେ ଝିଅଟି ଏଠି
ବତାଏ ମାଆ ସାଉଁଳି ପିଠି
ଗ୍ରନ୍ଥର ବଳ, ରୋଷେଇ ଶାଳ
ଚୁମ୍ବକେ ଚମକୁଥାଏ ।

ସଂସାର ଯେବେ ଜଳେ
କୁପ୍ରଥାର କ୍ରୁର ଦଂଶନେ
ନିଶ୍ୱାସ ବଳିପଡେ,
ବ୍ୟଥିତ ହୁଏ କାହା ଅସ୍ତିତ୍ୱ
ସମାଧି ନିଏ ଦାହର ଚିତ୍ର
ଆଶ୍ୱସ୍ତ ମନ, ଉତୁରା ପଣ
ଗୁଣିଆ ହେଇ ଝାଡେ ।

ଶିକ୍ଷାର ଶକ୍ତି ଆଗେ
ସ୍ୱାଧୀନତାର ଶୁଭ ସ୍ପର୍ଶରେ
ସୁନେଲି ସ୍ୱପ୍ନ ବୁଣେ,
ସମାନତାର ସରହଦ
ଉଚ୍ଛ୍ୱାସରେ ଗଦଗଦ
ମୁକ୍ତିର ଛନ୍ଦ, ଶାନ୍ତିର ରାଗ
ଆବେଗ ଟାଣି ଆଣେ ।

ସମାନ୍ତରାଳ ଗତି
କେବେ ରୋକିଛି ନାରୀକୁ
କେବେ ପୁରୁଷ ସ୍ଥିତି,
ସଂଚିଛି କିଏ ମୁଠାଏ କୋହ
ଛୁଟାଇଛି କେ ଯନ୍ତ୍ରଣା ସୁଅ
ବିଦ୍ରୋହ ଭାବ, ବିକାର ରାଗ
ଖାଇ ଗୋଡ଼ାଏ ନିତି ।

ଛୁପା ଧନର ମୋହ
ଅନୁରାଗର ଆଲେଖ୍ୟରେ
ଦିଶେ ପ୍ରେମମୟ,
ମୁକ୍ତି ଚଉତିଶା କୁତ୍ସିତ କରେ
ଖୋଲାମେଲା ନଗ୍ନ ପ୍ରଦର୍ଶନୀରେ
ବଳଦ ବିନ୍ଧା, ରହେନି ଅଧା
ପୀଡେ ନଶ୍ୱର ଦେହ ।

ସ୍ୱାବଲମ୍ବୀର ଛାଟ
ବେପରୱା ବେଫିକର
ନାରୀତ୍ୱର ଅସ୍ତିତ୍ୱ,
ଔଦ୍ଧତ୍ୟ ଉଚ୍ଛୁଳେ ଅସୀମ ବେଗ ରେ
କୁତ୍ସିତ ସ୍ଥିତି କୁ ଉତ୍ତୋଳନ କରେ
ମସୃଣ ପଥ, ପାଲଟେ ବଥ
ସେଠି ଈଶ୍ୱର ଅସୁସ୍ଥ ।

ମରଦ ଦମ୍ଭ ତଳେ
ମାରିଚାଲେ ଅସୀମ ଇଚ୍ଛାକୁ
କୋହ ଚାପା ବେଳେ,
ଧର୍ଷିତ ହେଉଥାଏ ସ୍ୱାଭିମାନ
ଜଳୁଥାଏ ଅଭିମାନ
ପ୍ରଣୟ ସୁଧା, ସେମିତି ଅଧା
ପାଦ ମଞ୍ଜାବେଳେ ।

ସୀମାର ସରହଦ
ଭରିଯାଉ ସେ ଅନୁରାଗ ର
ଅନୁରକ୍ତି ପରେ,
ସମାନତା ସ୍ୱାଧୀନତା ଆବେଗରେ
ନ କଳୁ କେହି ନିଜକୁ ସର୍ବୋଚ୍ଚରେ
ମୁକ୍ତି ବନ୍ଦୀ, କରୁ ସନ୍ଧି
ଶାନ୍ତି ସଂରଚନାରେ ।


♥ ଶିକ୍ଷୟିତ୍ରୀ, ବଡ଼ପଲ୍ଲୀ ପ୍ରାଥମିକ ବିଦ୍ୟାଳୟ
ବଡ଼ପଲ୍ଲୀ, ରାଜନଗର, କେନ୍ଦ୍ରାପଡ଼ା

# ପ୍ରଜ୍ଞା ଓ ପ୍ରତିଭା ଦିନେ ନା ଦିନେ ପ୍ରତିଭାତ ହୁଏ, ଏଥିରେ ଦ୍ୱିମତ ନାହିଁ : ଅଶ୍ୱିନୀ କୁମାର ଦାଶ

**ଅଶ୍ୱିନୀ କୁମାର ଦାଶ ଓଡ଼ିଆ କବିତା ଜଗତରେ ଗୋଟେ ଛଳଛଳ ଉଚ୍ଚାରଣ । ତାଙ୍କ କବିତାର ଧାଡିମାନଙ୍କରେ ଅନୁଭବୀ ହୁଏ ସ୍ୱତଃସ୍ଫୂର୍ତ୍ତ ଭାବୋଚ୍ଛ୍ୱାସର ସ୍ରୋତସ୍ୱିନୀ ଧାରା । ତାଙ୍କ କବିତାମାନଙ୍କରେ ଅଛି ଚନ୍ଦ୍ରବିଧୌତ ରଜନୀ ପରି ଯେଉଁ ଛଳଛଳ ଭାବ, ମେଘର ବଳୟ ପରି ସମ୍ମୋହନୀ ଶବ୍ଦ ଏବଂ ପ୍ରାର୍ଥନା ପରି ମୋହମୟ ଉପସ୍ଥାପନା ତାହା ତାଙ୍କୁ ଅନ୍ୟମାନଙ୍କ ଠାରୁ ଅଲଗା କରି ଦେଖାଏ । ତାଙ୍କ ସହ ଏଥରର ଆଳାପ...**



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ **କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ଆଦ୍ୟ ସ୍ଫୁରଣ ?**

■■ କବିତା କାହିଁକିର ଉତ୍ତର ଲେଖିବା ମୋ ପକ୍ଷରେ ନିଶ୍ଚିତ ଭାବେ କଷ୍ଟକର । ଶୁଣିଛି, କବିତା କୁଆଡ଼େ ସ୍ୱତଃସ୍ଫୂର୍ତ୍ତ ଭାବୋଚ୍ଛ୍ୱାସର ସ୍ରୋତସ୍ୱିନୀ ଧାରା । ଆତ୍ମିକ, ଆଙ୍ଗିକ ଓ ବିନ୍ୟସ୍ତ ଶବ୍ଦଗୁଚ୍ଛର ତ୍ରିବେଣୀ ସଙ୍ଗମ । ରେଡିଓରୁ ଗୀତ ଶୁଣି ଶୁଣି କାହିଁକି କେଜାଣି ମନ ଟାଣି ହେଇଗଲା ଗୀତ ଲେଖିବାକୁ । ଲେଖୁଥିଲି । କାଟୁଥିଲି । ଚିରି ଦେଉଥିଲି ଫର୍ଦ୍ଦ ଫର୍ଦ୍ଦ କାଗଜ । ପଲ୍ଲୀଗୀତ, ଆଧୁନିକ ଗୀତ ସତ୍ୟସାଇ ଭଜନମାଳା ଓ ଗାଁ ପାଖ ନଈ ଖେଳପଡ଼ିଆ, ଗୋଠ ଫେରା ସଞ୍ଜ ଗୋଧୂଳି ପ୍ରଭୃତି ପଦ ପକେଇ ଗୀତ ଓ ଗୀତିମାଳା । ପ୍ରଖ୍ୟାତ କବିମାନଙ୍କରେ ଛାନ୍ଦ ଚୌପଦୀକୁ ଅନୁକରଣ କରି, ପେଣ୍ଡୁଳେ କାଦୁଅକୁ କୁମ୍ଭକାର ହାଣ୍ଡିମାଠିଆ ଗଢ଼ିଲା ପରି ଲେଖୁଥିଲି ରାଶି ରାଶି ଗୀତ ଓ କବିତା । ଆଜି ମନେପଡୁଛି, ରେଡିଓକୁ ପ୍ରେରିତ ମୋର କତିପୟ ଗୀତରୁ ଗୋଟିଏ/ ଦୁଇଟି ଯେଉଁଦିନ ଗାନ ହେଇଥିଲା, ଆମ ଗାଁ ହାଇସ୍କୁଲର ଜନୈକ ଶିକ୍ଷକଙ୍କ ଅଭିନନ୍ଦନ ଶୁଣି ମୋ ଛାତି ଆନନ୍ଦରେ କୁଣ୍ଢେମୋଟ ହୋଇଯାଇଥିଲା । ସେତେବେଳେ ଯାଇନଥିଲା ଆମ ଗାଁକୁ ବିଦ୍ୟୁତ୍ ସଂଯୋଗ । ଚାରି ପାଞ୍ଚୋଟି ଲଣ୍ଠନର ହୁତୁହୁତୁ ବତିଶିଖାରେ ଆଲୋକିତ ହେଉଥିଲା । ପୁରବନ୍ଦୀ ଘର । ରାତିସାରା ଲଣ୍ଠନ ଆଲୁଅରେ ମୋ ଶୋଇବା କୋଠରୀରେ ଗୀତ ଓ ଢ଼ଗଢ଼ମାଳି ଲେଖିବାରେ ଉଜାଗର ବି ରହୁଥିଲା । ଗାଳି ବି ଖାଉଥିଲି ବାପାଙ୍କ ପାଖରୁ ରାତି ଉଜାଗର ପାଇଁ । ତେଲ ସରିଯାଉଥିଲା ଲଣ୍ଠନରୁ ତ କଳା ପଡ଼ିଯାଉଥିଲା କାଚ । ତଥାପି ସରୁନଥିଲା ଝୁଙ୍କ । ମନେପଡ଼େ ୧୯୭୩ ମସିହା ବୁଢ଼ାବଳଙ୍ଗ ନଈର ପ୍ରଳୟ ବନ୍ୟା କଥା । ଭାସିଗଲା ମୋର ପାଣ୍ଡୁଲିପି । ଧୋଇ ହୋଇଗଲା ମୋ ଅଛପା ଅକ୍ଷରର ଐଶ୍ୱର୍ଯ୍ୟ । କାନ୍ଦିଲି । କୋହରି କୋହରି କାନ୍ଦିଲି । ଯେମିତି କିଏ ମରିଗଲା କି ହଜିଗଲା । ଏମିତି କବିତା ରଙ୍ଗ ହୋଇଗଲି ଯେ ବାପା, ମା', ଅଜା, ଆଈ, ଭାଇଭଉଣୀ, ବାହାଘର, ବ୍ରତଘର ନିମନ୍ତ୍ରଣ ପତ୍ର, ବିଲବାଡ଼ି, କ୍ଷେତ ଖମାର ଚତୁର୍ଦ୍ଦିଗ କେବଳ କବିତା ଆଉ କବିତା । ପ୍ରକାଶନ କଣ, ପ୍ରତିଷ୍ଠା କଣ, ପ୍ରଜ୍ଞା କଣ ମୋତେ ଜଣା ନଥିଲା । ଚାଲୁ ଚାଲୁ ଝୁଂଟି ପଡ଼ିବା ପରି କହୁ କହୁ କବିତା । ସାଙ୍ଗମାନେ ଥଟ୍ଟା କରୁଥିଲେ ଏବଂ କହୁଥିଲେ - ସତେ ଯେମିତି ଅଶ୍ୱିନୀ କବି ହୋଇଯିବ ।

■ **ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ କାହାକୁ ସ୍ମରଣ କରିବେ ?**

■■ ସାନ୍ତାଳ ଜନଜାତି ଅଧ୍ୟୁଷିତ ମୟୂରଭଂଜର ନିପଟ ପଲ୍ଲୀ ଗାଁ ମାଧପୁର ଶାସନ । ଯାହାକୁ ବେଢ଼ଣ କରି ବୋହି ଯାଇଛି ବୁଢ଼ାବଳଙ୍ଗ ନଈ । କୂଳେ କୂଳେ କାଶଫୁଲର ବଗିଚା । ପାର୍ଶ୍ୱରେ ବିସ୍ତୀର୍ଣ୍ଣ ଖେଳପଡ଼ିଆ । ଶାସନୀ ଗାଁର ଦାଣ୍ଡ ତ ବଡ଼ଦାଣ୍ଡ ପରି ପ୍ରଶସ୍ତ । ଗାଁ କହିଲେ ବୁଢ଼ା ବରଗଛ, କଇମଗଛ, ସଞ୍ଜ ଗୋଧୂଳିର ଗୋରୁ ଗୋଠ, ଶସ୍ୟ କ୍ଷେତ୍ର, ବାଡ଼ ଉହାଡ଼ର ତୋରା ତୋରା ଫୁଲ ଓ ବାସ୍ନାରେ ମହକୁଥାଏ ଶାରଦୀୟ ଋତୁର ସମ୍ଭାର । ବାରମାସ ତେର ପର୍ବର ମହକୁମା ମାଧପୁର ଗାଁ/ ହରିହାଟ ଓ ସପ୍ତାଙ୍ଗ ପୋଥିପର୍ବର ଅବିସ୍ମରଣୀୟ ଉଲ୍ଲାସ । ମେଞ୍ଚାଆଡି ବାଡ଼ଘେରା ଚାଟଶାଳୀର ପ୍ରାଙ୍ଗଣ । କୁଆଡ଼େ ଥାଏ କବିତା କେଜାଣି, ଗ୍ରାମୀଣ ନାଭି ନାଡ଼ର ଶବ୍ଦ ଶିହରଣରେ ଶିହରିତ କରେ ମୋର ଅକିଞ୍ଚିତ କବି ପ୍ରାଣର ମାଟି ଓ ମଣିଷ ମନସ୍କ କବିତା । ଏହି ନିରୁତା ଗ୍ରାମ୍ୟ ପରିବେଶ ମୋର ସାରସ୍ୱତ ସୃଜନ କଳାର ଅନ୍ୟତମ ପ୍ରେରଣା । କେହି ବି ଗୁରୁ ବୋଲି ନଥିଲେ କି ନାହାନ୍ତି । ଦେଖୁଁ ଦେଖୁଁ, ଲେଖୁଁ ଲେଖୁଁ, ଶୁଣୁ ଶୁଣୁ ଶ୍ରୁତି ମୋର କୁତୁକୁତେଇ ହେଉଥିଲା । ୧୯୭୦ ମସିହାରେ ବାରିପଦା ଏମ.ପି.ସି ସାନ୍ଧ୍ୟ କଲେଜର ପ୍ରଥମବର୍ଷ ପ୍ରବେଶ ଉତ୍ତାରୁ ଗାଁ ମାଟିର ସେଇ ମଧୁମୟ ଗୀତି କଲ୍ଲୋଳ ନିରବି ଯାଇଥିଲା ଧୀରେ ଧୀରେ । କିନ୍ତୁ ନଛୋଡ଼ ବନ୍ଧା ଜନ୍ମମାଟିର ଆହ୍ୱାନ । ସାମ୍ନାରେ ସହରୀ ସଭ୍ୟତାର ହୁଙ୍କାର । କଲେଜ ମଇଦାନରେ ପାଦ ଦେଉ ଦେଉ ପ୍ରଥମେ ଭେଟିଲି ଲୋମଟାଙ୍କରା ଅଧ୍ୟାପକ ରଣା ହତ୍ୟାକାଣ୍ଡ । ନିର୍ମମ ହତ୍ୟାକାଣ୍ଡର ଦୃଶ୍ୟପଟରେ ମୋ କଲମରେ ଗର୍ଜି ଉଠିଲା ବିଦ୍ରୋହର ଫୁତ୍କାର । ମୁଁ ଲେଖିବସିଲି କବିତା ଶୀର୍ଷକ 'ରଣା ହତ୍ୟାକାଣ୍ଡ' । ଯାହାକୁ କଲେଜର ଜୁବୁଲି ଉତ୍ସବରେ ଓଡ଼ିଆ ଭାଷା ସାହିତ୍ୟର ଏଚ.ଓ.ଡି ଡକ୍ଟର କୃଷ୍ଣଚରଣ ବେହେରାଙ୍କ ସହମତି ଓ ସୁପାରିଶ କ୍ରମେ ପାଠ କରିବାର ସୁଯୋଗ ପାଇଥିଲି ।

■ **କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଆପଣଙ୍କର ଏ ଯାତ୍ରା ?**

■■ ମୋର ଲେଖକୀୟ ଜୀବନର ଆଦ୍ୟ ଓଁକାର ନିଛକ ପଲ୍ଲୀମାଟିର ନିଭୃତ କୋଳରେ ପ୍ରତିଧ୍ୱନିତ ହେଉଥିଲା । କୌଣସି କବି, ଲେଖକ କିମ୍ବା ସାରସ୍ୱତ ସଙ୍ଗଠନ ସହ ସଂପର୍କ ଇ ନଥିଲା । ବାପା, ମା' ଓ ପରିବାର ସଦସ୍ୟଙ୍କ ଗହଣରେ ଗୁଣୁଗୁଣୁ ହେଉଥିଲି । ପୂଜାସଂଖ୍ୟା ମେଗାଜିନ୍ କହିଲେ ଝଙ୍କାର, ନବରବି ଓ ଆସନ୍ତାକାଲି ମେର ପ୍ରିୟ ପତ୍ରିକା ଥିଲା । ବାପା ଓ ମା'ଙ୍କ ନିକଟକୁ ଚିଠି ଦେଲାବେଳେ ଲେଖୁଥିଲି କବିତାରେ । ଲେଖୁଥିଲି ଅଜାଙ୍କ ନିକଟକୁ କବିତାରେ ଚିଠି । ଭଜନ, ଜଣାଣ ଓ ଚଉତିଶା ଇତ୍ୟାଦି ଲିଖନ, ପଠନ ଓ ଶ୍ରବଣରେ ଶ୍ରୁତି ମଧୁର ଲାଗୁଥିଲା ଘରର ପରିବେଶ । ଘରର ଲୋକମାନେ ତାଜୁବ୍ ହୋଇଯାଉଥିଲେ ମୋର ଗୀତ ଓ ଆଶୁ କବିତାର ଶ୍ରବଣରେ । ହଉ ହଉ ଏମିତି ହୋଇଗଲି ଯେ ପଚାଶ ବର୍ଷ ତଳେ ଭଉଣୀର ବାହାଘର ନିମନ୍ତ୍ରଣ ପତ୍ର ବାପାଙ୍କ ସହମତିରେ କବିତାରେ ହିଁ ଲେଖିଥିଲି । ଯାହା ସେବେକାର ପଲ୍ଲୀ ଅଂଚଳରେ ନୂତନ ମାଇଲ୍ ଖୁଂଟ ରୂପେ ବିଦ୍ୟମାନ ହେଲା । କହିଲେ କଥା ଅତ୍ୟୁକ୍ତି ମନେହେବ ଏଇ ପ୍ରକାରେ ଯେ, କବିତାର ଭାବ ରାଜ୍ୟରେ ପାଦଦେଇ ଶବ୍ଦ ଚୟନର ମଗ୍ନତାରେ ବୁଡ଼ି ରହି ମୋର ଛୁଆକୁ ବି ଛାଡ଼ି ଦେଇ ଆସିଥିଲି କଟକ ସହରର ଛତ୍ରବଜାର ଦୋକାନରେ । ସେ ଛୁଆ ଆଜି ୩୭ବର୍ଷର ତରୁଣ, ବିବାହିତ । ସେଥିପାଇଁ ବି ଲେଖିଥିଲି ଗୋଟିଏ କବିତା । ନାଁ ଥିଲା - "ପିଣ୍ଟୁ ପାଇଁ ଗୋଟିଏ କବିତା" । ଯେଉଁ କବିତାଟି ସ୍ଥାନିତ ହୋଇଛି ମୋର ପ୍ରଥମ କବିତା ସଂକଳନ- "ଅସବର୍ଣ୍ଣ ଏକଲବ୍ୟ"ରେ । ଯେଉଁ ଗ୍ରନ୍ଥର ମୁଖବନ୍ଧ ରଚୟିତା ପ୍ରଫେସର ବୈଷ୍ଣବ ଚରଣ ସାମଲ ମହୋଦୟ । କାଳକ୍ରମେ ୧୯୮୭ ମସିହାରେ ରାଜ୍ୟ ସରକାରଙ୍କ ସମବାୟ ବିଭାଗରେ ସମୀକ୍ଷକ (ଅଡିଟର) ପଦବୀରେ ଯୋଗଦାନ କରି ମାସିକ ସମବାୟଧର୍ମୀ ସାହିତ୍ୟ ପତ୍ରିକା 'କଲ୍ୟାଣୀ'ରେ ବରାବର କବିତା ଲେଖିବାର ସୁଯୋଗ ପାଇଲି । ଲେଖୁଁ ଲେଖୁଁ - "କୁସୁମକୁ ଚିଠି" ଶୀର୍ଷକ ସୁଦୀର୍ଘ କବିତା ପାଇଁ ମୋତେ ମିଳିଲା ମହାମହିମ ରାଜ୍ୟପାଳଙ୍କ ଦ୍ୱାରା ପ୍ରଦତ୍ତ ରାଜ୍ୟ ସମବାୟର ଶ୍ରେଷ୍ଠ ଲେଖକ ପୁରସ୍କାର । ବହୁ କବିତା ପ୍ରକାଶିତ ହୋଇ ବିପୁଳ ଅଭିନନ୍ଦନ ପାଇଛି । ପାଇଛି ଅନେକ ଆଞ୍ଚଳିକ ସାଂସ୍କୃତିକ ସଙ୍ଗଠନର ସୃଜନ ସ୍ୱୀକୃତି ଓ ସମ୍ବର୍ଦ୍ଧନା । ମୋର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହେଉଛି ମୋର କାବ୍ୟିକ ଚେତନାକୁ ସାଧାରଣ ପାଠକଙ୍କ ନିକଟରେ ପହଞ୍ଚାଇବା । ନଚେତ୍ ବଣମଲ୍ଲୀ ହେଇ ଫୁଟି ଝଡ଼ି ଯିବାର ଅବସୋସରେ ମୁଁ ରହିଯିବି ମୋ ଭିତରେ ।

■ **ସୃଜନଶୀଳତା କ୍ଷେତ୍ରରେ ଉଦାରତାର ଅଭାବ ଏକ ବିରୋଧାଭାସ ଭଳି ମନେହୁଏ । କଣ କହିବେ ?**

■■ ମନେପଡ଼େ ୧୯୯୦ ମସିହାର କଥା । କଟକସ୍ଥ ଶ୍ରୀରାମଚନ୍ଦ୍ର ଭବନରେ ଓଡ଼ିଆ ଓ ଉର୍ଦ୍ଦୁ ଭାଷା ସମ୍ମିଳିତ ଏକ ଭବ୍ୟ କବି ସମ୍ମିଳନୀର ଆୟୋଜନ ହୋଇଥିଲା । ବରିଷ୍ଠ ତଥା ବିଶିଷ୍ଟ କବି ମାନଙ୍କର ଉକ୍ତ ସମ୍ମିଳନୀରେ ମୁଁ ସ୍ୱରଚିତ କବିତା ପାଠ କରିବାର ସୁଯୋଗରେ ମଂଚକୁ ଉଠିଯାଇଛି କି ନାହିଁ ମୋତେ ମୋ ଲେଖା ସହ ସେଦିନ ସଭାପତିତ୍ୱ କରୁଥିବା କବୟିତ୍ରୀ ମନୋରମା ମହାପାତ୍ର ମୋତେ ମଂଚ ତଳକୁ ଓହ୍ଲାଇ ଦେଇଥିଲେ । ମୁଁ ଉଦାସ ପ୍ରାୟ ହୋଇ ଅଶ୍ରୁଳ ଆଖିରେ ଉଠିଯାଇଥିବା ଚୌକିରେ ଆସି ବସି ପଡ଼ିଲି । ମୋ ବାଁ କଡ଼ରେ ବସିଥିବା ଜଣେ ବର୍ଷିଆନ୍ ସାରସ୍ୱତ ସାଧକ ମୋ ହାତରୁ କବିତାଟିକୁ ନେଇ ପଢ଼ିଲେ ଏବଂ ମୋ ହାତ ଧରି ଜେଜେ-ନାତି ଠାଣିରେ ମଞ୍ଚ ଉପରକୁ ଉଠାଇ ନେଲେ ଏବଂ ସଭାପତିଙ୍କୁ ପ୍ରଶ୍ନ କଲେ । "ମନୋରମା ! ଏ କବିତାଟିକୁ କାହିଁକି ପ୍ରତ୍ୟାଖ୍ୟାନ କଲେ । ଏଇ ଯୁବ କବି ପରା ସୁଦୂର ମୟୂରଭଂଜ ନିଭୃତ ପଲ୍ଲୀ ଗାଁ ମାଧପୁରରୁ ଛୁଟି ଆସିଛନ୍ତି ଏହାକୁ ପଢ଼ି ଶୁଣାଇବା ପାଇଁ ! ସେ ଆମନ୍ତ୍ରିତ ହୋଇ ନଥିଲେ ବି ତାଙ୍କ କବିତାର ଉତ୍କର୍ଷତା ଦୃଷ୍ଟିରୁ ତାଙ୍କୁ ପଢ଼ିବାର ସୁଯୋଗ ଦିଆଯାଉ ।" ସଭାପତି ମହୋଦୟା ଯାହା ଉତ୍ତର ଦେଲେ ଯେତିକି ବିସ୍ମିତ ହେଲି ବିମୁଗ୍ଧ ବି ହେଲି ସେତିକି ।" ମୁଁ ଏଥିପାଇଁ ଦୁଃଖିତ ଗଡ଼ନାୟକ ସାର୍ । କ୍ଷମା କରିବେ । ଆଜି ଆପଣ ସମ୍ମାନିତ ଅତିଥି । ମଞ୍ଚରେ ନବସି ଅଡିଟୋରିମ୍‌ରେ ବସିଛନ୍ତି ଯେ ? ତାଙ୍କୁ ପଢ଼ିବାର ସୁଯୋଗ ଦିଆଯିବ ।" ଯେଉଁ କବିତା ପାଇଁ ଏତେ ଉଦାର- ଅନୁଦାରର ନାଟକ ହୋଇଗଲା, ତାହା ଥିଲା କବି ଗଡ଼ନାୟକ ଓ କବି ସଚ୍ଚି ରାଉତରାୟଙ୍କୁ ନବବର୍ଷର ଅଭିନନ୍ଦନ ଗୀତିକା । ମାଇକ୍‌ରେ କବି ଗଡ଼ନାୟକ ଶବ୍ଦଟି ଶୁଣିଲା ପରେ ମୁଁ ଅପୂର୍ବ ଆନନ୍ଦରେ ଶିହରିତ ହୋଇଥିଲି । କାରଣ, ତାଙ୍କୁ ମୁଁ ସ୍ୱଚକ୍ଷୁରେ କେବେ ଦେଖିନଥିଲି । ତାଙ୍କର କାବ୍ୟକଳା କୃତି ସମୂହର ବାସ୍ନାରେ ବିଭୋର ହୋଇଯାଉଥିଲି । ସର୍ବାନ୍ତକରଣରେ, କହିବି- ସୃଜନଶୀଳତା କ୍ଷେତ୍ରରେ ଉଦାରତାର ଅଭାବ ଅବଶ୍ୟ ଅନୁଭବ୍ୟ । ମାତ୍ର ପ୍ରଜ୍ଞା ଓ ପ୍ରତିଭା ଦିନେ ନା ଦିନେ ପ୍ରତିଭାତ ହୁଏ, ଏଥିରେ ଦ୍ୱିମତ ନାହିଁ ।

■ **କୁହାଯାଉଛି ମାତୃଭାଷା ଏବେ ସଙ୍କଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇପାରିବ କି ?**

■■ ଆମ ମାତୃଭାଷା ଏବେ ସଙ୍କଟରେ । ଏ କଥାକୁ ସହଜରେ ମୁଁ ଗ୍ରହଣ କରିପାରୁନାହିଁ । ଏବେ ତ ବହୁ ସଂଖ୍ୟାରେ ପୁସ୍ତକ ଓ ପତ୍ରପତ୍ରିକା ପ୍ରକାଶ ପାଉଛି । ଲୋକାର୍ପଣ ବି ହେଉଛି । ସାହିତ୍ୟ ଆଲୋଚନା, ଗଳ୍ପ ଓ କବିତା ପାଠୋତ୍ସବର ମନୋଜ୍ଞ ସମାବେଶ ଉପଲବ୍ଧ ହେଉଛି । ସାକ୍ଷାତ୍‌କାର, ପୁରସ୍କାର ଓ ସମ୍ବର୍ଦ୍ଧନା ବି କମ୍ ନୁହେଁ । ତେବେ ସଙ୍କଟ କହିଲେ ବ୍ୟାପକ ପାଠକୀୟତାର ହ୍ରାସ ଏବଂ ଅନୁବାଦୀୟ ଉତ୍ତରଣର ଅଭାବ । ଏଥିରୁ ମୁକ୍ତି ପାଇଁ ଗବେଷଣା, ସମୀକ୍ଷା ଓ ଆଲୋଚନା- ପର୍ଯ୍ୟାଲୋଚନା ଏକାନ୍ତ ଅପରିହାର୍ଯ୍ୟ ।

■ **କବିତାର ଭବିଷ୍ୟତକୁ ନେଇ କେତେ ଆଶାବାଦୀ ? କବିତାରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?**

■■ ଉତ୍ତମ ପ୍ରଶ୍ନଟିଏ । କବି ସଚ୍ଚି ରାଉତରାୟଙ୍କର 'କବିତା -୧୯୬୨' ଗ୍ରନ୍ଥ ପ୍ରକାଶ କାଳରୁ କବିତାର ଆଙ୍ଗିକ ଓ ଆତ୍ମୀକତାରେ ପରିବର୍ତ୍ତନ ସଂଘଟିତ ହେବା ଅବଶ୍ୟ ଅଙ୍ଗୀକାର କୃତ । ୧୯୮୦ ଦଶକରୁ ବୌଦ୍ଧିକତା ନାଁରେ ଆତ୍ମନେପଦୀ କବିତାର କଳେବର ଭିତରେ ସାଧାରଣ ପାଠକୀୟ ଚେତନା ଅବଗାହିତ ନୁହେଁ । ବିବର୍ତ୍ତନ ବା ପରିବର୍ତ୍ତନ ତ ଚିରକାଳ ସ୍ୱାଗତଯୋଗ୍ୟ । ଏଠାରେ ଉଲ୍ଲେଖଯୋଗ୍ୟ ଏହିକି - କବିତା ଥିଲା, ଅଛି ଓ ରହିବ । କବିତାର ଅନ୍ତ ନାହିଁ । କବିତା ତ ମାନସିକ ଚିନ୍ତା-ଚେତନାର ଭାବ ଫଲ୍‌ଗୁ । ବରଂ ଜଟିଳ ଦୁର୍ବୋଧତାରୁ ତରିଯାଇ ରୂପକଳ୍ପ ଓ ପ୍ରତୀକ ଆଧାରିତ ହୋଇ ନିବିଡ଼ ଆଶ୍ଳେଷ ଦେଇ କବିତା ହୋଇଯିବ ପ୍ରାଣାଧାର ପାଠକୀୟ ଚେତନାର ।

■ **ଓଡ଼ିଆ କବିତାର ପାଠକଂକୁ ନେଇ କେତେ ଆଶ୍ୱସ୍ତ ? କଣ କଲେ ସାହିତ୍ୟ ସାଧାରଣ ପାଠକଙ୍କ ନିକଟରେ ପହଞ୍ଚି ପାରିବ ?**

■■ ଇଏତ ଗୋଟିଏ ଗୋଟିଏ କାଳାବଧିର କଥା । ଯେବେଠୁଁ କବିତା ହୋଇଗଲା ଗଦ୍ୟଧର୍ମୀ ଓ ପ୍ରତୀକାତ୍ମକ, ସଙ୍ଗୀତ କାବ୍ୟର ଧୂନ୍‌ରେ ଆମୋଦିତ ପାଠକୀୟ ଚେତନା ସହଜରେ ଗ୍ରହଣ କରିପାରିଲା ନାହିଁ ପରିବର୍ତ୍ତିତ କବିତାର ଆଙ୍ଗିକ ଶୈଳୀ । ଘନ ଘୋର ସମାଲୋଚନାର ପାଠକୀୟ ବିଦ୍ରୋହ ସତ୍ତ୍ୱେ କବିତା ବଞ୍ଚିଲା । ଉତ୍ତରିତ ହେଲା । ସରଳ ସାବଲୀଳ ଆବେଗ ରହିତ ଅନ୍ତର୍ଚ୍ଛନ୍ଦକୁ ନେଇ ପୁନରାୟ ପାଠକର କୋଳ ମଣ୍ଡନ କଲା । ଷାଠିଏ ଦଶକରୁ ଅଶୀ ଦଶକ ପାଠନାବୃତ୍ତିରେ ସୀମିତ ହେଲା କବିତାର କଳେବର । ଅବୋଧ୍ୟ ଓ ଦୁର୍ବୋଧତାର ଶୀକାର ହୋଇ ଦୂରେଇଗଲା ସରୋଚର ପାଠକୀୟ ଚେତନାରୁ । ଆପଣା ବିଚାରରେ, ଆତ୍ମଘୋଷିତ ଅତ୍ୟାଧୁନିକ କବି ନିଜର ପ୍ରେମର ପ୍ରତିଫଳନରେ ପାଗଳ ହୋଇ ମରୁଥିବାରୁ ସାହିତ୍ୟର ଚେହେରା ପରାଂପୁଷ୍ଟ ପରି ମନେହେଲା । ସାହିତ୍ୟ ଘର ଓ ଭାଗବତ ଟୁଙ୍ଗୀ ପରି ଗାଁ ଗାଁକା ସାହିତ୍ୟ ଅଦାଲତ, ପଥପ୍ରାନ୍ତୀୟ କବିତା ଆସର ଓ ସାହିତ୍ୟ ସର୍ଜନାର ଅନୁବାଦିକ ସ୍ୱରୂପର ଉଦ୍‌ଭାବନାକୁ ସମ୍ଭାବନାରେ ପରିଣତ କରାଇପାରିଲେ ସାହିତ୍ୟର ସର୍ବ ଜନାଦୃତି ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଉତ୍କର୍ଷ ପଙ୍କ୍ତିମାଳାର ଭାବ ଗାମ୍ଭୀର୍ଯ୍ୟ କାଳବକ୍ଷର ଲାଲ ଅକ୍ଷରେ ଉତ୍‌କୀର୍ଣ୍ଣ ହୋଇ ରହିବ, କାଳକୁ କାଳ ଏହିମତେ ।

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ କହିବାକୁ ଗଲେ- ଆମର ସୃଷ୍ଟି ଦରକାର, ସମ୍ଭାର ଦରକାର । ଆଦୃତି ଦରକାର, ଆଶ୍ଳେଷ ବି ଦରକାର । ମଞ୍ଜିର ଅଙ୍କୁରୋଦଗମ୍ ପାଇଁ ଯେପରି ଜଳ, ବାୟୁ ଓ ଉତ୍ତାପ ଆବଶ୍ୟକ ହୋଇଥାଏ, ଲେଖକର ସୃଜନ ଶକ୍ତିର ବିକାଶ ପାଇଁ ସମ୍ବର୍ଦ୍ଧନା ବା ପୁରସ୍କାର ଅନିବାର୍ଯ୍ୟ । ମୁଁ, ସ୍ୱୀକୟ ମତାଧିକାର ପରିପ୍ରେକ୍ଷୀରେ ଏହି କଥା ଏଠାରେ କହିପାରେ କି ପାଠକୀୟ ଆଦୃତି ଠୁଁ ପୁରସ୍କାରର ଦୀପ୍ତି କେବେ ପ୍ରଜ୍ୱୋଳି ନୁହେଁ । ଲେଖିଚାଲ । ସମୟ ଆସିବ ଦିନେ ହେଲେ ତମେ ଲବ୍ଧ କରିବ ପୁରସ୍କାର ।

❤❤

■ **ଅଶ୍ୱିନୀ କୁମାର ଦାସ**



ପିତା: ସୋମନାଥ ଦାଶ
ମାତା: ଶ୍ରୀମତୀ ଛାୟାମଣି ଦାଶ
ଜନ୍ମ : ୨୦ ଜାନୁଆରୀ ୧୯୫୩ ମସିହା
ଠିକଣା: ସିଦ୍ଧେଶ୍ୱର କଲୋନୀ, ଜାନୁଗଂଜ, ରେମୁଣା, ବାଲେଶ୍ୱର
ବୃତ୍ତି : ଅବସରପ୍ରାପ୍ତ ଓଡ଼ିଶା ସରକାରଙ୍କ ସମବାୟ ସମୀକ୍ଷା ବିଭାଗରେ ଜଣେ ବରିଷ୍ଠ ସମୀକ୍ଷକ (ଅଡିଟର)

**ପ୍ରକାଶିତ ପୁସ୍ତକ:**

୧-ଅସବର୍ଣ୍ଣ ଏକଲବ୍ୟ (କବିତା ସଂକଳନ) - ୧୯୯୫
୨-ଚଇତି ସଂଜେ ମାଦଳ ବାଜେ (ଆଦିବାସୀ କବିତା ସଂକଳନ) - ୧୯୯୭
୩-ସ୍ମୃତିଶିଳା- ୧୯୮୯
୪-ଧୁଁ... ଧୁଁ... ଧୁଁ ... ଧୁମୁଷା ବାଜେ (ଆଦିବାସୀ ଶିଶୁ କବିତା)- ୧୯୯୭
୫-ମହୁଲ ଫୁଲର ସକାଳ (ଆଦିବାସୀ କବିତା ସଂକଳନ) - ୨୦୦୮
୬-ଟିକି ପିଲାଟିର ଟୁକୁରା ଗୀତ (ଶିଶୁ କବିତା ସଂକଳନ) - ୨୦୧୦

**ପ୍ରକାଶ ଅପେକ୍ଷାରେ:**

ନିଷିଦ୍ଧ କୋଠାରୀ (ସମବାୟଧର୍ମୀ କବିତା ସଂକଳନ)
ମାଲୁଣୀ ନଈର ଗାଁ (ଆଦିବାସୀ କବିତା ସଂକଳନ)



ମାନ୍ୟବର ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବାର ସ୍ମରଣୀୟ ମୁହୂର୍ତ୍ତ...



ସୁଖୀ ପରିବାର : ପୁଅ ବୋହୂ, ନାତି ଓ ପତ୍ନୀଙ୍କ ସହ କବି ଅଶ୍ୱିନୀ ଦାଶ...



ପ୍ରାଣପ୍ରିୟା ପତ୍ନୀଙ୍କ ସହ କବି ଅଶ୍ୱିନୀ ଦାଶ...

# ପ୍ରଥମ ବିଦେଶ ଯାତ୍ରା

## ନନ୍ଦିତା ମହାନ୍ତି

# ମୋ ଝର୍କାରୁ ଆମେରିକା...

ଭାଗ-୯




ଏଇ ସମୟରେ ଦେଖିଲି ବାମ ପଟେ ଥିବା ରାସ୍ତାକୁ ଡେଇଁ କେହି ଜଣେ ଦ୍ରୁତ ବେଗରେ, ପାଖାପାଖି ଦଉଡି ଦଉଡି ଆସୁଛି ମୋ ଆଡକୁ । ସେଇ ଡେନିମ ଜିନ୍ସ ଓ ଫିକା ହଳଦିଆ ଟି ସାର୍ଟ, ଯେଉଁଥିରେ ଲେଖାଥିଲା 'ଡିଅରେଷ୍ଟ ମମ'.... ଝିଅ ମିକି ଆସୁଥିଲା ମୋ ଆଡକୁ । ହାତରେ ଫୁଲତୋଡା, ପଛେ ପଛେ ଜୋଇଁ ଚିକୁ । ମୋ ହାତକୁ ଫୁଲତୋଡାଟିକୁ ବଢେଇ ଦେଇ ଦୁହେଁ ନଇଁ ପଡିଲେ ମୁଣ୍ଡିଆ ମାରିବାକୁ ।

ଜନ୍.ଏଫ୍. କେନେଡି ଏୟାରପୋର୍ଟରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ଛଅ । ହେଲେ ଚାରି ଆଡେ ଚିକ୍ ଚିକ୍ ଖରା । ସତେ କି ଦ୍ୱିପ୍ରହର । ମୋବାଇଲରେ ଦେଖାଉଥିବା ସମୟ ଉପରେ ବାରମ୍ବାର ସନ୍ଦେହ ଭରା ନଜର । ସମୟ ଆଉ ଭୁଲ ଦେଖାଉନି ତ । ଭାରତୀୟ ସମୟ ଓ ଆମେରିକାର ସମୟ ମଧ୍ୟରେ ପାଖାପାଖି ୯.୩୦ ଘଣ୍ଟାର ପ୍ରଭେଦ । ଆମେ ସମୟରେ ଆଗୁଆ । ଅର୍ଥାତ ଆମେ ପ୍ରଥମେ ସୂର୍ଯ୍ୟୋଦୟ ଦେଖୁ । କେଡେ ଆଚମ୍ବିତ କଥା ନୁହେଁ । ପୃଥିବୀର ଗୋଟିଏ କୋଣରେ ଲୋକମାନେ ସୂର୍ଯ୍ୟର ଆଗମନରେ ଫଳକ ଖୋଲୁଥିଲା ବେଳେ ଆଉ ଏକ କୋଣରେ ଲୋକମାନେ ଶୋଇବାକୁ ଶେଯ ସଜାଡୁଥାନ୍ତି । ମୁଁ ପୁଣି ଥରେ ମୋବାଇଲକୁ ଚାହିଁଲି । ଏଥିରେ ତ ସମୟ ମନକୁମନ ପରିବର୍ତ୍ତନ ହେବା କଥା ନା !

ଏୟାରପୋର୍ଟ ଗେଟରୁ ବାହାରି ମୁଁ ଚାରିଆଡେ ଏକ ଆଶାୟୀ ଦୃଷ୍ଟି ପହଁରେଇ ଆଣିଲି । ଏତେ ଲୋକଙ୍କ ଭିତରେ ଦିଶିଯିବ କି ମୋତେ ସେଇ ଚିର ଆକାଂକ୍ଷିତ ଚେହେରା ଯାହାକୁ ଦେଖିବାକୁ ମୁଁ ସାତ ସମୁଦ୍ର, ତେର ନଈ ପାରି କରିଆସିଛି । ଚାଲିଆସିଛି ଏକୁଟିଆ ଏତେ ଦୂର ଏକ ଅଜଣା ମୂଲକକୁ । ନା, କେଉଁଠି ହେଲେ ଦିଶିଲାନାହିଁ ସେଇ ଚେହେରା । ତେବେ କଣ ମୋତେ ନେବାକୁ କେହି ଆସିନାହାନ୍ତି ? ଏମିତି ଏକ ଚିନ୍ତା ମୁଣ୍ଡର କେଉଁ କୋଣରେ ଦସ୍ତକ ଦେବା କ୍ଷଣି ମୁଁ ଶିହରି ଉଠିଲି ଭୟରେ । ମୁଁ ପିଲାମାନଙ୍କ ସହିତ କୁୱେତରେ ଥିଲା ବେଳେ ଯାହା କଥା ହୋଇଥିଲି । ତାପରେ ଯେହେତୁ ମୋବାଇଲ କାମ କରୁ ନ ଥିଲା ତେଣୁ କରି କଥାବାର୍ତ୍ତା ହେବାର ସୁଯୋଗ ନ ଥିଲା । ମୁଁ ଥିଲି ସନ୍ଦିହାନ ଓ ଭୟଭୀତ ମଧ୍ୟ । ତେବେ ସେମାନେ କଣ ମୁଁ ପହଞ୍ଚିବା ବିଷୟରେ ଜାଣି ପାରିନାହାନ୍ତି ! ଆଉ ଯଦି ସତକୁ ସତ ଜାଣି ନ ଥିବେ ତେବେ ! କଣ କରିବି ମୁଁ ? କୁଆଡେ ଯିବି ? ଯଦିଓ ମୁଁ କୁୱେତରେ ମଧ୍ୟ ଏପରି ଏକ ବିପଦର ସାମ୍ନା କରିଥିଲି ହେଲେ ସେଠାରେ ଏୟାରପୋର୍ଟ ଭିତରେ ଥିଲି । ହେଲେ ଏବେ ଏୟାରପୋର୍ଟ ବାହାରେ, ଏକ ଅପରିଚିତ ପୃଥିବୀରେ । ଏକ ଆଶଙ୍କିତ ଦୃଷ୍ଟିରେ ମୁଁ ପଛକୁ ବୁଲି ଚାହିଁଲି । ମୋ ପଛରେ ଥିବା ଏୟାରପୋର୍ଟ ଗେଟ ବନ୍ଦ ହୋଇ ସାରିଥିଲା । ସେଇ ଗେଟ ଦେଇ ଥରେ ବାହାରି ଆସିଲେ ଆଉ ଭିତରକୁ ଯିବାର ଅନୁମତି ନାହିଁ ।ଏକ ଅଜ୍ଞାତ ଭୟ ମୋ ଉପରେ ସବାର ହେବାକୁ ଲାଗିଥିଲା । ଭୟ ବୋଧହୁଏ ଏଇପରି ଏକ ମଉକାର ଖୋଜରେ ଥାଏ । ବେଳ ଉଣ୍ଡି ଧଣ୍ଡସାପଟିଏ ବ୍ରାହ୍ମଣୀ ବେଙ୍ଗର ବେକକୁ ମାଡି ବସିଲା ପରି । ହେଲେ ମୁଁ କୋଉ ଏବେ ଛାଡିବା ଜନ୍ତୁ ଯେ । ଭୟର ରାକ୍ଷସକୁ କାବୁ କରିବାକୁ ଯାଇ ମୁଁ ଦୁଇ ଥର ଜୋରରେ ନିଶ୍ୱାସ ନେଲି । ଶୁଣିଥିଲି ଭୟକୁ କାବୁ କରିବାକୁ ଇଏ କୁଆଡେ ଏକ ଅମୋଘ ଅସ୍ତ୍ର । ମନକୁ ବୁଝେଇଲି, ଏତେ ଅସୁବିଧା ଭିତରେ ଏତେଗୁଡାଏ ବାଟ ଆସିଗଲି , ଆଉ ଏବେ ଡରିଯିବି ? ନା ....... ମୋର ଅନ୍ତର୍ମନରେ ଏମିତି ବାକବିତଣ୍ଡା ଚାଲିଥିଲା ବେଳେ ହଠାତ କାନରେ ପଡିଲା କିଛି ଚିହ୍ନା ଚିହ୍ନା ଶବ୍ଦ । ଆଉ ସେଇ ଶବ୍ଦସବୁ ଉଚ୍ଚାରିତ ହୋଇଥିଲା ହିନ୍ଦୀରେ । କିଛି ଲୋକ ହିନ୍ଦୀରେ କଥାବାର୍ତ୍ତା ହେଉଥିଲେ । ହଠାତ ମୁଁ ଭୁଲିଗଲି ଯେ ମୁଁ ଆମେରିକାରେ ଅଛି ବୋଲି । ଆପେ ଦୃଷ୍ଟି ମୋର ଚାଲିଗଲା ସେପଟେ । ଅନେକ ଲୋକ ଏୟାରପୋର୍ଟର ଦରଜା ଦେଇ ବାହାରକୁ ଆସୁଥିଲେ । ସେମାନଙ୍କ ମଧ୍ୟରେ ଅନେକ ଲୋକ ଭାରତୀୟ ପରି ଦିଶୁଥିଲେ । ହେଲେ ତାହା ସେମାନଙ୍କର ସ୍ୱର ନ ଥିଲା । ତିନି/ଚାରି ଜଣ ମୋଟା, ଡେଙ୍ଗା ଲୋକ ସମ୍ଭବତଃ ହରିୟାନା କିମ୍ବା ଗାଜିଆବାଦ ଅଞ୍ଚଳର (ଭାଷାରୁ ଲାଗୁଥିଲା) ସେଇ ଯାତ୍ରୀମାନଙ୍କୁ ଅଟକେଇ ନିଜ ଟ୍ୟାକ୍ସିରେ ଯିବାକୁ ପ୍ରବର୍ତ୍ତାଉଥିଲେ । ସେମାନେ ସମସ୍ତେ ଥିଲେ ଟ୍ୟାକ୍ସି ଡ୍ରାଇଭର । ଆମେରିକା ମାଟିରେ ପାଦ ଦେଇଥିବା ନିଜ ଦେଶର ଲୋକଙ୍କୁ ସେମାନେ ନିଜ ଟ୍ୟାକ୍ସିରେ ଯିବାକୁ ଜୋର ଜବରଦସ୍ତି, ଏପରିକି ହାତକୁ ଧରିପକେଇ ଭିଡାଓଟରା କରିବାକୁ ବି ପଛଉ ନ ଥିଲେ । ଯାତ୍ରୀଙ୍କୁ ନିଜ ଗାଡିରେ ନେବା ପାଇଁ ସେମାନଙ୍କ ଭିତରେ ପ୍ରତିଯୋଗିତା ଆରମ୍ଭ ହୋଇ ଯାଇଥିଲା । ଯେମିତି ଭୁବନେଶ୍ୱର ରେଲଷ୍ଟେସନରେ ଟ୍ୟାକ୍ସି ଓ ଅଟୋ ଡ୍ରାଇଭରମାନେ କରନ୍ତି । ତୁମେ ଟ୍ରେନରୁ ଓହ୍ଲେଇଥିବ କି ନାହିଁ ଲାଗିଯିବେ ପଛରେ ଜୋକ ପରି । କିଛି ଯାତ୍ରୀ ତାଙ୍କୁ ଆଡେଇ ଦେଇ ଚାଲି ଯାଇଥିଲେ । ଆଉ କିଛି ସେମାନଙ୍କ ଟ୍ୟାକ୍ସିରେ ଯିବାକୁ ରାଜି ହୋଇ ତାଙ୍କ ସହିତ ଯାଇଥିଲେ । ଆଉ କିଛି ରହି ଯାଇଥିଲେ ସବାରୀ ନ ପାଇ । ସେଇଥିରୁ ତାଙ୍କ ଭିତରେ ଯୁକ୍ତିତର୍କ ଓ ଝଗଡା ଆରମ୍ଭ ହୋଇ ଯାଇଥିଲା । ଝଗଡା ଏତେ ଜୋର ଧରିଲା ଯେ ଏୟାରପୋର୍ଟ ସିକ୍ୟୁରିଟିବାଲା ବାହାରକୁ ଆସି ଇଙ୍ଗିତରେ ସେମାନଙ୍କୁ ସେଠାରୁ ଚାଲିଯିବାକୁ ଇସାରା କଲା । ମୋ ମୁହଁ କିନ୍ତୁ ଲାଜରେ ପୋଡି ଯାଉଥିଲା । ଛିଃ , ଛିଃ ଯୁଆଡେ ଗଲେ ନାଁ ପକେଇଲେ ଭାବି । ସିକ୍ୟୁରିଟିବାଲା ଇସାରା କରିବା କ୍ଷଣି ସେମାନେ କିନ୍ତୁ ସେଠାରୁ ଚାଲି ଯାଇଥିଲେ ।





ଏବେ ମୁଁ ପୁଣି ଫେରିଆସିଲି ନିଜ ଭିତରକୁ । ଏତେ ସମୟ ଛିଡା ହୋଇ ଗୋଡ କାଟିବାରେ ଲାଗିଥିଲା । କିନ୍ତୁ ଏତେଗୁଡାଏ ଲଗେଜ ଧରି ମୁଁ କୁଆଡେ ହେଲେ ଯାଇ ପାରୁ ନଥିଲି । ଡର ଲାଗୁଥିଲା, ଝିଅଜୋଇଁ ଆସି ମୋତେ ଏଠି ଖୋଜି ପାଇବେନି ଯଦି ! ଏୟାରପୋର୍ଟ ଗେଟରୁ ଟିକେ ଛାଡି ପଡିଥିଲା ଧାଡି ଧାଡି ହୋଇ ଚେୟାର ବସିବା ପାଇଁ ହେଲେ ମୁଁ ଠିକ୍ ଗେଟ କଡରେ ହିଁ ଛିଡା ହୋଇ ରହିଥିଲି ଯେମିତି ମୁଁ ସେମାନଙ୍କର ଆଖିରେ ତୁରନ୍ତ ପଡିଯିବି । ସମୟ ଗଡୁଥିଲା । ଏୟାରପୋର୍ଟରେ ଥିଲା ପ୍ରବଳ ଭିଡ । ଲୋକମାନେ ଯାଉଥିଲେ, ଆସୁଥିଲେ । ହେଲେ ମୋର ଆକାଂକ୍ଷିତ ଚେହେରା .......ଏଇ ସମୟରେ ଦେଖିଲି ବାମ ପଟେ ଥିବା ରାସ୍ତାକୁ ଡେଇଁ କେହି ଜଣେ ଦ୍ରୁତ ବେଗରେ, ପାଖାପାଖି ଦଉଡି ଦଉଡି ଆସୁଛି ମୋ ଆଡକୁ । ସେଇ ଡେନିମ ଜିନ୍ସ ଓ ଫିକା ହଳଦିଆ ଟି ସାର୍ଟ, ଯେଉଁଥିରେ ଲେଖାଥିଲା 'ଡିଅରେଷ୍ଟ ମମ'.... ଝିଅ ମିକି ଆସୁଥିଲା ମୋ ଆଡକୁ । ହାତରେ ଫୁଲତୋଡା, ପଛେ ପଛେ ଜୋଇଁ ଚିକୁ । ମୋ ହାତକୁ ଫୁଲତୋଡାଟିକୁ ବଢେଇ ଦେଇ ଦୁହେଁ ନଇଁ ପଡିଲେ ମୁଣ୍ଡିଆ ମାରିବାକୁ । ମୁଁ ସେମାନଙ୍କୁ କୋଳେଇ ନେଲି ପ୍ରବଳ ଆବେଗରେ । ମୋର ଦୁଇ ଆଖିରେ ଚହଲିଗଲା ଦୁଇ ଧାର ଲୁହ । ଦୁହେଁ ବ୍ୟସ୍ତ ହୋଇପଡିଲେ । ଜୋଇଁ କହିଲେ, "ସରି, ଟିକେ ଡେରି ହେଇଗଲା । ଫସି ଯାଇଥିଲୁ ଟ୍ରାଫିକରେ । ଆପଣ ନିଶ୍ଚୟ ବ୍ୟସ୍ତ ହୋଇ ପଡିଥିବେ । ଚାଲନ୍ତୁ ଯିବା, ଗାଡି ମୁଁ ରାସ୍ତା ସେପଟେ ପାର୍କ କରିଛି ।"

ଗାଡିରେ ବସିବା ପରେ ପରେ ଦୁଇଜଣ ମୋତେ ପ୍ରଶ୍ନ ପଚାରି ପଚାରି ଆକ୍ରାମକ୍ରା କଲେ। ଯେମିତି, "ରାସ୍ତାରେ କିଛି ଅସୁବିଧା ହେଇନି ତ ? ଏରୋପ୍ଲେନରେ ଠିକ୍‌ରେ ଖାଇଚ ତ ? ଚେକିଂ ବେଳେ ବେଶୀ କିଛି ପଚରାପଚିରି କରି ନାହାନ୍ତି ତ ? ତୁମେ ଠିକ୍‌ରେ ଶୋଇଛ ତ ?" ଏମିତି କେତେ କଣ । ଏବେ ଲାଗୁଥିଲା ସତକୁ ସତ ଝିଅ ମୋର ବଡ ହେଇଯାଇଛି । ଏତେ ବଡ ଯେ ସିଏ ଏବେ ମୋତେ ତାର ଝିଅ ବୋଲି ଭାବୁଛି । ସେମାନଙ୍କୁ ଲୁଚେଇ ପୋଛି ନେଲି ମୁଁ ଉଦ୍ଗତ ଅଶ୍ରୁକୁ ।

ଝିଅର ଲାଇଭ କମେଣ୍ଟ୍ରି ଆରମ୍ଭ ହେଇ ଯାଇଥାଏ । ଏଇ ଦେଖ ମାମା ଜର୍ଜ ୱାସିଂଟନ ବ୍ରିଜ । ଏହି ବ୍ରିଜ ହଡସନ ରିଭର ଉପରେ ତିଆରି ହେଇଛି । ସସପେନସନ ବ୍ରିଜ, ଯାହା ନିଉୟର୍କକୁ ଯୋଗ କରୁଛି ନ୍ୟୁଜର୍ଶୀ ସହିତ । ରାସ୍ତାରେ ଏମିତି ବହୁତ ଜାଗା ଆସିଲା । ନିଉୟର୍କ ଠାରୁ ନିଉଜର୍ଶୀର ଦୂରତା ପାଖାପାଖି ୪୧.୪ ମାଇଲ, କାର ଯୋଗେ ଲାଗେ ପ୍ରାୟ ୫୦ ମିନିଟ ସମୟ । ରାସ୍ତାରେ ପଡେ ଜର୍ଶୀ ସିଟି, ନେଓ୍ୱାକ, ହେରିସନ, ଏଡିସନ, ଇଷ୍ଟ ଓରେଞ୍ଜ ଇତ୍ୟାଦି । ସବୁ ସ୍ଥାନ ବିଷୟରେ ଧାରା ବିବରଣୀ ଦେଉଥାଏ ଝିଅ । କେମିତି ଏକ ଶିହରଣ ଜାଗୁଥାଏ ମନରେ । ରୋମାଞ୍ଚିତ ହେଉଥାଏ ମୁଁ । ମୁଁ ଏବେ ମୋ ଦେଶ ଠାରୁ ହଜାର ହଜାର ମାଇଲ ଦୂରରେ । ପୃଥିବୀର ଏକ ଭିନ୍ନ ଇଲାକରେ । ଆମେରିକା ..... କୁହାଯାଏ ଆମେରିକା ହେଉଛି ପୃଥିବୀର ସବୁଠାରୁ ଶକ୍ତିଶାଳୀ ଓ ଉନ୍ନତ ଦେଶ । ଯେଉଁ ଦେଶ ବିଷୟରେ କେବେ ବହିରେ ପଢିଥିଲି ଓ ତାକୁ ନେଇ ଏକ ଚିତ୍ର ଆଙ୍କିଥିଲି ମନର କାନଭାସରେ, ଏବେ ମୁଁ ସେଇ ସ୍ଥାନରେ ସ୍ୱଦେହରେ । କେଡେ ରୋମାଞ୍ଚକର ଅନୁଭୂତି ସତେ !

ଅନୁସନ୍ଧିତ୍ସୁର ଦୃଷ୍ଟି ନେଇ ମୁଁ ଚାହୁଁଥିଲି ଚାରିଆଡେ । ଫିନ ଫିନ ରାସ୍ତା । ଶହ ଶହ ଗାଡି ମଟର ଦୌଡୁଥିଲା ରାସ୍ତାରେ । ରାସ୍ତାର ଦୁଇ କଡେ ନଭଶ୍ଚୁମୀ ବିଲଡିଙ୍ଗ ସବୁ କ୍ୟାଲେଣ୍ଡରର ଚିତ୍ର ପରି ଦିଶୁଥିଲେ ।

ନୂତନର ଆକର୍ଷଣ ସବୁବେଳେ ନିଆରା । ମଣିଷ ନୂଆ କିଛି ପଛରେ ସବୁବେଳେ ପାଗଳ । ଆଉ ମୋ ସାମ୍ନାରେ ଖୋଲିବାକୁ ଯାଉଥିଲା ଏକ ନୂତନ ଦିଗନ୍ତ ।

(ଆରଥରକୁ)

♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

ଆଲୋଚନା

# କଳାର ରମ୍ୟନିର୍ମାଣ ହିଁ କବିତାର ଉତ୍ସ: କବି ଅନ୍ନପୂର୍ଣ୍ଣା ପତିଙ୍କ 'ଶେଷରୁ ଆରମ୍ଭ'

ପ୍ରତ୍ୟକ୍ଷ ଅନୁଭୂତିପ୍ରସୂତ କବିତା ଆତ୍ମୀୟଭାବ ପ୍ରତିଷ୍ଠା କରେ। ବାହ୍ୟବସ୍ତୁର ଅବଲମ୍ବନ କବି-କଳ୍ପନା ରଂଜିତ ହୋଇ କଳାର ରୂପନିଏ। ବ୍ୟକ୍ତିଗତ ଦୁଃଖ-ଯାତନା, ହର୍ଷ-ବିଷାଦ, ଆଶା-ନିରାଶା, ସ୍ମୃତି-ତିକ୍ତ ଦ୍ୱନ୍ଦ୍ୱସଂକୁଳ ସ୍ଥିତି, ଜାଗତିକ ଅନୁଭବ ଓ ତଜ୍ଜନିତ ମାନସିକ କ୍ରିୟା-ପ୍ରତିକ୍ରିୟା କବିତାର ଭାବଭୂମିରେ ହୁଏ ପ୍ରତିସରିତ। କେବେକେବେ ବ୍ୟକ୍ତିଭାବ କବିକୁ ଦାର୍ଶନିକ ଅବବୋଧର ନିକଟବର୍ତ୍ତୀ ମଧ୍ୟ କରାଏ। କବି ନିଜେ ତା' ଚେତନାର ଦିଗନ୍ତବିସ୍ତାରି ଚୌହଦୀ ସମ୍ପର୍କରେ ଥାଏ ଅଜ୍ଞ। ବସ୍ତୁର ପ୍ରତ୍ୟକ୍ଷ ଅନୁଭବର ଅବିକଳ ରୂପ ସଜାଡୁ ସଜାଡୁ ବସ୍ତୁ-ଅନ୍ତଃରାଳରେ ଥିବା ସତ୍ୟ ପାଖରେ କବି କିନ୍ତୁ ପହଞ୍ଚିବାର ଉପକ୍ରମରେ ଥାଏ। ସ୍ୱପ୍ନ, ସମ୍ବେଦନା, ପ୍ରେମ, ବିରହ, ଆନନ୍ଦ ଓ ନିରାନନ୍ଦ ଏସବୁର ନିଚ୍ଛକ ଅନୁଭବ ଭିତରେ ପୁଣି କବି ଆକାଶମାର୍ଗରୁ ପୃଥିବୀର ଚିତ୍ର ଦେଖେ ତ କେବେ ଗଭୀର ସମୁଦ୍ରରେ ପହଁରି କୂଳର ସୌନ୍ଦର୍ଯ୍ୟ ସାଉଁଟେ। ସେତେବେଳେ ମୃତ୍ୟୁପରେ ବି ଜୀବନ ବଂଚିବାର ଆକାଂକ୍ଷା ଜାଗେ। ସକଳ ବାଧାବିଘ୍ନ ଅତିକ୍ରମ କରିଯିବାର ଦୁର୍ବାର ଇଚ୍ଛା ବସାବାନ୍ଧେ ମନରେ। ସ୍ୱପ୍ନ-ରୂପକ ଓ ରହସ୍ୟବୋଧ ଜିଜ୍ଞାସା ଭିତରେ କବିତାର ଶବ୍ଦ ନିର୍ମାଣ କରେ କଳାର କାରିଗରି।


କବି ଅନ୍ନପୂର୍ଣ୍ଣା ପତି ଆମ ସମୟର ଓଡ଼ିଆ କବିତା ଏକ ଲଳିତ ଉଚ୍ଚାରଣ। 'ଶେଷରୁ ଆରମ୍ଭ' ତାଙ୍କର ପ୍ରଥମ କବିତା ସଂକଳନ ହେଲେହେଁ ଏହା ଏକ ପରିପକ୍ୱ କାବ୍ୟ-ସଂଚୟନ ବୋଲି ଦୃଢ଼ାତାର ସହ କହିହେବ। ମୋଟ ୪୨ଟି ମନଛୁଆଁ ଓ ଭାବବୋଧକ କବିତା ଏଥିରେ ସ୍ଥାନିତ। କବି ଗୋଟେ ଅନ୍ତରଂଗ ଶ୍ରଦ୍ଧାପଣ ନେଇ ଜୀବନବୋଧର ଗାଥା ବଖାଣିଛନ୍ତି। କୌଣସି ତତ୍ତ୍ୱ, ବିଦ୍ୟା ଓ ବିଚାରର ଊର୍ଦ୍ଧ୍ୱରେ କବିର ଅବଲୋକନ ଜୀବନଯୋଗ୍ୟ ଓ ରସାତ୍ମକ ହୋଇଛି। କୁହାଯାଏ, କବିତାର ଶୈଳୀ ହିଁ କାବ୍ୟାନନ୍ଦର ଉତ୍ସ। ପ୍ରତ୍ୟେକ କବିର ମଧ୍ୟ ଏକ ନିଜସ୍ୱ ଶୈଳୀ ବା ପ୍ରକାଶରୀତି ଥାଏ। ଏହା ଆକସ୍ମିକ ଭାବେ ଆସେନା। ଧାରାବାହିକ ପ୍ରଯତ୍ନର ଫଳଶ୍ରୁତି। କବି ଅନ୍ନପୂର୍ଣ୍ଣା ପତିଙ୍କ ନିରନ୍ତର କବିପଣର ଅନୁରକ୍ତି ଓ ପରିଣତ ମାନସିକ ଉଚ୍ଚାରଣ ତାଙ୍କୁ କଳାର ରମ୍ୟନିର୍ମାଣ ପାଖରେ ପହୁଞ୍ଚାଇଛି ବୋଲି କୁହାଯାଇପାରେ। 'ଶେଷରୁ ଆରମ୍ଭ' ଏକ ଦର୍ଶନ। ଏପରି ସାଧିବା ଯେତିକି କଷ୍ଟକର, ସେତିକି ଆମୋଦଦାୟକ। ଜୀବନର ସକଳ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଭିତରେ ଆସନ୍ନ ନିରାଶାକୁ ପଛକରି ଦେବାର ପ୍ରବଣତା ହିଁ 'ଶେଷରୁ ଆରମ୍ଭ'ର ବାର୍ତ୍ତା। କବିତାର ପଙ୍‌କ୍ତିରେ କବିଙ୍କର ଏ ଅଭିବ୍ୟକ୍ତି ଲକ୍ଷ୍ୟ କରାଯାଇପାରେ-

"କେହି କିଛି ଶୁଣୁ କି ନଶୁଣୁ / ମୋତେ କିନ୍ତୁ ଆଖିତରାଟି / ଚାହିଁବାକୁ ହେବ ପୂର୍ବଦିଗ / ଛୁଇଁବାକୁ ହେବ ସକାଳର / କଅଁଳିଆ ଖରା / ଆଙ୍କିବାକୁ ହେବ ପୁଣି ମୁହଁସଂଜେ / ଚିଆଁ-ଜଗତ ଚେହେରା / ଶେଷରୁ ଆରମ୍ଭ ପାଇଁ / ସବୁତକ ପ୍ରସ୍ତିତିପର୍ବରେ / ଉଜାଗର ହେବି ରାତିସାରା।" - ଶେଷରୁ ଆରମ୍ଭ

ପ୍ରୋକ୍ତ ସଂକଳନର କବିତାଗୁଡ଼ିକ 'ନିଓରୋମାଣ୍ଟିକ୍ ଚେତନା' ପର୍ଯ୍ୟାୟଭୁକ୍ତ। ଏଥିରେ କେତେଗୋଟି ଗୀତିକବିତା ମଧ୍ୟ ରହିଛି। କବିଙ୍କ ରୋମାଣ୍ଟିକ୍ ଭାବଦୃଷ୍ଟି ଗୀତିମୟ ଅଭିବ୍ୟକ୍ତି ନେଇ ଆତ୍ମପ୍ରକାଶ ଲଭିଛି। ଯଥା- 'ମନର ପରିଭାଷା', 'ମାଆ ଆଗମନୀ', 'ଜୀବନର ରଂଗ', 'ମାଆ', 'ମୋହମୁକ୍ତି' ଇତ୍ୟାଦି। ସେହିପରି ଚତୁର୍ଦ୍ଦଶପାଦୀ କବିତା 'ପ୍ରିୟ ପାଇଁ ସନେଟ୍' ଓ 'ବସନ୍ତ ସନେଟ୍' ଦୁଇଟି ଖୁବ୍ ଉଚ୍ଚକୋଟୀର। ନିୟାମକ କାବ୍ୟପରିଧି-ଯୁକ୍ତ ହୋଇ ମଧ୍ୟ ମୁକ୍ତ-ସରଳ ପଦବିନ୍ୟାସ ଓ ନିତ୍ୟ ବ୍ୟବହାର୍ଯ୍ୟ ଶବ୍ଦାବଳୀ ଜରିଆରେ କବିର ଭାବନା ପ୍ରକାଶ ପାଇଛି। ଇନ୍ଦ୍ରିୟରୁ ଅତୀନ୍ଦ୍ରିୟ ଚେତନାର ସ୍ୱରୂପ କବିତାର ପଙ୍‌କ୍ତିରେ ରହିଛି। ଯେପରି-

"ତୁମୋ ମୋ ବୀଣାର ସୁମଧୁର ତାନ
ଜୀବନଯାତ୍ରାର ଗୀତ
ଲାଗେ ପରିପୂର୍ଣ୍ଣ ଥିଲେ ତୁମ ସାଥେ
ଚାଲୁଥିଲେ ଧରି ହାତ।
ଆକାଶ ପାତାଳ ମିଶି ଯାଇଅଛି ସେ ଯେଉଁ
ଦୋଛକିରେ
ଅଂଧାରକୁ ପିଇଯାଏ ସୁଧାସମ ନଭାବି କିଛି
ମନରେ।"
- ପ୍ରିୟ ପାଇଁ ସନେଟ୍

ଇନ୍ଦ୍ରିୟାତୀତ ଓ ଇନ୍ଦ୍ରିୟଗ୍ରାହ୍ୟର ସମ୍ପର୍କ ଅବିଚ୍ଛନ୍ନ। ସେହିପରି ଲୌକିକତା ମଧ୍ୟଦେଇ ଆସେ ଲୋକତ୍ତୋର ଅନୁଭବ। 'ଦିଗହଜା' କବିତାରେ ମନ ମଧ୍ୟରେ ସଂଜାତ ସକଳ







ନୈରାଶ୍ୟ ଓ ସାଂସାରିକ ଅବିଗୁଣର ସଂଘର୍ଷ ସତ୍ତ୍ୱେ କବି ଦିବ୍ୟଚେତନା ପାଖରେ ନିଜକୁ ସମର୍ପି ଦେଇଛନ୍ତି। ଏହି ଆଧ୍ୟାତ୍ମିକ ଅବବୋଧଟିକୁ ଏଠାରେ ଲକ୍ଷ୍ୟକରନ୍ତୁ-

"ଟିକେ ଆଖିବୁଜି ଦେଖିଲେ / ଶାନ୍ତ, ସ୍ଥିର, ନମ୍ରର ହସଖିଏ / ଦୃଶ୍ୟମାନ ଅତି ନିକଟରେ / ଲାଗେ, ଯାବତ ଦୁଃଖ-ଯନ୍ତ୍ରଣା / ଯେମିତି ଧୋଇ ହୋଇଯାଉଛି / ଧୀରେଧୀରେ, ମହାସିନ୍ଧୁ ନୀରେ।"- ଦିଗହଜା

ସଂକଳନସ୍ଥ 'ଏତିକି ଯଥେଷ୍ଟ', 'ମିଶାଣ ଫେଡ଼ାଣ', 'ସମର୍ପଣ', 'ମହୁଫେଣା' ଓ 'ମୁକ୍ତି' ଇତ୍ୟାଦି କବିତାରେ କବିର ଅନ୍ତର୍ଦୃଷ୍ଟି ବେଶ୍ ଶାଣିତ। ଏଥିରୁ ଏକ ନିର୍ଲିପ୍ତ ଭାବ ଓ ପରମାନନ୍ଦର ପ୍ରାଣପ୍ରାଚୁର୍ଯ୍ୟ ଅନୁଭବ କରିହୁଏ। ଏସବୁ କବିତାରେ 'ତୁମେ' ଶବ୍ଦର ପ୍ରୟୋଗ ଅନେକତ୍ର ପ୍ରିୟତମ ଈଶ୍ୱରଙ୍କୁ ଉପଲକ୍ଷ୍ୟ କରିଛି। କବିତାରେ ସେହି ନୈର୍ବ୍ୟକ୍ତିକ ଅନୁଭବ ପ୍ରକାଶ ପାଇଛି ଏହିପରି-

"ଆଚ୍ଛା କୁହ ତ ! / ତମେ ପଦୁଟିଏ କହିଦେଇ / ଏବେ ଯଦି ଉଭାନ ହୁଅ / ମୁଁ କେମିତି ଲେଖିବି / ଆରପଦକ ଗୀତଗୋବିନ୍ଦର ! / ତମେ ଯଦି ଲୁଚାଇଦେବ / ହାତୁଡ଼ି ଓ ନିହାଣ / କେମିତି ଅବା ସରାଗରେ
ଗଢ଼ାହେବ ଚତୁର୍ଦ୍ଧାମୂର୍ତ୍ତି / ଆମ ଶ୍ରୀମନ୍ଦିରର !" - ସମର୍ପଣ

କବିଙ୍କ 'ସମୁଦ୍ର' ଏକ ଚମତ୍କାର ଷ୍ଟୋରି ଏଲିମେଣ୍ଟର କବିତା। ଯେଉଁଥିରେ ଶୂନ୍ୟ ଅବଶେଷରୁ ସର୍ଜନର ଉତ୍ସକୁ କବି ସନ୍ଧାନ କରିଛନ୍ତି। ବ୍ୟାପ୍ତି ଓ ବିଶାଳତା ହିଁ ଭୂମାର ନିର୍ଯ୍ୟାସ। ସବିଶେଷ ହିଁ ନିର୍ବିଶେଷ। ସମୁଦ୍ର କେବଳ ପ୍ରତୀକ। ସକଳ ଆରମ୍ଭରୁ ଶେଷ, ଏହା ଯେମିତି ଏକ ନିଷ୍ପତ୍ତି। କବିଙ୍କ ଭାଷାରେ- "ସମୁଦ୍ର ନିଜେ ହିଁ ଜାଣେ / ନିଜ ଉ ।ନ-ପତନ-ଶାନ୍ତି-ଅଶାନ୍ତି, / ଦୁଃଖ-ସୁଖ, ହାର-ଜିତ୍, ପ୍ରାପ୍ତି ଓ ଅପ୍ରାପ୍ତି / ସବୁକିଛି ଭିତରେ / ସେ ଏକ ନିର୍ଲିପ୍ତ ବିଚ୍ୟୁତି / ଯେଉଁଠି ଇତି, ସେଇଠୁ / ପୁଣି ହୁଏ ଆରମ୍ଭ ଓ ଉତ୍ପତ୍ତି।" - ସମୁଦ୍ର

କବିଙ୍କ ସୃଜନଧର୍ମୀ କଳା-କଳ୍ପନା ମାନବିକ ଆଶା-ନିରାଶା, ସୁଖଦୁଃଖ, ହସକାନ୍ଦ ଇତ୍ୟାଦି ମଧ୍ୟଦେଇ ଗତିଶୀଳ। ପରିତୃପ୍ତ ଅନୁଭୂତି ପାଇଁ ଜିଜ୍ଞାସା ଓ ସଂଘାତଜନିତ ଦ୍ୱନ୍ଦ୍ୱ ଭିତରେ କାବ୍ୟମନନ ନୈସର୍ଗିକ ଆବେଦନର ଛାପ ରଚିବାରେ ପ୍ରୟାସୀ ହୋଇଛନ୍ତି। ଏଥିରେ ଏକ ସାମଗ୍ରିକ ରୀତିରେ ସାର୍ବଜନୀନ ଭାବ ବେଶ୍ ହୃଦ୍ୟ ହୋଇଛି। ଯେପରି- "ଉଦାସ ମନରେ ଆଙ୍କିବାକୁ ହୁଏ / ଫର୍ଚ୍ଚା ଆକାଶର ଚିତ୍ର / ଶୁଖିଯାଇଥିବା ରଂଗତୂଳୀ / ଓଦାହୁଏ ଆଖି ଲୁହରେ / ମମତାର ଦିଗ୍‌ବଳୟ ଫାଙ୍କେ / ଇହକାଳର ଜମାଟବନ୍ଧା କୋହ / ଫିଟିପଡ଼େ କେବେକେବେ / ଅମାନିଆ ଢଙ୍ଗରେ / ତଥାପି, ବାକିଥିବା ପାପୁଲିଏ ସ୍ୱପ୍ନ / ଉଙ୍କିମାରୁଚି ଘର ଅଗଣାରେ।" - ସ୍ମୃତି

କବି ଅନ୍ନପୂର୍ଣ୍ଣାଙ୍କ କବିତା ବ୍ୟକ୍ତିଗତ ଭାବପ୍ରଧାନରୁ କ୍ରମଶଃ ନିର୍ଲିପ୍ତ ବସ୍ତୁପ୍ରଧାନ ଆଡ଼କୁ ହୋଇଛି ଅନୁଧାବିତ। ସ୍ଥାନ-କାଳ-ପାତ୍ର ବିଶେଷରେ କବିର ଅନୁଭବ ହୋଇଛି ଶାଣିତ। ଯେମିତି 'ନୂଆବର୍ଷ' କବିତାରେ ସମୟକୁ ନେଇ କବିର ଅଭିବ୍ୟକ୍ତି ଦାର୍ଶନିକ ଅବବୋଧକୁ ଛୁଇଁଛି। "ସମୟର ବୁଢ଼ାବର କାଳିଦାସ ସାଜି / ଲେଖିଦେଉ ମାଟିରେ / ଭରାସ୍ୱପ୍ନର କାବ୍ୟ / କହିଦେଉ କାଲି ଯାହା ସତ୍ୟ ଥିଲା / ତାହା ଗୋଟେ ନିହାତି ମିଛଗପ।" - ନୂଆବର୍ଷ

ଯାହା ଜୀବନରେ ହୋଇପାରିନାହିଁ, ସେଥିନିହିତ ଅବସୋସର ଆରୋପରେ ତାଙ୍କ କବିତା ଏକ ଶାବ୍ଦିକ ପ୍ରକ୍ଷେପଣ ମାତ୍ର। ଏ ଦୃଷ୍ଟିରୁ ପ୍ରୋକ୍ତ ସଂକଳନରେ ସ୍ଥାନିତ 'ସ୍ମୃତି ଅପାଶୋରା', 'ମୀମାଂସା', 'ରାତିର ପହରେ', 'ବସନ୍ତ ଉଭାନ', 'ଦୁଃସମୟ', 'ଜହ୍ନରାତି', 'ନୂଆବର୍ଷ', 'ଭୋକ', 'ବୟସର ପାହାଚ', 'ସ୍ୱପ୍ନ', 'ଚିଠି', 'ଭଉଁରୀ', 'ସବୁଥର ଭାବେ', 'ମଲାନଈ', 'ନଈ ପାଣି ନଈକୁ ଯା', 'ବାଲିବନ୍ଧ', ଓ 'ଭୋଗାଭୋଗ' ଇତ୍ୟାଦି କବିତାଗୁଡ଼ିକୁ ଗ୍ରହଣ କରାଯାଇପାରେ। କବିତାରେ ଏହି ଅନ୍ତର୍ମୁଖିନ ସ୍ୱର-ଲହର ଶୁଭେ ଏହିପରି-

"ଜଣେ କାନ୍ଦିଲେ / ଆଉଜଣେ ହସେ / ଆଖିଲୁହରେ ଭିଜେ ପଣତ / ଅନବରତ / ହୃଦଜଳେ, ଅଧୀରହୁଏ ମନ / ଅହରହ କଷଣର / ଅରମା ଘାଟୀତଟ / ଛାତିରେ ଜଡ଼ାଇ / ଚାଲେ ସାଧନା / ଅନ୍ୟ ଏକ ଭଗୀରଥ ପାଇଁ / ଏମିତିବି ହୁଏ / ସମୟ ସୁଅରେ / ଚିତ୍‌ମାତ୍ ହେଇ / ମିଳେଇଯାଏ ମଲାନଈ / ପଡ଼ିରହେ ଅବଶିଷ୍ଟ / ନିଭିଲା ଜୁଇରେ / ଖଣ୍ଡେ ପୋଡ଼ାକାଠ ହେଇ।" - ମଲାନଈ

ସୁତରାଂ କବି ଅନ୍ନପୂର୍ଣ୍ଣା ପତିଙ୍କ ପ୍ରୋକ୍ତ କବିତା ସଂକଳନ 'ଆରମ୍ଭରୁ ଶେଷ' ଏକ ମନୋଜ୍ଞ କାବ୍ୟିକ ଅବଧାରଣାର ଅଦ୍ଭୁତ ସଂଶ୍ଳେଷ। ଆତ୍ମନିଷ୍ଠ ଅନୁଭୂତି ଆଶାତୀତ ଭାବରେ ସମୂହ ଉଚ୍ଛ୍ୱାସକୁ ବହନ କରିଛି। ଏହା ହିଁ କବିର ମନନ ଓ କବିତାର ସୁବର୍ଣ୍ଣ ଗୁଣ।

ଅନ୍ନପୂର୍ଣ୍ଣା ପତି ସାଂପ୍ରତିକ କାଳର ଓଡ଼ିଆ କବିତାର ଏକ ନମନୀୟ ଉଚ୍ଚାରଣ। ଶୃଙ୍ଖଳା ଓ ପରିମିତିବୋଧତା ତାଙ୍କର କାବ୍ୟଜିଜ୍ଞାସା। ରବାଡ଼ମ୍ବରଧର୍ମୀ ଶବ୍ଦର ବିପୁଳ ପୁଂଜିନିବେଶ କରି ପାଠକ ସମାଜ ପାଖରେ ରାଶିରାଶି ରୁଚିହୀନ କବିତା ବାଢ଼ିବାରେ ସେ ସପକ୍ଷବାଦୀ ନୁହନ୍ତି। ସୂଚନା, ସାଦୃଶ୍ୟ ଓ ଦୀପ୍ତି ତାଙ୍କ କାବ୍ୟାନୁଭବକୁ ରସାନ୍ୱିତ ଗୁଣାତ୍ମକତା ପ୍ରଦାନ କରେ। ଶବ୍ଦ ସଂଯୋଜନା, ଛନ୍ଦ-ଯୋଜନା, ଭାଷା-ମୁଗ୍ଧକ ସଂଚରଣ କ୍ଷମତା ଓ ଆବେଗିକ ନିର୍ଲିପ୍ତତା ତାଙ୍କ କବିତାର ବୈଶିଷ୍ଟ୍ୟ। ବସ୍ତୁଜଗତ ଓ ଚେତନା ଜଗତକୁ ସେ ଶବ୍ଦ-ଆଭାସ ଜରିଆରେ ପ୍ରତିବିମ୍ବିତ କରିବାରେ ସମର୍ଥା। କବିର ଆବେଗ ଅନେକତ୍ର ଆତ୍ମନିଷ୍ଠ ଓ ଲାକ୍ଷଣିକ। ନାନାଦି ସୂକ୍ଷ୍ମ ଉପଲବ୍ଧି-ସଂଜାତ ଭାବ ସମୁଜ୍ଜ୍ୱଳ ବିଭବ ହିଁ ତାଙ୍କର କାବ୍ୟକଳା।


୧୯୭୩ରେ ଜନ୍ମିତ କବି ଅନ୍ନପୂର୍ଣ୍ଣା ପତି ଅଧୁନା ରାମବାଗ ରିଜିଓନାଲ କଲେଜ, ଯାଜପୁରରେ ଓଡ଼ିଆ ବିଭାଗ ଅଧ୍ୟାପିକା ଥିବା ବେଳେ ତାଙ୍କ ସ୍ଥାୟୀ ଠିକଣା: ପାର୍କଲେନ୍, ଶ୍ରୀବିହାର କଲୋନି, ଲେନ୍ ନଂ-୩, କେନ୍ଦୁଝର



♥ ସମୀକ୍ଷା : ଡକ୍ଟର ବିଶ୍ୱରଂଜନ ଦାସ
ବିଭାଗମୁଖ୍ୟ ଅଧ୍ୟାପକ,
ବିଏନ୍‌ଏମ୍‌ଏ କଲେଜ, ପାଳିଆବିନ୍ଧା, ଭଦ୍ରକ
ମୋ: ୯୯୩୭୭୭୯୪୫୨

ଦୃଷ୍ଟିକୋଣ-୪

# ଏବେ ପେଟେଣ୍ଟ ମେଡ଼ିସିନ୍‌ର ପ୍ରାସଙ୍ଗିକତା ବଢ଼ିଛି



♥ ଡ. କାଳୀପଦ ପଣ୍ଡା

ବାଲେଶ୍ୱର ଜିଲ୍ଲାର ସୋର ପୌରାଞ୍ଚଳରେ ଚଳିତ ଫେବୃଆରୀ ମାସ ୧୧ ତାରିଖରେ ଘଟିଯାଇଥିବା ଏକ ଆତ୍ମହତ୍ୟା ଜନିତ କରୁଣ କାହାଣୀର ପରିଣତି ଆଜି ଶତବର୍ଷ ପରେ ବି ବ୍ୟାସକବି ଫକୀରମୋହନ ସେନାପତିଙ୍କ ରଚିତ ସେହି କାଳଜୟୀ କାହାଣୀ 'ପେଟେଣ୍ଟ ମେଡ଼ିସିନ୍'ର ପ୍ରାସଙ୍ଗିକତାକୁ ବଢ଼ାଇଦେଇଛି। ବ୍ୟାସକବି ଯେ କେତେ କ୍ରାନ୍ତିଦର୍ଶୀ ଓ ଦୂରଦ୍ରଷ୍ଟା ମନୀଷୀ ଥିଲେ ତାହା ଆଜି ଦିନରେ ଅଧିକ ପ୍ରମାଣିତ ହେଉଛି। ଶତବର୍ଷ ପୂର୍ବର ତାଙ୍କ କାହାଣୀର ପ୍ରାସଙ୍ଗିକତା ଆଜିର ସମାଜରେ ଆହୁରି ବଳବତ୍ତର ହେବାରେ ଲାଗିଛି।

ସୋର ଭୂମିରେ ସଦ୍ୟ ଘଟିଯାଇଥିବା ଘଟଣାଟି ସାରା ମାନବସମାଜ ପାଇଁ ଏକ ସଶକ୍ତ ଆହ୍ୱାନ ତୋଳିଛି। ଆତ୍ମହତ୍ୟାକାରିଣୀ ୫୧ ବର୍ଷୀୟା ସଞ୍ଜୁଲତା ନାୟକ ପ୍ରଥମେ ବିଷ ପିଇ ପରେ ଘର ଭିତରେ ବେକରେ ଫାଶୀ ଲଗାଇ ଝୁଲି ପଡ଼ି ଆତ୍ମହତ୍ୟା କରିଥିଲେ। ଏହି ଆତ୍ମହତ୍ୟା ଘଟଣା ପ୍ରଚାରିତ ହେବା ପରେ ଆତ୍ମହତ୍ୟାକାରିଣୀଙ୍କ ସ୍ୱହସ୍ତ ଲିଖିତ ଯେଉଁ ଚିଠି ଖଣ୍ଡିକ ମିଳିଥିଲା ତାହାର ବିବରଣୀ ଫେବୃଆରୀ ୧୩ ତାରିଖର ବିଭିନ୍ନ ସମ୍ବାଦପତ୍ର ପୃଷ୍ଠାମଣ୍ଡନ କରି ସମସ୍ତଙ୍କ ପାଇଁ ଏକ ଚେତବନୀ ସୃଷ୍ଟି କରିଛି। ହତ୍ୟାକାରିଣୀଙ୍କ ଲିଖିତ ପତ୍ରମୂଳେ ସମ୍ବାଦପତ୍ରର ଶିରୋନାମା ହୋଇଥିଲା "ସ୍ୱାମୀ ମଦ ଛାଡ଼ିଲେନି ବୋଲି.... କୋହଭରା ଚିଠି ଲେଖି ଫାଶିରେ ଝୁଲି ପଡ଼ିଲେ"।

ତାଙ୍କ ଲିଖିତ ପତ୍ରରେ ଥିବା ବର୍ଣ୍ଣନାଟି ଥିଲା ଏହିପରି- "ପ୍ରଭୁ ମୋତେ ବିଦାୟ ଦିଅ। ମୂର୍ଖ ମାନବ ମୁଁ। ଭୁଲ କ'ଣ, ଠିକ୍ କ'ଣ ଜାଣିନି। କାହାକୁ କଷ୍ଟ ଦେବାକୁ ଚାହୁଁନି କି କଷ୍ଟ ସହିବାକୁ ଶକ୍ତି ନାହିଁ। ଶେଷ ଇଚ୍ଛା, ସଂସାରରୁ ବିଦାୟ ନେବି। ଈଶ୍ୱରଙ୍କ ଠାରେ ମୋର ଏତିକି ପ୍ରାର୍ଥନା. ସୃଷ୍ଟି ସୁରକ୍ଷିତ ରହୁ। ସମସ୍ତଙ୍କ ମଧ୍ୟରେ ସ୍ନେହ ମମତା ଥାଉ। ମୁଁ ଯଦି ଅତୃପ୍ତ ଆତ୍ମା ହୁଏ, ତେବେ ମୋତେ ବନ୍ଧେଇ ଦେବ। ମୁଁ ଖୁସିରେ ଭଗବାନଙ୍କ ନିକଟରେ ଆତ୍ମସମର୍ପଣ କରୁଛି। ଯଦି ଏଇଠି ପୋଡ଼ିଲ ତ ଏଇଠି ଶେଷକୃତ୍ୟ କରିବ। ନହେଲେ ଗାଁକୁ ଗାଡ଼ିରେ ପଠେଇବ। ଶୁଦ୍ଧିକ୍ରିୟା କରିବାକୁ କିଛି ପଇସା ଅନାଦି ଘରକୁ ଦେବ। ଇତି ସଞ୍ଜୁର କାହାଣୀ..."।

ମହିଳାଙ୍କ ଶବ ଘର ଭିତରେ ଝୁଲୁଥିବାବେଳେ ପାଖରେ ପଡ଼ିଥିବା ଏମିତି କୋହଭରା ଚିଠିଟିଏକୁ ଯିଏ ବି ପଢୁଥିଲା ଆଖିର ଲୁହ ସମ୍ବରଣ କରିବା ତା ପକ୍ଷେ ସମ୍ଭବ ହେଉନଥିଲା। ବିବରଣୀରୁ ଯାହା ଜଣାପଡ଼ିଲା, ଆତ୍ମହତ୍ୟା କରିଥିବା ମହିଳା ଜଣକ ହେଲେ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅନ୍ତର୍ଗତ ପଥରଖଣି ଗ୍ରାମର। ସେ ବିବାହ ପରେ ସ୍ୱାମୀ ଅନାଦି ନାୟକଙ୍କ ସହ ଦୀର୍ଘବର୍ଷ ଧରି ସୋର ପୌରାଞ୍ଚଳର ଉତ୍ତରେଶ୍ୱର ନିକଟରେ ଏକ ଭଡ଼ାଘରେ ରହିଆସୁଥିଲେ। ଅନାଦି ନିୟମିତ ମଦ ପିଅନ୍ତି ଏବଂ ନିଶାରେ ହିତାହିତ ଜ୍ଞାନ ଭୁଲି ଯାଇ ସଞ୍ଜୁଲତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ନିଜେ ଅନାଦି ବହୁ ବାର ଏଥିପାଇଁ ଦୁର୍ଘଟଣାର ଶିକାର ମଧ୍ୟ ହୋଇଛନ୍ତି।

ସଞ୍ଜୁଲତାଙ୍କ ଭାଇ ଅଭିଯୋଗ ଆଣି କହିଛନ୍ତି ଯେ, ତାଙ୍କ ଭିଣୋଇ ଅନାଦିଙ୍କୁ ମଦ ନପିଇବା ପାଇଁ ତାଙ୍କ ଭଉଣୀ ଯେତେ ବାରଣ କରୁଥିଲେ ମଧ୍ୟ ମଦ ନିଶା ସେ ଛାଡୁନଥିଲେ। ତାଙ୍କ ଭଉଣୀ କିଛିଦିନ ଆଗରୁ ମଦ ନିଶା ନଛାଡ଼ିଲେ ସେ ଜୀବନ ହାରି ଦେବେ ବୋଲି ଚେତାବନୀ ମଧ୍ୟ ଦେଇଥିଲେ। ଘଟଣା ଯେଉଁଦିନ ଘଟିଲା ତା ପୂର୍ବ ରାତିରେ ଅନାଦି ମଦ ପିଇ ଆସିଥିଲେ ଏବଂ ସକାଳୁ ବିଛଣାରୁ ଉଠି ପୁଣି ମଦ ପିଇବାକୁ ଚାଲିଯାଇଥିଲେ। ଏଥିରେ ସଞ୍ଜୁଲତା ଅଧିକ ବ୍ୟଥିତ ହୋଇ ମାନସିକ ଭାରସାମ୍ୟ ହରାଇବସି ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଯାଇଥିଲେ। ତାଙ୍କର ଦୁଃଖ ଓ କ୍ଷୋଭକୁ ସେ ଚିଠିରେ ଲେଖି ରଖିଯାଇଥିଲେ। କିଛି ଘଣ୍ଟା ପରେ ଅନାଦି ଘରକୁ ଫେରି କବାଟ ବାଡ଼େଇଲାବେଳେ ସଞ୍ଜୁଲତା କବାଟ ନଖୋଲିବାରୁ ସ୍ଥାନୀୟ ଲୋକଙ୍କୁ ଡ଼ାକି କବାଟ ଭାଙ୍ଗିଥିଲେ, ସେତେବେଳେ ଘର ଭିତରେ ଝୁଲନ୍ତା ଅବସ୍ଥାରେ ସଞ୍ଜୁଲତାଙ୍କୁ ଦେଖି ତତ୍‌କ୍ଷଣାତ୍ ସମସ୍ତେ ଡ଼ାକ୍ତରଖାନାକୁ ନେଇଥିଲେ। ମାତ୍ର ଡ଼ାକ୍ତର ସେଠାରେ ମୃତ ଘୋଷଣା କରିଥିଲେ।

ଏ ତ ମାତ୍ର ଗୋଟିଏ ନମୁନା। ପ୍ରତ୍ୟହ ଓଡ଼ିଶାର ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ଯାଏଁ ଏହି ମଦ ନିଶାରେ ଉବୁଟୁବୁ ହୋଇ ଧନୀ ଗରିବ ନିର୍ବିଶେଷରେ ଅଧିକାଂଶ ଅକାଳରେ ନାନା ଦୁର୍ଘଟଣାର ଶିକାର ହେଉଛନ୍ତି ତ ପୁଣି ଅକାଳବ୍ୟାଧିରେ ପୀଡ଼ିତ ହେଉଛନ୍ତି। ସଡ଼କଦୁର୍ଘଟଣା ଦିନକୁ ଦିନ ଗଡ଼ିବାର ପ୍ରମୁଖ କାରଣ ହେଉଛି ନିଶା ସେବନ। କେବଳ ମଦ ନୁହେଁ, ମଦ ସମେତ ଚରସ୍, ବ୍ରାଉନ୍‌ସୁଗାର୍, ଗଞ୍ଜା, ଅଫିମ ସମେତ ନିଶା ଇଞ୍ଜେସନ୍ ପ୍ରଭୃତି ଆଜି ପରିବାର ଓ ସମାଜ ଜୀବନକୁ ଅସ୍ତବ୍ୟସ୍ତ କରିପକାଇଲାଣି। ଫକୀରମୋହନ ସେଦିନ ପେଟେଣ୍ଟ ମେଡ଼ିସିନ୍‌ରେ ବାବୁ ଚନ୍ଦ୍ରମଣି ପଟ୍ଟନାୟକଙ୍କୁ ଅବାଟରୁ ବାଟକୁ ଆଣିବା ପାଇଁ ତାଙ୍କ ପରମାସୁନ୍ଦରୀ ଗୁଣବତୀ ପତ୍ନୀ ସୁଲୋଚନାଙ୍କ ହସ୍ତରେ ଧରାଇଦେଇଥିଲେ ପେଟେଣ୍ଟ ମେଡ଼ିସିନ୍ (ଛାଞ୍ଚୁଣୀ)। ହେଲେ ସୁଲୋଚନା କିନ୍ତୁ ଛାଞ୍ଚୁଣୀ ପ୍ରହାର ପରେ ସ୍ୱାମୀ ଦେବତାଙ୍କ ପ୍ରତି ଏଭଳି ଆଚରଣ କରିଥିବାରୁ ପ୍ରଭୁଙ୍କ ଠାରେ କ୍ଷମାଭିକ୍ଷା କରିଥିଲେ।

ଆଜି ଦିନରେ ନିଶାକୁ ମଣିଷ ଖାଉନାହିଁ ବରଂ ମଣିଷକୁ ନିଶା ଖାଇଗଲାଣି। ଯେତେଯେତେ ଅଘଟଣ ପ୍ରତ୍ୟହ ଘଟୁଛି ତା ମୂଳରେ ଏହି ନିଶା ସେବନ ହିଁ ମୁଖ୍ୟ କାରଣ। ଆମ ଦେଶର ଶାସକ କ'ଣ ନିଶା ସେବନକୁ ସଂପୂର୍ଣ୍ଣ ନିଷେଧ କରିବା ଦିଗରେ ଚିନ୍ତା କରନ୍ତି କି? ନିଶା ବ୍ରିକି ମାଧ୍ୟମରେ କ'ଣ ଦେଶର ଅର୍ଥନୀତି ଏତେ ସମୃଦ୍ଧ ହେଉଛି? ସେ ତୁଳନାରେ ଯେତେ ଅଘଟଣ ଘଟି ଦୁର୍ଦ୍ଦିନ ସବୁ ଘଟିଚାଲିଛି, ସେ ଦୃଷ୍ଟିରୁ ନିଶା ଏକ ସୁସ୍ଥ ସମାଜ ଜୀବନ ପାଇଁ ପ୍ରଭୂତ କ୍ଷତିକାରକ ତାହା କ'ଣ ଅନୁଭବ କରି ଏ ଦିଗରେ ସବୁ ସ୍ତରରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଜରୁରି ନୁହେଁ କି? କାରଣ ନିଶାସକ୍ତ ମଣିଷ ସମସ୍ତ କାଣ୍ଡଜ୍ଞାନ ଭୁଲିଯାଇ ଯେକୌଣସି ଅପରାଧ ବି ଘଟାଇବାରେ ପଶ୍ଚାତପଦ ହୁଏନାହିଁ।


ଏଠାରେ ଆଉ ଏକ ସମ୍ବେଦନଶୀଳ ବିଷୟକୁ ଉଦ୍ଧାର ନକଲେ ଏଭଳି ବିଷୟର ଚର୍ଚ୍ଚା କରିବା ଅଧୁରା ରହିଯିବ। ଏବର କେତେକ ରେବତୀ ବି ଏହି ନିଶା ସେବନକୁ ଗୋଟିଏ ଅତ୍ୟାଧୁନିକ ଆଭିଜାତ୍ୟର ନିଦର୍ଶନ ବୋଲି ମନେକଲେଣି। ଏତେବେଳେ ଏହି ପେଟେଣ୍ଟ ମେଡ଼ିସିନ୍ ଘରେ ଘରେ ସୁଲୋଚନାମାନଙ୍କ ହସ୍ତରେ ରହିବା ସହ ଆବଶ୍ୟକସ୍ଥଳେ ବରଂ ପରିବର୍ତ୍ତିତ ହୋଇ ସେଦିନ ନିଶାମୁକ୍ତ ହୋଇଥିବା ଚନ୍ଦ୍ରମଣୀମାନଙ୍କ ହସ୍ତରେ ବି ଧାରଣ ହେବାର ପ୍ରାସଙ୍ଗିକତା ଦେଖାଦେଲାଣି।

♥ ସୂନାରୁଇ, ବି.କଟିସାହି, ସିଂଲା
ବାଲିଆପାଳ, ବାଲେଶ୍ୱର-୭୫୬୦୨୩
ମୋ: ୮୯୧୭୨୫୫୪୯୩

॥ ସ୍ୱୀକାରୋକ୍ତି ॥

# କିଛି କଥା କିଛି ବ୍ୟଥା...

ବିପିନ ମହାନ୍ତି






**ବୋଉ ମରିବାର ଗ୍ଚରି ମାସପରେ ୬ ଜୁନ୍ ୧୯୮୨ରେ ମୁଁ ବିବାହ କଲି। ବିବାହ ମୋ'ପାଇଁ ଦାମ୍ପତ୍ୟ ନଥିଲା ବରଂ ଦାୟିତ୍ୱ ଥିଲା। ସୀମାଞ୍ଚରେ ଏକାକୀତ୍ୱ ସମୟ ସହ ସହବାସ କରିବାରେ କେତେବେଳେ ଯେ ମୋ' ଦାମ୍ପତ୍ୟ ପାକଳ ହୋଇଯାଇଥିଲା ତାହା ମୁଁ ଜାଣିନି। ଖଣ୍ଡବିଖଣ୍ଡିତ ସ୍ୱପ୍ନମାନଙ୍କୁ ଯୋଡୁଯୋଡୁ ବିତିଯାଇଥିଲା ତମାମ ଆୟୁଷ।**

(ଭାଗ-୩)

(ପୂର୍ବ ପ୍ରକାଶିତ ଉତ୍ତାରୁ)

ପୁଅର ସେବା, ଝିଅର ସମବେଦନା, ବଂଧୁବାଂଧବଙ୍କ ଉପଦେଶ ଆଉ ପ୍ରତିବେଶୀଙ୍କ ପ୍ରତିଶ୍ରୁତି ତଳେ କେମିତି ସମାଧି ନେଇସାରିଛି ଗୋଟିଏ ସ୍ୱପ୍ନ, ଗୋଟିଏ ସମ୍ଭାବନା; କାହାଠାରୁ କିଛି ଅଭୀପ୍ସା ବି ନାହିଁ ମୋର। ଏକ ନିଃସଙ୍ଗ ପଦାତିକ ମୁଁ... ଅତୀତର ଅନ୍ଧକାର ଭିତରୁ ବର୍ତ୍ତମାନର ଆଲୋକ ଟିକକ ହିଁ ମୋର ଭରଷା। ଭବିଷ୍ୟତକୁ ସମୟ ହାତରେ ଟେକି ଦେଇଛି। କିଏ ଜାଣିଛି କେଉଁଠି କେତେବେଳେ ଥକ୍କି ପଡ଼ିବି। ବାପାଙ୍କର ଅଧାଗଢ଼ା ସ୍ୱପ୍ନ, ବୋଉର ଅତୃପ୍ତ ଆତ୍ମା ଓ ଭଉଣୀ ମାନଙ୍କର ଆଶାର ଅବସୋସ, ସ୍ତ୍ରୀର ଅସୀମ ଅସନ୍ତୋଷ ଓ ପିଲାମାନଙ୍କର ଅସଂପୂର୍ଣ୍ଣ ଅଭିପ୍ସାର ଲମ୍ୱା ଅଭିଯୋଗର ଫର୍ଦ୍ଦ ସବୁକୁ ସାକାର ରୂପ ଦେବାର ରୂପକାରଟିଏ ଯେ କେତେ ଅସହାୟ କିଏ ବା ବୁଝିବ? ହାରିବାର ଜୟକାରରେ ମୁଖରିତ ମୋ'ଜୀବନର ଦିବ୍ୟ ଅସନ୍ତୋଷ ହିଁ ମୋର ପ୍ରାରବ୍ଧ। ଏଇତ ମୋର ଲହୁଲୁହର କାହାଣୀ, ମୋ' ଜୟ ପରାଜୟର ଗାଥା।।

ଏ ଦଶକର ସବୁଠାରୁ ବଡ଼ ବିପ୍ରତ୍ତି ହେଲା କରୋନା ଯାହାର କରୁଣଚିତ୍ର ମୋ' ଆଖି ଆଗରେ ଉଦ୍‌ଭାସିତ ହୋଇଉଠେ। ସେ ପ୍ରବାସୀ ଶ୍ରମିକଙ୍କ ଘରବାହୁଡ଼ା ହେଉ ବା କ୍ୱାରେନ୍‌ଟାଂଇନ୍ କେନ୍ଦ୍ରରେ ସଂଗରୋଧ ହେଉ। ମୃତ୍ୟୁ ଆସନ୍ନ ଜାଣି ମଧ୍ୟ ନିଜର ମାଆ ପାଖକୁ, ଗାଆଁ ପାଖକୁ, ଆତ୍ମୀୟସ୍ୱଜନଙ୍କ ପାଖକୁ ଫେରି ଆସିବାର ଯେଉଁ ବ୍ୟାକୁଳତା ସେଥିରୁ ମଣିଷ ଶିଖିଲା ବା କ'ଣ? ମଣିଷ ଯେତେ ଉଚ୍ଚକୁ ଯାଉନା କାହିଁକି ତା' ପାଦ ଦୁଇଟା ଯେ ମାଟିକୁ ଛୁଇଁଥାଏ ଏକଥା ଭୁଲିବାର ନୁହେଁ। ମାଆ ପୁଅକୁ ଛୁଇଁବନି, ସ୍ତ୍ରୀ ସ୍ୱାମୀକୁ ଛୁଇଁବନି, ଭାଇ ଭଉଣୀକୁ ଛୁଇଁବନି କି ବିଡ଼ମ୍ବନା ସତରେ! ଶବକୁ ଛୁଇଁବା ମନା। ଶବର ଶୋଭାଯାତ୍ରା। ସଂପର୍କର ସେତୁବନ୍ଧ ଭାଙ୍ଗି କିଏ କେତେବେଳେ ଖସିଗଲାଣି ବି ଜାଣିବା ମୁସ୍କିଲ। ମୁହଁରେ ଟିକିଏ ନିଆଁ ଦେବାର ପ୍ରଥା ତ ପୁଅଝିଅଙ୍କ ନିଜନିଜ ସ୍ୱାର୍ଥରେ ସମାଧିସ୍ଥ। ତା'ହେଲେ ସତରେ ଏ ସଂପର୍କ କେତେ ସଂଶୟରେ। ଯୌଥ ପରିବାରକୁ ଟିକ୍‌ଟିକ୍ କରି ଆମେମାନେ ଅଣୁ ପରିବାର ଗଠନରେ ବ୍ୟସ୍ତ। ନହେଲେ ଆଜି ଏ ଅବସ୍ଥା ଦେଖିବାକୁ ପଡିନଥାନ୍ତା। ଆଦିମ ସଭ୍ୟତା ପରିବାରକୈନ୍ଦ୍ରିକ ଥିଲା। ପରିବାରର ବିକେନ୍ଦ୍ରୀକରଣ ସୃଷ୍ଟିର ସର୍ବନାଶ ଆଡ଼କୁ ମୁହାଁଉ ନାହିଁ କି? ଯାହା ମୋତେ ବ୍ୟସ୍ତ ଓ ବିବ୍ରତ କରେ। ସତରେ କ'ଣ ଏ ସମାଜ ସଂଗଠିତ ହେବ ନା ରାମରାଜ୍ୟ ଫେରିବ।

ସମାଜର ଅବକ୍ଷୟ ସାମାଜିକ ମୂଲ୍ୟବୋଧକୁ ଯେଉଁଭଳି ଭାବେ କବଳିତ କରିଚ୍ଛଲିଛି ଗୋଟିଏ ଜାତି, ଗୋଟିଏ ସଭ୍ୟତା ଯେ ବିଲୁପ୍ତର ଦ୍ୱାର ଦେଶରେ ଯାହା ମୋତେ ବ୍ୟସ୍ତ ବିବ୍ରତ କରୁଛି। ରାଜନୈତିକ ପଶାପାଲିରେ ଆଜି ଗାଁ ଗାଁରେ କଳି ଯେଉଁଠି ଦେଖିବ ସେଠି ମାଗଣାଖିଆଙ୍କ ଭିଡ଼। ଯୁବଗୋଷ୍ଠୀ ପଙ୍ଗୁ। ଭୁଲ ଠିକ୍ ସମସ୍ତେ ଜାଣୁଥିଲେ ବି ସ୍ୱର ଉତ୍ତୋଳନ କରିବାକୁ କାହାର କୁ ନାହିଁ। ସାଧାରଣ ମଣିଷର ଖାଦ୍ୟ, ବସ୍ତ୍ର ଓ ବାସଗୃହର ଆବଶ୍ୟକତା ପୂରଣ ନହୋଇଥିଲା ବେଳେ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନର ମୌଳିକ ସମସ୍ୟା ସମାଧାନ ନ ହୋଇଥିଲା ବେଳେ, ଜଗତୀକରଣ ଆଳରେ ବିକାଶର ସୁନେଲୀ ଚିତ୍ର ଯେ ଗୋଟିଏ ସଭ୍ୟତାକୁ ଧ୍ୱଂସ ମୁଖକୁ ଠେଲି ଦେଉଛି। ଯାହା ଚିନ୍ତା ଓ ଚେତନାର ବିଷୟ। ପର ପିଢିପାଇଁ ଏ ସବୁ ପ୍ରଶ୍ନର ଉତ୍ତରଦାୟ କିଏ ହେବ? ବର୍ତ୍ତମାନ ଗାନ୍ଧିଙ୍କର ତିନି ମାଙ୍କଡ଼ ପ୍ରତ୍ୟେକ ନାଗରୀକଙ୍କ ଦେହରେ ସମାହିତ ହୋଇଯାଇଛନ୍ତି। ପ୍ରତ୍ୟେକ ସଚେତନ ନାଗରୀକ ଅବଚେତନ ଅବସ୍ଥାରେ ଅନ୍ଧ, ମୁକ, ବଧିର ହୋଇଯାଇଛନ୍ତି। ଅନ୍ୟାୟ ଦେଖି ପ୍ରତିରୋଧ ନ କରିବା, ଅକଥା ଶୁଣି ପ୍ରତିବାଦ ନକରିବା ବା ଅନ୍ୟାୟ, ଅନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ ନ କରିବା ଯେ ବିକାଶର ପରିପନ୍ଥି ଏକଥା କହିବି କାହାକୁ? ବୁଝିବ କିଏ?

ଆସ୍ଥା ଓ ବିଶ୍ୱାସର ପ୍ରତୀକ ଆମ ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଜଗନ୍ନାଥ। ମନରେ ଶଙ୍କା ଆସିଲେ, ଜୀବନ ପ୍ରତି ବିତୃଷ୍ଣା ଆସିଲେ କାହାକୁ କିଛି ନ ଜଣେଇ ପୁରୀକୁ ଛୁଟି ଯାଏ। ଆଖିକୁଆଖି ମିଶାଇ ମୋ' ପ୍ରଭୁଙ୍କ ସହିତ ଖୁବ୍ ଗପେ। ସବୁ ଦୁଃଖକୁ ଫୁଲକରି ତା' ପାଦତଳେ ଅଜାଡ଼ି ଦିଏ। ଆଶ୍ୱସ୍ତ ହୁଏ, ମୁକ୍ତି ମାଗେ, ମୋକ୍ଷ ମାଗେ, ତା' ପାଖକୁ ନେଇଯିବାପାଇଁ ଆକୁଳ ମିନତି କରେ। ସଶକ୍ତ ହୋଇ ଫେରିଆସେ ଆଉ କିଛିଦିନ ଜୀବନ ଜିଇବାର ସଂକଳ୍ପ ନେଇ।


ତେବେ ସେ ଯାହାହେଉ ଦୁଃଖକୁ ଆପଣାର କରୁକରୁ ସୁଖ ବାଟଭଙ୍ଗି ଚ୍ଛଲିଯାଇଥିଲା। ଅନୁଶୋଚନା କରିନି। ଯେଉଁ ଦୁଃଖ ମୋତେ କବି କରିଛି, ଯେଉଁ ବିରହ ମୋତେ ପ୍ରେମିକ ଭାବେ ପରିଗଣିତ କରିଛି, ସେତ ମୋର ଏକାନ୍ତ ନିଜର। ଅନ୍ଧାର ନଥିଲେ ଆଲୋକର ଔଜ୍ୱଲ୍ୟତାକୁ ବୁଝି ହୋଇ ନଥାନ୍ତା। ଜୀବନ ପ୍ରାପ୍ତିରେ ନୁହେଁ ଅପ୍ରାପ୍ତିରେ ଜାଜ୍ୱଲ୍ୟମାନ କରେ। ଦୁଃଖ ଅଛି ବୋଲି ତ ମୁଁ ପରିବାର ପାଖରେ ଅଛି। ଦୁଃଖ ଅଛି ବୋଲି ତ ମୁଁ ଭଗବାନଙ୍କ ନିକଟତର ହୋଇଛି। ସୁଖ ସୌଭାଗ୍ୟର ଅଳୀକ ଆବେଗ। କିନ୍ତୁ ଦୁଃଖ, ଦୁର୍ଦ୍ଦିନର, ଦୁଃସମୟର ସାଥୀ। ଭୋଗିଛି ବୋଲି ମୁଁ ଭାବିପାରୁଛି ଦୁଃଖର ଦୌରାତ୍ମ୍ୟକୁ, ହେଲେ ଯେଉଁ ଦୁଃଖ ମୋତେ ଶୋକର ସାରେଗାମା ଲେଖେଇଛି ସେ ଦୁଃଖକୁ ମୁଁ ଅନ୍ତର କରିବି କେମିତ? କବିଟିଏ ଛବିଟିଏ ଆଙ୍କେ। ଶବ୍ଦରେ କୋଣାର୍କଟିଏ ତିଆରି କରେ, ମୁଁ ତାହାହିଁ କରିଥାଇପାରେ।

ହଁ ଏଇଠି କହିରଖେ, ମୋ' ଗାଆଁ ମୋ'ର ପ୍ରଥମ ପ୍ରେମିକା। ଯେତେ ଉପରକୁ ଉଠିଲେ ବି କେଜାଣି କାହିଁକି ପାଦ ଦୁଇଟା ମୋର ମାଟିରେ। ସୁଖର ବନ୍ଧୁ ତ ଅନେକ ପାଇଛି ହେଲେ ଦୁଃଖର ବଂଧୁ ମୋର ମୋ' ଗାଆଁ। ଓଳିଏ ଖାଇ ଓଳିଏ ଉପାସର ଭୋକିଲା ପେଟ ମୋର ମୋ' ଗାଆଁ ଦେଖିଛି। ମୋ' ଆଖିରୁ ଲୁହ ପୋଛି ଦେଇ ମୋତେ ଜିଇବାର ମନ୍ତ୍ର ଶିଖେଇଛି,ଖଣ୍ଡ ବିଖଣ୍ଡିତ ସ୍ୱପ୍ନମାନଙ୍କୁ ଯୋଡ଼ିବାର ସାହାସ ଦେଇଛି। ସେ ମୋର ଶ୍ରଦ୍ଧାର ଶ୍ରୀକ୍ଷେତ୍ର, ପୂର୍ବଜଙ୍କ ପଦରେଣୁରେ ଗରୀଆନ ମୋ' ଗାଆଁର ଦାଣ୍ଡ ମୋ'ର ବଡ଼ଦାଣ୍ଡ ପୁଣ୍ୟ ନୀଳାଚଳ। ସେ ମାଟିର ପ୍ରତ୍ୟେକ ମଣିଷ ମୋର ଆରାଧ, ପ୍ରିୟ ପରିଜନ। କିଏ ମୋତେ କାଖେଇଥିବ, କିଏ ମୋତେ ଚଲେଇଥିବ, କିଏ ମୋତେ ବୁଝେଇଥିବ, ସେମାନଙ୍କ ଋଣ ମୁଁ ଶୁଝିବି କେମିତି? ଖାଲି ଏତିକି, ସେଇଠି ଅଛି ମୋ'ଷଠୀ ଘର/ ସେଇଠି ଚିତା ଜଳିବ ମୋର/ସେଇ ମେ' ସ୍ୱର୍ଗ ଧନ୍ୟ ମୁଁ ହେବି/ ତା' କୋଳେ ପୁଣି ଜନମ ଲଭି।

ଗାଆଁ, ମାଟି, ମାଆ ଆଉ ସାମାଜିକ ଅବକ୍ଷୟର ଅବବୋଧକୁ କେତେବେଳେ କେଉଁଠି ପ୍ରବନ୍ଧରେ ହେଉ ବା କାହାର ପ୍ରଶ୍ନର ଉତ୍ତରରେ ହେଉ ଲେଖୁଲେଖୁ ଲେଖିଦିଏ ବା କହୁକହୁ କହିଦିଏ ସବୁ ଗୋଟିଏଗୋଟିଏ ସମୟର ସ୍ୱର ଆଉ ଆଗାମୀ ପିଢ଼ିପାଇଁ ବାର୍ତ୍ତାବହ। ସେସବୁକୁ ଏ ପୁସ୍ତକରେ ସନ୍ନିବେଶିତ କରି ମୁଁ 'କିଛି କଥା : କିଛି ବ୍ୟଥା'କୁ ପରୋକ୍ଷରେ ପ୍ରକାଶ କରିବାର ପ୍ରୟାସ କରିଛି ମାତ୍ର। (ସମାପ୍ତ)

ପଢ଼ିବା ପରେ...

# ମାଟିଝିଅ...





ଭାରତ ମାଟି ହୋଇପାରେ, ଅଯୋଧ୍ୟାର ହୋଇପାରେ !

ସେ ଦେହୀ, ସେ ବିଦେହୀ, ସେ ସବୁଠି ଥାନ୍ତି, ପୁଣି କୋଉଠି ନଥାନ୍ତି। ସେ ପଲକ ମାତ୍ରକେ ଜାଳି ପାରନ୍ତି ଜାରଜ ଇଚ୍ଛା ମାନଙ୍କୁ। ସେ ଆମର ପୂଜ୍ୟ ମା ବୈଦେହୀ। ତାଙ୍କ ସ୍ୱୟଂବର ସମୟର ସଜକୁ କବି ନିଆରା ଢଙ୍ଗରେ ବର୍ଣ୍ଣିଛନ୍ତି।

ନଈଠୁଁ ମଲ୍ଲୀର ବାସ୍ନା / ପତ୍ରଠୁଁ କାକରର ଛନଛନ ଲାଜ /ଗୀତରୁ କ୍ଷୀର ସର,/ ଫଗୁଣଠୁଁ ଚମ୍ପାଫୁଲ ରାତି / ମେଘଠୁଁ କଜ୍ଜଳ ଆଣି / ମାଟିଝିଅ ଦେହ ସଜେଇଲା।

(ପୃ, ୧୭: ସ୍ୱୟଂବର )



ମା ଭିନ୍ନ ଭିନ୍ନ ହୋଇପାରେ, ଭିନ୍ନ ହୋଇପାରେ ତା କୋଳ କିନ୍ତୁ ସଭିଙ୍କ ହୃଦୟର କଞ୍ଚାମାଲ ସେଇ ଗୋଟିଏ ସରଳ, ତରଳ ଛଳଛଳ। ମା ହିଁ ମର୍ତ୍ତ୍ୟର ଦେବୀ।

ସବୁ ମାଆ ମହମହ ମାଟି ଆଉ / ଆଞ୍ଜୁଳାଏ ଆଶ୍ଚର୍ଯ୍ୟ ଆକାଶ / ସବୁ ମାଆ ଶୁଦ୍ଧତମ, ସତ୍ୟତମ / ଭୁରୁଭୁରୁ ବିମୁଗ୍ଧ ବିଶ୍ୱାସ।

(ପୃ, ୨୧:କୌଶଲ୍ୟା )

ସେ ଜଣେ ଉନ୍ମୁକ୍ତ ଚେତନାର କବି। ତାଙ୍କ ଅକ୍ଷରମାନେ ଧାଡ଼ିରେ ଠିଆ ହୋଇଗଲେ ସୃଷ୍ଟି ହୁଏ ରାଷ୍ଟ୍ର ସଙ୍ଗୀତ। ତାଙ୍କର ଗୀତ ସବୁ ମାଟିର, ମାଆର ଆଉ ମାତୃଭୂମିର ଜୟଗାନ କରୁଥାଏ। ସେମିତି ସେ କହିଛନ୍ତି ମାଟିଝିଅ କଥା। ମହାଭାରତୀୟ ସଂସ୍କୃତିର ସବୁଠୁଁ ପୂଜ୍ୟ ଆଉ ପବିତ୍ର ଚରିତ୍ର ଜନକ ନନ୍ଦିନୀ ମା ଜାନକୀଙ୍କ ଚରିତ। ରାମାୟଣର କଥା ବସ୍ତୁ ଏବଂ ତା'ର ମହନୀୟ ଚରିତ୍ରମାନଙ୍କୁ ପ୍ରତୀକ, ଚିତ୍ରକଳ୍ପ ଏବଂ ମିଥ୍ ର ବ୍ୟବହାର କରି ସେ ସୃଷ୍ଟି କରିଛନ୍ତି ଓଡ଼ିଆ କାବ୍ୟ ସାହିତ୍ୟରେ ଅନବଦ୍ୟ ସୃଷ୍ଟି। ମୋ ହାତରେ କବି ପ୍ରସନ୍ନ କୁମାର ସ୍ୱାଇଁଙ୍କ ମାଟିଝିଅ ଯାହାକୁ ପ୍ରକାଶ କରିଛନ୍ତି କଟକର ଓଡ଼ିଶା ବୁକ୍ ଏମ୍ପରିୟମ୍।

ତମେ ତ ସଞ୍ଚିତ ସୌଭାଗ୍ୟ / ଓ ବିଭୋର ବୈରାଗ୍ୟର / ତନ୍ମୟ ତୀର୍ଥ ଭୂମିଟିଏ।

(ପୃ, ୧୦: ମାଟି )

ପ୍ରଥମ କବିତା 'ମାଟି'ର ଏଇ ଧାଡ଼ି କେତେ ସୁନ୍ଦର, ଯାହା ଏ ପବିତ୍ର କବିତାର ଧାଡ଼ି ସବୁ, ଯାହାକୁ ପଢ଼ିଲେ ପ୍ରାଣ ଉତଫୁଲ୍ଲିତ ହେଇଯିବ।

କବି ଅନେକ ଯତ୍ନକରି ଗଢ଼ିଛନ୍ତି କବିତାର ଧାଡ଼ି ସବୁ, ଯାହାକୁ ପଢ଼ିଲେ ପ୍ରାଣ ଉତଫୁଲ୍ଲିତ ହେଇଯିବ।

ତିନିଠୋପା ଲୁହ ଚାଲୁଥିଲେ / ପଛରେ ରହିଗଲା / ଗୋଟେ ଶୁଦ୍ଧ ଷଡଯନ୍ତ୍ର

( ପୃ, ୨୯ : ବନବାସ )

ସ୍ୱର୍ଗ, ମର୍ତ୍ତ୍ୟ, ପାତାଳକୁ ଛୁଇଁଥିବା / କବିତାର ଧାଡ଼ିଟିଏ ସେ

( ପୃ, ୩୩: ଗଙ୍ଗା )

ପାରି କରେ / ପାରି ହୁଏନି / ପ୍ରେମ କରେ / ପ୍ରେମିକ ହୁଏନି..

(ପୃ, ୪୦: କୈବର୍ତ୍ତ )

ଏ ମାଟି ସଦା ପ୍ରେମର ଜୟଗାନ କରିଛି। ଏଠି ଯୁଦ୍ଧକୁ ପ୍ରେମରେ ଜିତିବାର ପ୍ରୟାସ କରାହୁଏ। ସେଥିପାଇଁ ତ ଅନୁଜ ଭରତ ଶ୍ରୀରାମଙ୍କ ଅନୁପସ୍ଥିତିରେ ତାଙ୍କ ପାଦୁକାକୁ ସିଂହାସନରେ ରଖି ଶାସନ ଭାର ସମ୍ଭାଳି ଥିଲେ।

ଯାହାପାଇଁ ଥୁଆ ହେଲା ସୁନାର ମୁକୁଟ /ପାଟ ପିତାମ୍ବରୀ, ସୁବାସିତ ଜଳ / ସ୍ୱର୍ଗୀୟ ସୁଷମା, ମହମହ ରାଜଗାଦୀ / ସିଏ ସ୍ନାୟୁରେ ଶ୍ରୀରାମ ଲେଖି / ପାଦୁକା ମୁଣ୍ଡରେ ରଖି / ଗଲା ପୂର୍ବ ଦିଗ / ଗୈରିକ ବସନରେ ଖୋଜିଲା ଭାରତର ଭାଗ୍ୟ।

(ପୃ, ୫୬: ପ୍ରିୟ ପାଦୁକା )

ଯାହାଙ୍କ ହାତରେ ଥାଏ ସ୍ୱୟଂ ଈଶ୍ୱର ଆଉ ରାଷ୍ଟ୍ର ଗଢ଼ିବାର ଗୁରୁ ଦାୟିତ୍ୱ ସେ ଗୁରୁ ବଶିଷ୍ଠ।

ଯେଉଁଠି ଯେଉଁଠି / ତିଆରି ହୋଇଥାଏ ମାୟାଜାଲ / କି କୁହୁଡ଼ିର କୁହେଳି / ସେଠି ସେ ସୁରକ୍ତିମ ସୂର୍ଯ୍ୟ।

( ପୃ, ୬୯: ପ୍ରଣାମ ବଶିଷ୍ଠ )

ଲକ୍ଷ୍ମଣରେଖାର ଆରପଟେ ଥାଏ ଗୋଟେ ନିଷିଦ୍ଧ ସୈତାନର ସୁନାର ନଅର, ଯେଉଁଠି ଜକଜକ ଦିଶୁଥାଏ ଛଳନାର ଇନ୍ଦ୍ରଧନୁ। ଯିଏ ରେଖାକୁ ଡେଇଁଚି ସେ ଭୋଗିଛି।

ଗାର ଡେଇଁଲେ ତ ଜାଣିହୁଏ / କିଏ ଯୋଗୀ କିଏ କାପୁରୁଷ../ କିଏ ଯଜ୍ଞର ଆହୁତି/ କିଏ ନିଆଁଧାସ

( ପୃ, ୮୮ : ତିନିଗାର )

ମାଟିଝିଅ ଯୋଉଠି ପାଦ ଥାପେ ସେ ମାଟି ହୁଏ ପବିତ୍ର, ସେ ହେଉ ଅଯୋଧ୍ୟା କି ଅଶୋକବନ।

ଅଶୋକବନରେ / ଫୁଲ ଓ ଫଳ ଥାଏ / ପତ୍ର ଓ ପ୍ରତ୍ୟୟ ଥାଏ / ଶୋକକୁ ଶ୍ଳୋକରେ ରୂପାନ୍ତର ପାଇଁ ମହୁମାଛି ଗୀତ ଥାଏ

(ପୃ, ୧୦୧: ଅଶୋକବନ )

ରାମାୟଣରେ ବିଭୀଷଣ ଏମିତି ଏକ ଚରିତ୍ର ଯାହାକୁ ଏ ସମାଜ କାଠଗଡ଼ାରେ ଠିଆ କରେଇଛି ତାଙ୍କର ଅପରାଧ ଥିଲା ସେ ତାଙ୍କ ଭ୍ରାତାଙ୍କର ତ୍ୟାଗ କରିଥିଲେ। କିନ୍ତୁ ତାଙ୍କ ଚରିତ୍ରର ମହନୀୟ ଦିଗକୁ କବି ଅଣଦେଖା କରି ନାହାନ୍ତି।

ସେ ଧାନର ଅମାର ପାଖରେ / ଠିଆ ହୋଇଥିବା ନିର୍ଲୋଭ ଜମିଦାରଟିଏ / ସେ ଲିଭି ଆସୁଥିବା ସମ୍ପର୍କ ପାଖରେ / ନିଗିଡ଼ି ପଡୁଥିବା ଦି ଠୋପା ଲୁହ।

(ପୃ, ୧୨୩: ବିଭୀଷଣ )

ଆକାଶକୁ ଛୁଁ ଥିବା ବିପର୍ଯ୍ୟୟର ନାଁ ରାବଣ। କାରଣ ସର୍ବ ଶକ୍ତିମାନ ହୋଇ ମଧ୍ୟ ମା ସୀତାଙ୍କୁ ଚିହ୍ନିବାକୁ ଅକ୍ଷମ ଥିଲା। ଶେଷରେ ତା'ର ପତନ ହେଲା। ସେ ପତନର ଦୃଶ୍ୟ ବଡ଼ ଭୟଙ୍କର।

ଏବେ ତୋ ଅନାର୍ଯ୍ୟ ଅହଂକାରକୁ / ଆକାଶ ଫିଙ୍ଗି ସାରିଲାଣି / ଗୋଟେ ବଦମାସ ଉଲ୍କାପାତ ପରି / ତୋ ରକ୍ତରେ ଯେଉଁ ତିଆରି କରିଥିଲୁ / ଅଭ୍ରଂକଷ ଅସ୍ପଷ୍ଟ ସାମ୍ରାଜ୍ୟ / ସେଠି ଶାଗୁଣାଙ୍କ ଶୋଭାଯାତ୍ରା ଆଜି

( ପୃ, ୧୩୯: ବାଃ ରାବଣ )

ଶେଷ କବିତାରେ ମାଟିଝିଅର ପ୍ରସ୍ଥାନ ବଡ଼ କରୁଣ। ନାରୀଟିଏ ସୃଷ୍ଟିର ମଙ୍ଗଳ ପାଇଁ ନିଜକୁ ଉତ୍ସର୍ଗ କରିଦେବା ଆମ ମହାନ ସଂସ୍କୃତିର ଉତ୍କୃଷ୍ଟ ଦିଗ।

ସୃଷ୍ଟିର ମଙ୍ଗଳେ / ନାରୀଟିଏ ତ୍ୟାଗ କରିପାରେ / ସୁନାପରି ସ୍ୱପ୍ନ/ ରୂପାପରି ସ୍ମୃତି /ପୁଣ୍ୟପରି ପ୍ରେମ /ପୁଣ୍ୟଗର୍ଭା ନଈ ପରି ପୁଣ୍ୟ ଓ ଲାବଣ୍ୟ / ସାମବେଦୀ ସଙ୍ଗୀତ / ଓ / ସୃଜନର ସିଦ୍ଧି ସମର୍ପଣ..

(ପୃ, ୨୦୬: ମାଟି ପ୍ରସ୍ଥାନ )

ଉପନିଷଦର ମନ୍ତ୍ର ଓ ଆଧୁନିକ ଭାବବୋଧକୁ ଗୋଟେ ଆଞ୍ଜୁଳାରେ ରଖିବାର ପ୍ରୟାସ ହିଁ 'ମାଟିଝିଅ'। ଏ ଗ୍ରନ୍ଥ ତା ମହତ୍ତ୍ୱରେ ପାଠକକୁ ପବିତ୍ର କରୁ, ଏତିକି କାମନା।



ସମୀକ୍ଷା :
ବିପ୍ଳବ
ମକୁନ୍ଦପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

# ଦେଶର ଅଖଣ୍ଡ ସାଂସ୍କୃତିକ ଏକତାକୁ ଆମେ ପାଳନ କରୁଛୁ: ଧର୍ମେନ୍ଦ୍ର ପ୍ରଧାନ



ବାରାଣାସୀ, ୧୫/୨ (ନି.ପ୍ର): କାଶୀ ତାମିଲ ସଙ୍ଗମମ(କେଟିସ) ଦ୍ୱାରା ଆମେ ଆମ ଦେଶର ଅଖଣ୍ଡ ସାଂସ୍କୃତିକ ଏକତାକୁ ପାଳନ କରିବା ସହ "ଏକ ଭାରତ- ଶ୍ରେଷ୍ଠ ଭାରତ" ପ୍ରତି ଥିବା ଆମର ପ୍ରତିବଦ୍ଧତାକୁ ଦୋହରାଇଛୁ ବୋଲି ଶନିବାର ଉତ୍ତର ପ୍ରଦେଶର ବାରାଣାସୀରେ 'କାଶୀ ତାମିଲ ସଙ୍ଗମମ ୩.୦' ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ଡା. ଏଲ୍. ମୁରୁଗନଙ୍କ ସହ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ କାଶୀ ତାମିଲ ସଙ୍ଗମମ ହେଉଛି 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଭାବନାର ପ୍ରତୀକ । କାଶୀ ତାମିଲ ସଙ୍ଗମମ ହେଉଛି ଆମର ମିଳିତ ଐତିହ୍ୟ, ବୌଦ୍ଧିକ ଦକ୍ଷତା ଏବଂ ସଭ୍ୟତାର ବନ୍ଧନର ସମାହାର । ବାବା ବିଶ୍ୱନାଥଙ୍କ ଆଶୀର୍ବାଦରେ କାଶୀ ଏବଂ ରାମନାଥ ସ୍ୱାମୀଙ୍କ ଆଶୀର୍ବାଦରେ ତାମିଲନାଡୁ ଗଢିଉଠିଛି । ଉଭୟ କାଶୀ ଏବଂ ତାମିଲନାଡୁ ଶିକ୍ଷାର ଏକ କେନ୍ଦ୍ର ଏବଂ ବିଶ୍ୱର ଦୁଇଟି ପୁରାତନ ଭାଷା ସଂସ୍କୃତ ଏବଂ ତାମିଲକୁ ଗ୍ରହଣ କରିଛନ୍ତି । ଉଭୟ କାଶୀ ଏବଂ ତାମିଲନାଡୁ ଏକ ମିଳିତ ସାଂସ୍କୃତିକ ଅନୁଷ୍ଠାନ ଭାବରେ ଭାରତର ବିଚାରକୁ ଆଗକୁ ନେଉଛନ୍ତି । ସେ ଆହୁରି କହିଛନ୍ତି ଯେ କାଶୀ ତାମିଲ ସଙ୍ଗମମ ୩.୦ ଋଷି ମହର୍ଷି ଅଗସ୍ତିଙ୍କୁ ସ୍ମରଣ କରୁଅଛି । ମହର୍ଷି ଅଗସ୍ତି କେବଳ ଜଣେ ଋଷି ନୁହଁନ୍ତି- ସେ ଭାରତର ସାଂସ୍କୃତିକ ଏକତାର ପ୍ରତୀକ ଏବଂ କାଶୀ ଓ ତାମିଲନାଡୁ ମଧ୍ୟରେ ଏକ ଅନନ୍ତ ସେତୁ । ଏହି କାର୍ଯ୍ୟକ୍ରମ କାଶୀ ଏବଂ ତାମିଲନାଡୁ ମଧ୍ୟରେ ଥିବା ସମ୍ପର୍କକୁ ଅଧିକ ସୁଦୃଢ଼ କରିବ ଏବଂ ଭାରତର ଗୌରବମୟ ଐତିହ୍ୟର ଏକ ସ୍ଥାୟୀ ଐତିହ୍ୟ ସୃଷ୍ଟି କରିବ । କାଶୀ ତାମିଲ ସଙ୍ଗମମର ପରିକଳ୍ପନା କରିଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇବା ସହ କାଶୀରେ ଏହାକୁ ଆୟୋଜନ କରିଥିବାରୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ କୃତଜ୍ଞତା ଜଣାଇଛନ୍ତି । ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ସରକାରଙ୍କ ଅନ୍ୟ ମନ୍ତ୍ରଣାଳୟ ଓ ଉତ୍ତର ପ୍ରଦେଶ ସରକାରଙ୍କ ମିଳିତ ଭାଗିଦାରୀରେ ଏହି କାର୍ଯ୍ୟକ୍ରମ ଆୟୋଜନ କରୁଛି । ୧୦ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ତାମିଲନାଡୁରୁ ପ୍ରାୟ ୧୨୦୦ ପ୍ରତିନିଧି ଯୋଗଦେବାର ଅନୁମାନ କରାଯାଉଛି । କାଶୀ ତାମିଲ ସଙ୍ଗମମର ଉଦ୍ଦେଶ୍ୟ ହେଉଛି ଦେଶର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରାଚୀନ ଶିକ୍ଷାକେନ୍ଦ୍ର ତାମିଲନାଡୁ ଏବଂ କାଶୀ ମଧ୍ୟରେ ପୁରୁଣା ସମ୍ପର୍କକୁ ପୁନଃସ୍ଥାପନ କରିବା । ଚଳିତବର୍ଷ ଏହି ସଂସ୍କରଣର କଥାବସ୍ତୁ ରହିଛି 'ଋଷି ଅଗସ୍ତି' । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିନିଧିମାନେ ମହାକୁମ୍ଭ ମେଳା ସହ ଅଯୋଧ୍ୟା ଧାମରେ ରାମ ମନ୍ଦିର ପରିଦର୍ଶନ କରିବେ । ଏହି କାର୍ଯ୍ୟକ୍ରମ ଏକ ଦିବ୍ୟ ଅନୁଭୂତି ପ୍ରଦାନ କରିବା ସହ ତାମିଲନାଡୁ ଏବଂ କାଶୀ ସମ୍ପର୍କ ନିକଟତର ହେବ । ସ୍ୱାସ୍ଥ୍ୟ, ଦର୍ଶନ, ବିଜ୍ଞାନ, ଭାଷାବିଜ୍ଞାନ, ସାହିତ୍ୟ, ରାଜନୀତି, ସଂସ୍କୃତି, କଳା ଇତ୍ୟାଦି ଜଗତରେ 'ଋଷି ଅଗସ୍ତି'ଙ୍କ ବିଭିନ୍ନ ଦିଗ ଏବଂ ତାଙ୍କର ଅବଦାନ ଉପରେ ଏକ ପ୍ରଦର୍ଶନୀ ଏବଂ କାଶୀ ତାମିଲ ସଙ୍ଗମମ ୩.୦ ସମୟରେ କାଶୀ ଠାରେ ସମ୍ମିଳନୀ, କର୍ମଶାଳା, ପୁସ୍ତକ ଉନ୍ମୋଚନ ଇତ୍ୟାଦି ଆୟୋଜନ କରାଯିବ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଭକ୍ତଙ୍କ ସର୍ବକ୍ଷମା ଅଫର....

ବାଡ଼େଇ ପାର୍ଟି ଅଫିସକୁ ପ୍ରବେଶ କଲେ ଜଟଣୀର ପୂର୍ବତନ ବିଧାୟକ ତଥା କଂଗ୍ରେସର କୁହାଳିଆ ନେତା ଭାବେ ଜଣାଶୁଣା ସୁରେଶ ରାଉତରାୟଙ୍କ ପାଇଁ ଆଜି ଏହା ଥିଲା ଏକ ଭାବପୂର୍ଣ୍ଣ ମୂହୁର୍ତ୍ତ। କାରଣ ଦୀର୍ଘ ୯ ମାସ ପରେ ପୁଣି କଂଗ୍ରେସକୁ ଫେରିଛନ୍ତି ସୁର। ଘର ବାହୁଡ଼ା ପରେ କୋହ ରୋକି ନପାରିନଥିଲେ, ପୁଣି କଂଗ୍ରେସକୁ ଫେରିଥିବାରୁ ବେଶ୍ ଖୁସି ହେଲେ। (ଆମ୍ବିଆନସ) ସୁର କହିଛନ୍ତି, ଗଲା ୯ ମାସ ହେଲା ଯନ୍ତ୍ରଣାରେ ଥିଲି। ଆଜି ମୁଁ ମୋ ମନ୍ଦିରକୁ ଫେରିଛି। ଦଳରେ 'ଆଉ କନ୍ଦଳ ରହିବନି, ମିଳିମିଶି ସଂଗଠନ ପାଇଁ କାମ କରିବୁ। ଗତବର୍ଷ ଏପ୍ରିଲ ୧୫ରେ ଦଳରୁ ବିଦା ହୋଇଥିଲେ ସୁର ରାଉତରାୟ। ବିଶୃଙ୍ଖଳା ଓ ଦଳ ବିରୋଧୀ କାର୍ଯ୍ୟ ପାଇଁ ଏଆଇସିସି ତାଙ୍କୁ ୬ବର୍ଷ ଲାଗି ବହିଷ୍କାର କରିଥିଲା। ହେଲେ ଆଜି ପୁଣି ଦଳକୁ ଫେରି ଆଶ୍ୱସ୍ତି ଅନୁଭବ କରିଛନ୍ତି। ସୁରଙ୍କ ବଡ଼ ପୁଅ ସିଦ୍ଧାର୍ଥ ରାଉତରାୟ କହିଛନ୍ତି- ପିସିସି ସଭାପତି ଭକ୍ତ ଦାସଙ୍କ ପାଇଁ ଜଣେ ସଚ୍ଚା କଂଗ୍ରେସ ଭକ୍ତ ପୁଣି ତାଙ୍କ ମନ୍ଦିରକୁ ଫେରି ପାରିଲେ। ଏହା ପୁର୍ବରୁ ଗତ ୧୧ ତାରିଖରେ ପିସିସି ସଭାପତି ନିଯୁକ୍ତ ହେବା ପରେ ଭକ୍ତ ଦାସ, ମାନସ ଚୌଧୁରୀଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଥିଲେ। ସୁର ବାହୁଡ଼ିଲେ, ଆଗକୁ କିଏ। ରାଜ୍ୟ କଂଗ୍ରେସରେ ଏବେ ଏଭଳି ପ୍ରଶ୍ନ। ତେଣେ ସମ୍ଭାବ୍ୟ ଘରବାହୁଡ଼ା ନେତାଙ୍କ ନାଁ ଥିବା ତାଲିକା ବି ବେଶ୍ ଲମ୍ବା। ଅଧିକ ଚର୍ଚ୍ଚାରେ ଅଛନ୍ତି ପୂର୍ବତନ ବିଧାୟକ ଚିରଞ୍ଜୀବୀ ବିଶ୍ୱାଳ, ସୌମ୍ୟରଞ୍ଜନ ପଟ୍ଟନାୟକ, ସୁରେନ୍ଦ୍ର ସିଂ ଭୋଇ, ପ୍ରଫୁଲ୍ଲ ମାଝୀ, ଅଂଶୁମାନ ମହାନ୍ତି, ପ୍ରକାଶ ବେହେରା ଓ ଭୂପିନ୍ଦର ସିଂଙ୍କ ଭଳି ପୁରୁଖା ନେତାଙ୍କ ନାଁ। ତେଣେ କଂଗ୍ରେସକୁ ଫେରିବା ନେଇ ଇସାରା ଦେଲେଣି ଡାକ୍ତର ପ୍ରଫୁଲ୍ଲ ମାଝୀ। ପ୍ରଫୁଲ୍ଲ କହିଛନ୍ତି- ଅନେକ ପ୍ରତିଶ୍ରୁତି ଦେଇ ବିଜେଡି ତାଙ୍କୁ ଦଳରେ ମିଶାଇଥିଲା, ହେଲେ କୌଣସି ପ୍ରତିଶ୍ରୁତି ରଖିଲାନି। ବିଜେଡିକୁ ନେତା ନ ଚଳାଇ ଆଉ ଜଣେ ଚଳାଇଲେ ଧ୍ୱଂସ ହୋଇଯିବ। ପୂର୍ବତନ ବିରୋଧୀ ଦଳ ନେତା ଭୂପିନ୍ଦର ସିଂ ସିଧା ସଳଖ କଂଗ୍ରେସକୁ ଫେରିବା କଥା କହିନଥିଲେ ବି ଠିକ୍ ସମୟକୁ ଅପେକ୍ଷା କର ବୋଲି କହି ସନ୍ଦେହକୁ ଅଧିକ ବଢ଼ାଇଛନ୍ତି। ହେଲେ କଂଗ୍ରେସ ଛାଡ଼ି ବିଜେଡିକୁ ଯାଇଥିବା ସୁରେନ୍ଦ୍ର ସିଂ ଭୋଇ କିନ୍ତୁ ସଫା ସଫା କହିଛନ୍ତି-ଦଳର ଖରାପ ସମୟରେ ଛାଡ଼ି ଚାଲିଯିବା ଠିକ୍ ହେବନି। ନୂଆ ପିସିସି ମୁଖିଆ ଭକ୍ତ ଦାସଙ୍କ ସର୍ବକ୍ଷମା ଆହ୍ୱାନ ପରେ ଚଳଚଞ୍ଚଳ ହୋଇଛି କଂଗ୍ରେସ ରାଜନୀତି। ଦଳ ଛାଡ଼ିଥିବା ନେତାଙ୍କ ଘର ବାହୁଡ଼ା ବି ଆରମ୍ଭ ହେଲାଣି। ହେଲେ ବି ନୂଆ ପିସିସି ସଭାପତିଙ୍କ ଆଗରେ ଅନେକ ଚ୍ୟାଲେଞ୍ଜ ଥିବା କହିଛନ୍ତି ରାଜନୀତି ସମୀକ୍ଷକ। ଯେହେତୁ ବିଜେଡି ଏବେ ଓଡ଼ିଶାବାସୀଙ୍କ ଆସ୍ଥା ହରାଇଛି, ତେଣୁ କଂଗ୍ରେସ ସେଥିରୁ ଫାଇଦା ନେବାକୁ ହେଲେ ପୁରୁଖାଙ୍କୁ ସାଙ୍ଗରେ ଧରି ଦଳର ୟଙ୍ଗ ବ୍ରିଗେଡ୍ କୁ ବି ପ୍ରାଧାନ୍ୟ ଦେବାକୁ ହେବ। ଏଆଇସିସି ଓଡ଼ିଶା ପାଇଁ ନୂଆ ପିସିସି ସଭାପତି ଭାବେ ଭକ୍ତ ଦାସଙ୍କୁ ନିଯୁକ୍ତି ଦେବା ପରେ ଅଜୟ କୁମାର ଲଲ୍ଲୁଙ୍କୁ ନୂଆ ପ୍ରଭାରୀ ଦାୟିତ୍ୱ ଦେଇଛି। ଦେଖିବାର କଥା ଭକ୍ତ- ଅଜୟଙ୍କ ନୂଆ ଯୋଡ଼ି ରାଜ୍ୟ କଂଗ୍ରେସକୁ କେତେ ସଂଜୀବନୀ ଦେଉଛନ୍ତି।

## ପାଣ୍ଡିଆନଙ୍କ ନିର୍ଦ୍ଦେଶରେ ନାଚୁଛନ୍ତି ...

ବିଜେପି ବିଧାୟକ ଜୟନାରାୟଣ ମିଶ୍ର। ବିଧାନସଭା ଲବିରେ ଆଲୋଚନା ବେଳେ ଖୋଦ୍ ବିଜେଡି ବିଧାୟକମାନେ ପାଣ୍ଡିଆନଙ୍କ କଥାରେ ଗୃହକୁ ଅଚଳ କରିଥିବା କଥା କହିଥିବା ଜୟନାରାୟଣ କହିଛନ୍ତି। ଚାଷୀ ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ଆସିଥିଲେ ବି ବିଜେଡି କାହିଁକି ଆଲୋଚନା ନକରି ଗୃହକୁ ହଟ୍ଟଗୋଳ କରି ବନ୍ଦ କଲା ବୋଲି ପ୍ରଶ୍ନ କରିଛନ୍ତି। ଏଥିପାଇଁ ବିଜେଡି ସଦସ୍ୟ କ୍ଷମା ମାଗିବା ଦରକାର। ପାଣ୍ଡିଆନଙ୍କ ନମ୍ବର ୱାନ ଚାମଚା ହେବା ପାଇଁ ପ୍ରତିଯୋଗିତା ଚାଲିଛି ବୋଲି ଜୟନାରାୟଣ ଅଭିଯୋଗ କରିଛନ୍ତି। ସେପଟେ ପାଣ୍ଡିଆନଙ୍କ ନାଁ ଶୁଣୁ ଶୁଣୁ ନିଜ ଆସନରେ ଛିଡା ହୋଇ ପ୍ରତିବାଦ ଜଣାଇଥିଲେ ବିଜେଡି ନେତା। କହିଛନ୍ତି ଯଦି ପାଣ୍ଡିଆନଙ୍କୁ ବିଜେପି ଭୁଲିପାରି ନାହିଁ ତାହାଲେ ଜପାମାଳି କରି ଜପନ୍ତୁ। ଏଠି ପ୍ରଶ୍ନ ଉଠୁଛି କଣ ବିଜେଡିରେ ପାଣ୍ଡିଆନ୍ ଏବେ ବି ପ୍ରଭାବଶାଳୀ। ପ୍ରଚ୍ଛଦ ପଟ୍ଟରେ ଥାଇ ଗୋଟି ଚାଳନା କରୁଛନ୍ତି କି ସେ। ୨୪ ବିପର୍ଯ୍ୟୟ ପାଇଁ ଦଳର ଅଧିକାଂଶ ନେତା ପାଣ୍ଡିଆନଙ୍କୁ ଦାୟୀ କରିଥିବା ବେଳେ ନବୀନ କିନ୍ତୁ ତାଙ୍କୁ କ୍ଲିନ୍ ଚିଟ୍ ଦେଇଛନ୍ତି। ବିଜେଡିର କିଛି ନେତା ଏବେବି ପାଣ୍ଡିଆନଙ୍କ କଥାରେ ଦଳ ଚାଲିଥିବା ନେଇ ଅସନ୍ତୋଷ ଜାହିର କରୁଛନ୍ତି। ରାଜନୀତିରୁ ଯଦିଓ ସନ୍ନ୍ୟାସୀ ନେଇଛନ୍ତି ପାଣ୍ଡିଆନ୍ କିନ୍ତୁ ଦଳର ସବୁ କଥା ଏବେବି ବୁଝୁଥିବା ଚର୍ଚ୍ଚା ହେଉଛି। ରାଜନୈତିକ କାର୍ଯ୍ୟକ୍ରମରେ ଗାୟବ ରହୁଥିବା ପାଣ୍ଡିଆନ୍ ଦଳୀୟ ନେତାଙ୍କ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି। ଏଥିରୁ ପ୍ରମାଣିତ ପାଣ୍ଡିଆନଙ୍କୁ ବି ଅନେକ, ଦଳର ନେତା ଭାବେ ଗ୍ରହଣ କରିସାରିଲେଣି। ଯାହାକୁ ନେଇ ଆଗକୁ ବଡ ଅଡୁଆ ପରିସ୍ଥିତି ଦଳରେ ସୃଷ୍ଟି ହୋଇପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି ରାଜନୈତିକ ସମୀକ୍ଷକ।

## ମୋ ବସ ସାଜିଛି ...

ଆଉ ଏକାସଙ୍ଗେ ୨ଟି ସ୍କୁଟର ସହ ୪ ଜଣଙ୍କୁ ଧକ୍କା ଦେଇ ଘୋଷାଡ଼ି ନେଇଥିଲା ଶହେ ମିଟର। ଫଳରେ ଘଟଣାସ୍ଥଳରେ ନନ୍ଦିନୀଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୩ ଜଣଙ୍କ ଅବସ୍ଥା ଏବେ ଗୁରୁତର। ଦୁର୍ଘଟଣା ପରେ ଖସି ପଳାଉଥିଲା ବସଟି। କିନ୍ତୁ କିଛି ଲୋକ ଗାଡ଼ିରେ ପିଛା କରିଥିଲେ। ଡ୍ରାଇଭର ନା ବ୍ରେକ୍ ମାରୁଥିଲେ ନା ସାଇଡ୍ ଦେଉଥିଲେ। ଏଭଳି ଦୀର୍ଘ ସମୟ ଧରି ଛକାପଞ୍ଝା ପରେ ୧ କିଲୋମିଟର ଦୂରରେ ରହିଥିଲା ବସ୍। ତା'ପରେ ପୋଲିସ ପହଞ୍ଚି ଡ୍ରାଇଭରଙ୍କୁ ହେପାଜତକୁ ନେଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଓଡ଼ି୦୨ ଇଔ୯୪୧୦ ନମ୍ବର ବିଶିଷ୍ଟ ଏହି 'ମୋ ବସ'ର ରୁଟ୍ ନମ୍ବର ହେଉଛି ୩୩। ଅର୍ଥାତ ମାଷ୍ଟର କ୍ୟାଣ୍ଟିନ୍ ଛକରୁ କଳ୍ପନା ଦେଇ ପିପିଲି ଯିବା ଆସିବା କରିବା କଥା। କିନ୍ତୁ, କେଉଁ ସ୍ଥିତିରେ ରୁଟ୍ ବଦଳାଇ କଳିଙ୍ଗନଗର ମୁହାଁ ହୋଇଥିଲା ? କାହିଁକି ଦ୍ରୁତଗତିରେ ଯାଉଥିଲା ବସଟି ? ଏଭଳି ନାନା ପ୍ରଶ୍ନ ଭିତରେ ବସରେ ଲାଗିଥିବା ସିସିଟିଭି ଫୁଟେଜକୁ ସଂଗ୍ରହ କରି ତଦନ୍ତ କରୁଛି କ୍ରୁଟ। ତେବେ କ୍ରୁଟ୍ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନି। ପ୍ରଶ୍ନ ଉଠୁଛି, ଅନ୍ୟ ବସ୍ ଅପେକ୍ଷା କାହିଁକି ମୃତ୍ୟୁର ଦୂତ ସାଜିଛି 'ମୋ ବସ୍। କାହିଁକି ବାରମ୍ବାର ଭିଆଉଛି ଦୁର୍ଘଟଣା। ୨୯ ଅକ୍ଟୋବର। କଟକ ନେତାଜୀ ବସ୍ ଟର୍ମିନାଲରେ ନେଇଥିଲା ଜଣେ ବୃଦ୍ଧାଙ୍କ ଜୀବନ। ୨୫ ସେପଟେମ୍ବର। ଭୁବନେଶ୍ୱର ରଘୁନାଥପୁରରେ ମୋ ବସ୍ ଧକ୍କାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଥିଲା। ୬ ଏପ୍ରିଲ ୨୦୨୪। ଖୋର୍ଦ୍ଧା ୧୬ ନମ୍ବର ଏନଏଚରେ ଭାରସାମ୍ୟ ହରାଇ ନାଳକୁ ଖସିପଡିବାରୁ ୨୦ ଯାତ୍ରୀ ଆହତ ହୋଇଥିଲେ। ୪ ଫେବୃୟାରୀ, ୨୦୨୫ ରଘୁନାଥପୁରରେ କୁନି ଝିଅ ମୁନୀର ପ୍ରାଣ ନେଇଥିଲା। ଏଭଳି ବାରମ୍ବାର ଦୁର୍ଘଟଣା ପରେ ଗତ ୮ ତାରିଖରେ ଦୁର୍ଘଟଣାଶୂନ୍ୟ ଗାଡ଼ି ଚାଳିନା ସଂପର୍କରେ ରାଜଧାନୀର 'ମୋ ବସ' ଡ୍ରାଇଭରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। କିନ୍ତୁ ଯେଉଁ ଅବସ୍ଥାକୁ ସେହି ଅବସ୍ଥା। ଯାହାକୁ ନେଇ ଅସନ୍ତୋଷ ଝାଡ଼ିଛନ୍ତି ମୋ ବସ୍ ଯାତ୍ରୀ ଏବଂ ସଡ଼କ ସୁରକ୍ଷା ବିଶେଷଜ୍ଞ। ଟ୍ୱିନସିଟି ସହ ୬ ସହରରେ ୫୨୦ଟି 'ମୋ ବସ୍' ଚାଲୁଛି। ଗତ ୩ ମାସରେ ୬ ସହରରେ ପ୍ରାୟ ୭୦ଟି ଦୁର୍ଘଟଣା ବି ଘଟାଇଲାଣି 'ମୋ ବସ୍'। ଗତ ନଭେମ୍ବରରେ ବେପରୁଆ ଚାଳନା ପ୍ରସଙ୍ଗରେ କ୍ରୁଟର ସତ୍ୟପାଠକୁ ନେଇ ଅସନ୍ତୋଷ ଝାଡ଼ିଥିଲେ ହାଇକୋର୍ଟ। ତଥାପି ଯଥା ପୂର୍ବଂ ତଥା ପରଂ ସ୍ଥିତି।

# ଜିଲ୍ଲା ମହୋତ୍ସବ 'ଭଦ୍ରାୟଣୀ'ରେ ଖୋଲିଛି ଆଇନ୍ ସଚେତନତା

ଭଦ୍ରକ, ୧୫/୨ (ନି.ପ୍ର): ଜିଲ୍ଲା ମହୋତ୍ସବ ଭଦ୍ରାୟଣୀ ନେହେରୁ ଷ୍ଟାଡ଼ିୟମ୍ ଭଦ୍ରକରେ ଚାଲିଥିବା ପଲ୍ଲିଶ୍ରୀ ମେଳାରେ ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ ଆଇନ୍ ସଚେତନତା ଓ ସେବା ନିମନ୍ତେ ଉଦ୍ଦିଷ୍ଟ ଷ୍ଟଲକୁ ଭଦ୍ରକ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧକ୍ଷ ସଂଗ୍ରାମକେଶରୀ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଷ୍ଟଲର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମେଳାକୁ ଆସୁଥିବା ଲୋକଙ୍କୁ ଆଇନ୍‌ଗତ ଅଧିକାର ଓ କର୍ତ୍ତବ୍ୟ ସଂପର୍କରେ ସଚେତନ କରାଇବା, ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ମାଗଣା ଆଇନ୍ ସେବା ଯୋଗାଇଦେବେ। ଉଦ୍‌ଘାଟନ ଅବସରରେ ଜିଲ୍ଲା ଜଜ୍‌ଙ୍କ ସମେତ ଜିଲ୍ଲା ଜଜ୍ କୋର୍ଟରେ ବିଚାରପତି ବୃନ୍ଦ ଏବଂ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ, ନେହା ଅଗ୍ରୱାଲ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମଚାରୀ ଗଣ, ପ୍ୟାନେଲ ଓକିଲ ଏବଂ ପାରାଲିଗାଲ କର୍ମୀମାନେ ଯୋଗ ଦେଇଥିଲେ।

# ମା' ହିଙ୍ଗୁଳାଙ୍କ ବାର୍ଷିକ ଉତ୍ସବ ଓ ବଡପୂଜା ପାଇଁ ୮ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ: କଉଡଖଣୀ ଓ ଛେଳିଆ ପୀଠ ଚଳଚଂଚଳ



ବଡ଼ସାହି, ୧୫/୨ (ନି.ପ୍ର): ଉତର ଓଡିଶାର ପ୍ରସିଦ୍ଧ ତଥା ମୟୁରଭଂଜ ଜିଲ୍ଲା ବଡସାହି ବ୍ଲକ୍ କଉଡଖଣି ଶାଳ ଜଙ୍ଗଲ ଓ ଛେଳିଆ ପୀଠରେ ପୂଜା ପାଉଥିବା ପ୍ରତକ୍ଷ୍ୟ ଦେବୀ ମା ହିଙ୍ଗୁଳାଙ୍କ ବାର୍ଷିକ ବଡପୂଜା ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୮ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ଜନସମାଗମ ହୋଇଥିବାର ଦେଖାଯାଇଛି । ବଡସାହି, ଦେଉଳିଆ, ମାଙ୍କଡକେନ୍ଦା ଓ ପଳସା ପର୍ଯ୍ୟନ୍ତ ଲୋକଙ୍କ ଭିଡ ଲାଗି ରହିଛି । ବଡସାହି ଛକରୁ ଟ୍ରାଫିକ ବ୍ୟବସ୍ଥାକୁ କଡାକଡି କରାଯାଇଛି । ବ୍ୟାରିକେଟରେ ଲକ୍ଷଲକ୍ଷ ଭକ୍ତ ଶାନ୍ତିଶୃଙ୍ଖଳାର ସହିତ ଲାଇନରେ ଯାଇ ଗତ ବର୍ଷ ମାଙ୍କ ପୀଠରେ ପ୍ରତିଷ୍ଠା ହୋଇଥିବା ହିଙ୍ଗୁଳାଙ୍କ ଇଷ୍ଟଦେବ ଜଗନ୍ନାଥ ମହାପ୍ରଭୂଙ୍କ ମନ୍ଦିର ଓ ଶ୍ରୀରାମ, ମାଆ ସୀତା, ଲକ୍ଷ୍ମଣ ଓ ହନୁମାନଙ୍କ ମନ୍ଦିର ଏବଂ ମାଆଙ୍କ ଭୈରବ ଶ୍ରୀ ଭୀମେଶ୍ୱର ମହାଦେବଙ୍କୁ ଦର୍ଶନ କରି ମା ହିଙ୍ଗୁଳାଙ୍କୁ ଦର୍ଶନ କରିବାର ସୁଯୋଗ ପାଇଛନ୍ତି । କମିଟି ଓ ପ୍ରଶାସନ ପକ୍ଷରୁ ମଧ୍ୟ ଏଥିପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ୧୫ ତାରିଖ ଶନିବାର ମାଙ୍କ ବାର୍ଷିକ ବଡପୂଜା ପାଇଁ ୧୨ ତାରିଖ ବୁଧୁବାର ଅଗ୍ନିସ୍ୱବ ପୂର୍ଣ୍ଣମା ସଂନ୍ଧ୍ୟା ଠାରୁ ଅଧିବାସ, ଅଙ୍କୁରାରୋପଣ ହୋଇ ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ମା'ଙ୍କ ଅଭିଷେକ, ଷୋଡଶୋପଚାର ପୂଜା, ଚଣ୍ଡିପାଠ ସହିତ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଛି । ଶନିବାର ବଡପୂଜା ଦିନ ପ୍ରତ୍ୟୁଷ ୪ଟା ୪୫ ମିନିଟରେ ମଙ୍ଗଳଆଳତୀ, ୫ଟା ୧୫ରେ ମହାସ୍ନାନ ଓ ୬ଟାରେ ବେଶ ଓ ସୂର୍ଯ୍ୟପୂଜା ଅନୁଷ୍ଠିତ ହେବା ପରେ ୭ ଘଟିକା ପାଖରୁ ଯଜ୍ଞ ଆରମ୍ଭ ସର୍ବସାଧାରଣ ଦର୍ଶନ, ଷୋଡଶ ଉପଚାର ପୂଜା, ଚଣ୍ଡିପାଠ ଆରମ୍ଭ ହୋଇ ଦିନ ତମାମ ଚାଲିବାକୁ ଥିବା ବେଳେ ଅପରାହ୍ନ ୪ଟା ୧୫ମିନିଟରେ ମା'ଙ୍କ ଚଳନ୍ତି ବିଗ୍ରହ ପାର୍ଶ୍ୱ ଦେବାଦେବୀଙ୍କ ସହିତ ଯଜ୍ଞକୁଣ୍ଡକୁ ବିଜେ କରିବା ପରେ ଯଜ୍ଞକୁଣ୍ଡରେ ଅଗ୍ନି ସଂଯୋଗ କରାଯାଇ ପୁର୍ଣ୍ଣାହୂତି କରାଯାଇଛି । ମୟୂରଭଞ୍ଜ ସମେତ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଜିଲ୍ଲା ସହିତ ପଡୋଶୀ ଝାଡଖଣ୍ଡ, ପଶ୍ଚିମବଙ୍ଗ, ବିହାର ରାଜ୍ୟରୁ ଆସିଥିବା ଭକ୍ତଙ୍କ ସମାଗମ ମଧ୍ୟ ଦେଖିବାକୁ ମିଳିଛି । ହଜାର ହଜାର ବିଭିନ୍ନ ପ୍ରକାର ଉଠା ଦୋକାନ ନିଜ ନିଜର ପସରା ମେଲାଇ ବସିଥିବା ବେଳେ ଦୋକାନ ମାନଙ୍କରେ କାରବାର ମଧ୍ୟ ବହୁତ ଭଲ ହୋଇଥିବାର ବାଲେଶ୍ୱରରୁ ଆସିଥିବା ଜଣେ ଚାଟ୍ ଓ ପାମ୍ପଡି ଦୋକାନୀ ଭାଇ ପ୍ରକାଶ କରିଛନ୍ତି। ଗତ ୧୨ ଓ ୧୩ ତାରିଖ ସଂନ୍ଧ୍ୟାରେ ଭଜନ ନୃତ୍ୟ ଓ ଭଜନ ସଂନ୍ଧ୍ୟା ପରିବେଷଣ ହୋଇଯାଇଛି । ଭକ୍ତ ଓ ଦୋକାନୀ ମାନଙ୍କର ସାହାର୍ଯ୍ୟ ସହଯୋଗରେ ଏହି ପୀଠରେ ଉତୋରତର ଉନ୍ନତି ହେଉଥିବା ବେଳେ ଭକ୍ତଙ୍କ ଆଶା ଓ ବିଶ୍ୱାସକୁ କମିଟି ମଧ୍ୟ ଗୁରୁତ୍ୱ ଦେଇ ପ୍ରତିବର୍ଷ କିଛି କିଛି ନୂଆ ଜିନିଷ ଭକ୍ତଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛି । ଶାନ୍ତିଶୃଙ୍ଖଳା ସହିତ ମେଳା ସମାପନ ହୋଇଥିବାରୁ ଟ୍ରଷ୍ଟ ପକ୍ଷରୁ ସମସ୍ତ କମିଟିର ସଦସ୍ୟ, ସ୍ୱେଚ୍ଛାସେବୀ, ଆମ୍ଭା ଭଗବାନ ପିଲାମାନଙ୍କ ସହିତ ସମସ୍ତ ବିଭାଗର ପ୍ରଶାସନ ତଥା ଜନସାଧାରଣଙ୍କୁ ମୂଖ୍ୟ ଟ୍ରଷ୍ଟି ସୁନୀଲ ଦାଶ ଧନ୍ୟବାଦ ପ୍ରଦାନ କରିଛନ୍ତି ।

# ଦୀପତଳ ଅନ୍ଧାର: ଭିତ୍ତିଭୂମି ଥାଇ ମଧ୍ୟ ପାନୀୟ ଜଳ ଯୋଗାଉନାହିଁ ପ୍ରଶାସନ

ବୌଦ୍ଧ, ୧୫/୨ (ନି.ପ୍ର): ଦୀପତଳ ଅନ୍ଧାର ଉକ୍ତିର ପ୍ରମାଣ ମିଳୁଛି ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ । ଜିଲାପାଳଙ୍କ କାର୍ଯ୍ୟାଳୟ ନିକସ୍ଥ ମହାନଦୀ ପାର୍ଶ୍ୱରେ ଥିବା ତିନୋଟି ଗ୍ରାମର ଶତାଧିକ ପରିବାର ପାନୀୟ ଜଳ ପାଇବାରୁ ବଂଚିତ ହୋଇ ରହିଛନ୍ତି । ଭିତିଭୂମି ଥାଇ ମଧ୍ୟ ପାନୀୟ ଜଳ ଯୋଗାଉନାହିଁ ପ୍ରଶାସନ । ଆଲୋଚନାରେ ସୀମିତ ରହୁଛି ପ୍ରଶାସନର ପ୍ରସ୍ତୁତି ବୈଠକ । ଦୀର୍ଘ ବର୍ଷ ହେଲା ଜଳକଷ୍ଟ ଭୋଗୁଛନ୍ତି ସରସରା ପଂଚାୟତର କାଲେଶ୍ୱର, ମାଉଲସିଙ୍ଗା ଓ ସାନବାଗବର ଗ୍ରାମବାସୀମାନେ । ଜିଲାରେ ଚଳିତ ବର୍ଷ ତାପମାତ୍ରା ୪୬ ଡିଗ୍ରୀ ଡେଇଁବା ନେଇ ରହିଛି ସମ୍ଭାବନା । ବୌଦ୍ଧ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ଓ ଏହାର ମୁକାବିଲା ସଂପର୍କିତ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ବୈଠକରେ ଆଗାମୀ ଗ୍ରୀଷ୍ମଋତୁରେ ପିଇବା ପାଣି ଯୋଗାଣ ନିମନ୍ତେ ଆଲୋଚନା କରାଯାଇଥିଲା । ଜିଲାରେ ଅଚଳ ଥିବା ନଳକୂପ ଗୁଡିକୁ ଯୁଦ୍ଧକାଳୀନ ଭିତିରେ ମରାମତି କରିବା, ପାନୀୟଜଳ ସଙ୍କଟ ଥିବା ଅଂଚଳଗୁଡିକୁ ଚିହ୍ନଟ କରି ଟ୍ୟାଙ୍କର ଦ୍ୱାରା ପିଇବା ପାଣି ଯୋଗାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ନଦୀନାଳରେ ଭରପୁର ବୌଦ୍ଧ ଜିଲ୍ଲା ଜଳ ସଂପଦରେ ଭରି ରହିଛି । ତଥାପି ଅନେକ ଅଂଚଳରେ ଲୋକେ ପାନୀୟ ଜଳ ସମସ୍ୟା ଭୋଗ କରିଥାନ୍ତି । ପାନିୟ ଜଳ ସଂଙ୍କଟ ଖରାଦିନେ ଅଧିକ ଅନୁଭୂତ ହେଉଥିବା ବେଳେ ଜିଲାପାଳଙ୍କ କାର୍ଯ୍ୟାଳୟ କୁ ଲାଗିରହିଥିବା କାଲେଶ୍ୱର, ମାଉଲସିଙ୍ଗା ଓ ସାନବାଗବର ଗ୍ରାମରେ ବର୍ଷ ସାରା ପାନୀୟ ଜଳ ସମସ୍ୟା ଦେଖାଦେଇଛି । କାଲେଶ୍ୱର ଗ୍ରାମରେ ପାଂଚ ଶହରୁ ଉର୍ଦ୍ଧ୍ୱ ଲୋକବସବାସ କରୁଥିବା ବେଳେ ମାଉଲସିଙ୍ଗା ଗ୍ରାମରେ ମଧ୍ୟ ପ୍ରାୟ ତିନି ଶହ ଓ ସାନବାଗବର ଗ୍ରାମରେ ଦୁଇ ଲୋକବସବାସ କରୁଥିବା ଜଣାପଡିଛି । ଏହି ତିନି ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ଦୀର୍ଘ ଦିନ ହେବ ପାଇପ ବିଛା ଯାଇଥିଲେ ମଧ୍ୟ ଜଳ ଯୋଗାଣ ଏପର୍ଯ୍ୟନ୍ତ ହୋଇପାରୁନାହିଁ । ଏହି ତିନି ଗ୍ରାମକୁ ବୁଟୁପାଲି ଠାରେ ଥିବା ଜଳ ଯୋଗାଣ ପ୍ରକଳ୍ପରୁ ପରୀକ୍ଷାମୂଳକ ଭାବେ ଜଳ ଯୋଗାଣ ହୋଇଥିବା ବେଳେ ପ୍ରଶାସନିକ ମଂଜୁରୀ ମିଳିଲେ ନିୟମିତ ପାନୀୟ ଜଳ ଯୋଗାଣ ହେବ । ବୁଟୁପାଲି ସ୍ଥିତ ଜଳଯୋଗାଣ ପ୍ରକଳ୍ପ ରେ ପ୍ରତିଦିନ ୫ ଲକ୍ଷ ଲିଟର ଜଳ ବିଶୋଧନ କରାଯାଉଛି । ବୁଟୁପାଲି ଅଂଚଳକୁ ଜଳଯୋଗାଣ କରିବା ପରେ ମଧ୍ୟ ଅନେକ ଜଳ ବଳକା ରହୁଛି ।

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଡ଼କ ସୁରକ୍ଷା ନିମିତ୍ତ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୧୫/୨ (ନି.ପ୍ର): ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଭଦ୍ରକ ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସଡ଼କ ସୁରକ୍ଷା ନିମିତ୍ତ ସଚେତନତା କାର୍ଯ୍ୟକ୍ରମ ସିନ୍ଦୋଳ ପଞ୍ଚାୟତ ହାଇସ୍କୁଲ, ତିହିଡ଼ି, ଭଦ୍ରକଠାରେ ଅନୁଷ୍ଠିତ ହୋଇଯାଇଅଛି। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଥମେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ଏବଂ ପରେ ସଚେତନତା କାର୍ଯ୍ୟକ୍ରମ ସଡ଼କସୁରକ୍ଷା ତଥା ଏମ.ଭି.ଆକ୍ଟ ଉପରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଛାତ୍ରଛାତ୍ରୀମାନଙ୍କୁ ମଧ ନିଜର ବକ୍ତୃତା ମାଧ୍ୟମରେ ସଡ଼କ ନିରାପତ୍ତା ସମ୍ବନ୍ଧିୟ ତଥ୍ୟ ନିଜେ ବକ୍ତବ୍ୟ ମାଧ୍ୟମରେ ଉପସ୍ଥିତ ଥିବା ଅତିଥି ଓ ଛାତ୍ରଛାତ୍ରୀମାନଙ୍କୁ ଅନେକ ମହତ୍ତ୍ୱପୂର୍ଣ୍ଣ କଥାବ୍ୟକ୍ତ କରିଥିଲେ। ନେହା ଅଗ୍ରୱାଲ ସଚିବ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପିଲାମାନଙ୍କୁ ବିଭିନ୍ନ ଉଦାହରଣ ଦେଇ ସେମାନଙ୍କ ମଧ୍ୟରେ ସଡ଼କ ନିରାପତ୍ତା ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିଥିଲେ। ସୁପ୍ରକାଶ ମହାନ୍ତି, ସବ୍ ଇନ୍‌ସ୍ପେକ୍ଟର, ପିରହାଟ ଥାନା, ଭଦ୍ରକ ତାପସ କୁମାର ମହାନ୍ତି, ବହ୍ନିଶିଖା ବିଶ୍ୱାଳ, ସହାୟକ ଏଲ୍.ଏ.ଡି.ସି.ଏସ୍. ଭଦ୍ରକ, ବିଶ୍ୱନାଥ ପଣ୍ଡା ପ୍ରଧାନ ଶିକ୍ଷକ, ଶିକ୍ଷକ ପ୍ରଶାନ୍ତ କୁମାର ମିଶ୍ର, ସିନ୍ଦୋଳ ପଞ୍ଚାୟତ ବିଦ୍ୟାପୀଠ, ତିହିଡ଼ି, ଭଦ୍ରକ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

# ବଡ଼ସାହି ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ

ବଡ଼ସାହି , ୧୫/୨ (ନି.ପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିଯୋଡ଼ା ପରିସରରେ ୧୪ତମ ବଡ଼ସାହି ବ୍ଲକ ଅଧୀନସ୍ଥ ସମସ୍ତ ମାଧ୍ୟମିକ ବିଦ୍ୟାଳୟ ସମୂହର ପ୍ରଧାନଶିକ୍ଷକମାନଙ୍କର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପାର୍ବତୀ ମୁର୍ମୁଙ୍କ ପୌରହିତରେ ବଡ଼ସାହି ବ୍ଲକ ଶିକ୍ଷା ଅଧିକାରୀ ମଧୁସ୍ମିତା ଗିରି ଆନୁଷ୍ଠାନିକ ଭାବେ ସମ୍ମିଳନୀକୁ ଉଦଘାଟନ କରିଥିଲେ । ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରାଧିଆ ଚରଣ ମୁଣ୍ଡା ଅଧିବେଶନ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ । ଆୟୋଜକ ବିଦ୍ୟାଳୟର ଶିକ୍ଷକ ଦୀପକ ରାମ ସ୍ୱାଗତ ଭାଷଣ ଦେଇଥିଲେ ଓ ଧନ୍ୟବାଦ ଅର୍ପଣ ଶିକ୍ଷକ ପାର୍ଥସାରଥୀ ଜେନା କରିଥିଲେ । ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ମିଶ୍ର ଉତ୍କର୍ଷ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ ବିଗତ ଅଧିବେଶନର ବିବରଣୀ ପାଠ କରିଥିଲେ । ସମସ୍ତ ପ୍ରଧାନଶିକ୍ଷକ ଆଲୋଚନାଚକ୍ରରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ପ୍ରଧାନଶିକ୍ଷକମାନଙ୍କର ବିଭିନ୍ନ ମନ୍ତବ୍ୟକୁ ବ୍ଲକ ଶିକ୍ଷା ଅଧିକାରୀ ଆଲୋଚନା କରି ସମାଧାନର ଉପାୟ ସବୁ କହିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଆୟୋଜକ ବିଦ୍ୟାଳୟର ଶିକ୍ଷୟତ୍ରୀ ରୋଜାଲିକା ଗିରି, ରେଖା ରାଣୀ ମହାକୁଡ଼, ଅଲିଭାଜ୍ୟୋତି ମହାପାତ୍ର, ତପସ୍ୱିନୀ ସାହୁ, ଇନ୍ଦୁଲତା ପତି,ଅଫିସ ସହାୟକ ପଦ୍ମାବତୀ ମହାନ୍ତ,ଛାତ୍ରୀ ନିବାସର ମେଟ୍ରୋନ ସୁକାନ୍ତୀ ମହାନ୍ତ,ଛାତ୍ରୀ ନିବାସର ସହାୟିକା ସାବିତ୍ରୀ ନାଏକ ଓ ବାରି ସିଂ,ବିଦ୍ୟାଳୟ ପରିଚାଳନା କମିଟି ର ସମସ୍ତ ସଦସ୍ୟ, ଆଲୁମିନି କମିଟି ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ବରିଷ୍ଠ ନାଗରିକ ମଞ୍ଚର ୬ଷ୍ଠ ବାର୍ଷିକ ଉତ୍ସବ

ଖଇରା, ୧୫/୨ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବରିଷ୍ଠ ନାଗରିକ ମଞ୍ଚ ର ୬ଷ୍ଠ ବାର୍ଷିକ ଉତ୍ସବ ଶନିବାର ଦିନ ଖଇରା ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ମଞ୍ଚର ସଭାପତି ଶରତ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତା ରେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ତଥା ସ୍ତମ୍ଭକାର ନିରଞ୍ଜନ ସାହୁ ମୁଖ୍ୟଅତିଥି,ଖଇରା ସିଏଚସିର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ପ୍ରଭାକର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଅବସର ପରେ ଲୋଭାର ବଶବର୍ତ୍ତୀ ନହୋଇ ସମାଜସେବାରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ । ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ବରିଷ୍ଠ ଆଇନଜିବୀ ପ୍ରତାପ କୁମାର ପଣ୍ଡା ଓ ହରେକୃଷ୍ଣ ଦାଶ,ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ,କିଶୋର ଦାସ,ଦାମୋଦର ନାୟକ ଓ ମଧୁସୂଦନ ଦାସ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖପତ୍ର ବର୍ଷିଆନ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହିଅବସରରେ ବିପିନ ଦାସମହାପାତ୍ର,ଇଂ ରାଜେଶ ମହାକୁଡ ଓ ଗଣେଷ ପ୍ରସାଦ ମହାପାତ୍ରଙ୍କୁ ଖଇରା ଗୌରବ ସମ୍ମାନ,ଅନ୍ତର୍ଯାମୀ ପାତ୍ର ଓ ବନମାଳୀ ନାୟକଙ୍କୁ ବର୍ଷିଆନ ସମ୍ମାନ,କିଶାଦାସ,ସତ୍ୟଭାମା ପ୍ରଧାନ,କୁନ୍ତଳା ମହାରଥା,ହରେକୃଷ୍ଣ କୁଅଁର,ମହେନ୍ଦ୍ର ପ୍ରସାଦ ନାୟକଙ୍କୁ କର୍ମବୀର ସମ୍ମାନ ରେ ସମ୍ମାନିତ କରାଯାଇଥିଲା ।


OFFICE OF THE DEAN AND PRINCIPAL
SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT
At/Po/Dist.-Koraput-764020 (Odisha)
Telephone No.06852-250101 // E-mail: slnmchkoraput.od@gov.in // Website: www.slnmch.nic.in

No. 1066 /2025 Dated 14 .02.2025

ADVERTISEMENT FOR WALK-IN INTERVIEW

A walk-in-interview is proposed for filling up the following post on contractual basis in the Viral Research & Diagnosis Laboratory at SLN Medical College & Hospital, Koraput under the project "Setting up of Nation-wide Network of laboratories for managing Epidemics & Natural Calamities" by Department of Health Research, MoHFW. Interested candidates possessing requisite qualification & experience may download the application form annexed in this Advertisement (Page 4 to 6) and come for the interview with duly filled in application form and all requisite original documents on scheduled **dated-28.02.2025 (Reporting time-10:30 AM to 11:0 AM) at LT-3, SLNMCH, Koraput.**

OIPR: 10121/11/0024/2425

Dean & Principal,
SLNMCH, Koraput

ରବିବାର, ଫେବୃଆରୀ ୧୬, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ସମ୍ଭାବ୍ୟ ପ୍ରବଳ ବର୍ଷା ପାଇଁ ଜିଲ୍ଲାପାଳଙ୍କ ଆଭାସୀ ମାଧ୍ୟମରେ ଜରୁରୀ ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୧୫/୨ (ନି.ପ୍ର): ଆସନ୍ତା ତା ୧୯ ରୁ ୨୧ ରିଖ ପର୍ଯ୍ୟନ୍ତ ସମ୍ଭାବ୍ୟ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରାଯାଇଥିବାରୁ ପ୍ରସ୍ତୁତି ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବା ପାଇଁ ଆଜି ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବର୍ଷାରୁ ଅମଳ ଧାନକୁ ସୁରକ୍ଷା ଦେବା ପାଇଁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଏହି ସମୟରେ ଧାନ ସଂଗ୍ରହଣକୁ ସୁବ୍ୟବସ୍ଥିତ କରିବା ପାଇଁ ସମସ୍ତ ମଣ୍ଡିଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ବର୍ତ୍ତମାନ ଖୋଲା ସ୍ଥାନରେ ଗଚ୍ଛିତ ଥିବା ସମସ୍ତ ଧାନକୁ ତୁରନ୍ତ ଆଚ୍ଛାଦିତ ଅଞ୍ଚଳକୁ ସ୍ଥାନାନ୍ତରିତ କରିବା କିମ୍ବା ପଲିଥିନ୍ କଭରରେ ପର୍ଯ୍ୟାପ୍ତ ପରିମାଣରେ ସୁରକ୍ଷିତ ରଖିବା ଆବଶ୍ୟକତା ଥିବା ଜିଲ୍ଲାପାଳ ମତ ପ୍ରକାଶ କରିଥିଲେ । ବାଲେଶ୍ୱର ଓ ନୀଳଗିରି ଉପ ଜିଲ୍ଲାପାଳଙ୍କୁ ନିଜ ନିଜ କ୍ଷେତ୍ରରେ ପଲିଥିନ୍ ଉପଲବ୍ଧତାର ତୁରନ୍ତ ମୂଲ୍ୟାଙ୍କନ କରିବାକୁ ଏବଂ ଧାନ ଷ୍ଟକର ଜରୁରୀକାଳୀନ ବ୍ୟବହାର ପାଇଁ ପର୍ଯ୍ୟାପ୍ତ ଯୋଗାଣ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସଂରକ୍ଷଣ ନିର୍ଦ୍ଦେଶାବଳୀର ଅନୁପାଳନ ଯାଞ୍ଚ କରିବା ପାଇଁ କ୍ଷେତ୍ର ପରିଦର୍ଶନ କରିବା ସହିତ ସୁରକ୍ଷାମୂଳକ ପଦକ୍ଷେପ କାର୍ଯ୍ୟକାରୀ କରିବା ପାଇଁ ଚାଷୀ ଏବଂ ମିଲ୍ ମାଲିକମାନଙ୍କ ସହିତ ସମନ୍ୱୟ ସ୍ଥାପନ କରିବା ପାଇଁ କୃଷି ବିଭାଗର ଅଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ସ୍ଥାନୀୟ ଜନପ୍ରତିନିଧିମାନଙ୍କୁ ନିୟୋଜିତ କରାଯିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେ ସିର୍କେ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ସାଇ କୃଷ୍ଣ ଜେନାଙ୍କ ସମେତ ସମସ୍ତ ବିଡ଼ିଓ, ତହସିଲଦାର ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ବ୍ଲକ୍‌ସ୍ତରୀୟ ଆଇନ୍ ସଚେତନତା କାର୍ଯ୍ୟକ୍ରମ




ପାରାଦ୍ୱୀପ , ୧୫/୨ (ନି.ପ୍ର): ରାଜ୍ୟ ମହିଳା ଆୟୋଗଙ୍କ ଦ୍ୱାରା ତଥା ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଆନୁକୂଲ୍ୟରେ ପାରାଦ୍ୱୀପ ମହାବିଦ୍ୟାଳୟରେ ଆଜି ବ୍ଲକ ସ୍ତରୀୟ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପାରାଦ୍ୱୀପ ଅତିରିକ୍ତ ଜିଲ୍ଲପାଳ ଶ୍ରୀଯୁକ୍ତ ନିରଞ୍ଜନ ବେହେରା ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପାରାଦ୍ୱୀପ ମହାବିଦ୍ୟାଳୟର ଅଧକ୍ଷ ଡ଼ ସସ୍ମିତା ଶତପଥୀ, ଶିଶୁ ବିକାଶ ଅଧିକାରୀ ଶ୍ରୀମତୀ ଧନେଶ୍ୱରୀ ନାୟକ , ୱାନ ଷ୍ଟପ ସେଣ୍ଟରେ ଏବଂ ସଖୀ ସେଣ୍ଟରର ନିର୍ଦ୍ଦେଶକ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ମଲ୍ଲ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ମହିଳାମାନଙ୍କର ଅଧିକାର ଆଇନ ଓ ସୁରକ୍ଷା ବ୍ୟବସ୍ଥା ଓ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ପାରାଦ୍ୱୀପ ଲେଡ଼ିଜ କ୍ଲବର ଉପଦେଷ୍ଟା ଶ୍ରୀମତୀ ପ୍ରିତି ଆରତୀ ପରିଜା ଓ ଜିଲ୍ଲା ସଂଯୋଜକ ଆହ୍ୱନ ଏଡ୍ ଶ୍ରୀଯୁକ୍ତ ତପନ ଗୋଛୟତ ଅତ୍ୟନ୍ତ ସୁନ୍ଦର୍ ଭାବରେ ନାରୀମାନଙ୍କ ଉପରେ ହେଉଥିବା ଯୌତୁକ ନିର୍ଯାତନା, ବାଲ୍ୟବିବାହ, ଘରୋଇ ହିଂସା ଓ କର୍ମ କ୍ଷେତ୍ରରେ ହେଉଥିବା ଯୌନ ଉତ୍ପୀଡନ ବା ଯୌନ ନିର୍ଯାତନା ଉପରେ ଉପସ୍ଥିତ ଥିବା କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ଆଇନ୍ ସଚେତନତା ବିଷୟରେ ବୁଝେଇବା ସହ ସଚେତନ କରେଇଥିଲେ । ପ୍ରୋଟେକ୍ସନ ଅଫିସର୍ ଶ୍ରୀମତୀ ଆରତୀ ଆଚାର୍ଯ୍ୟ ଉଦ୍ ବୋଧନ ଦେଇ କହିଥିଲେ ଯେ ମହିଳା ବା ନାରୀ ପ୍ରକୃତ ସଚେତନ ସେତେବେଳେ ହେବେ ଯେତେବେଳେ ଜଣେ ନାରୀ ନିଜ ଅଧିକାରକୁ ହାସଲ କରିବାରେ ସଫଳ ହେବ ।ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ବିଷ୍ଣୁପ୍ରିୟା ସେଠୀ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ କରିଥିଲେ ଏବଂ ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ। ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ରାଉତ କାର୍ଯ୍ୟକ୍ରମକୁ ଅତି ସୁନ୍ଦର୍ ଭାବରେ ଉପସ୍ଥାପନା କରିଥିଲେ । ସର୍ବଶେଷରେ ପ୍ରୋଗ୍ରାମ ଅଫିସର୍ ଶ୍ରୀମତୀ ବିଜୟଲକ୍ଷ୍ମୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ସ୍ଥାନୀୟ ଏନ.ଜି.ଓ , ୱାନ ଷ୍ଟପ ସେଣ୍ଟରେ କର୍ମକର୍ତ୍ତା, ଜିଲ୍ଲାର ବିଭିନ୍ନ ଏସ.ଏଚ.ଜି ଗ୍ରୁପ , ମହାବିଦ୍ୟାଳୟର ଅନେକ ଛାତ୍ର ଛାତ୍ରୀ ଏବଂ ଜିଲ୍ଲା ସମାଜ ମଙ୍ଗଳ ବିଭାଗର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଏହି ବ୍ଲକସ୍ତରୀୟ ଆଇନ୍ ସଚେତନତା କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗ୍ରୁପ (ବି)ର ମ୍ୟାଚ: ପ୍ରୀତପାଲଙ୍କ ଶତକ ବଳରେ ଡିଆରକେ(ବି) ବିଜୟୀ



ବାରିପଦା , ୧୫/୨ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଏସୋସିଏସନ ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ମୟୁରଭଞ୍ଜ ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗ୍ରୁପ ବି ର ୧ମ ମ୍ୟାଚରେ ଡି ଆର କେ (ବି) କ୍ଲବ ବି ଜେ ଏମ ସି ସି କୁ ୫୨ ରନରେ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ଡି ଆର କେ (ବି) ୩୫ ଓଭରରେ ୭ ଉଇକେଟ ହରାଇ ୨୦୦ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ପ୍ରୀତପାଲ ସିଂହ ଅପରାଜିତ ୧୨୯ ଓ ଅମିତାଭ ଦାସ ୨୦ ରନ କରିଥିବା ବେଳେ ବିପକ୍ଷ ଦଳର ହଂସରାଜ ସାହୁ ୨ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ବି ଜେ ଏମ ସି ସି କ୍ଲବ ୩୫ ଓଭରରେ ୮ ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରିପାରିଥିଲେ ଓ ଦଳ ପକ୍ଷରୁ ପୁରବ ରାଜେଶ ନନ୍ଦା ୪୮ ଓ ଲୋକନାଥ ପୃଷ୍ଟି ୩୦ ରନ କରିଥିବା ବେଳେ ବିପକ୍ଷ ଦଳର ସୁବ୍ରତ କୁମାର ସିଂହ ୩ ଟି ଉଇକେଟ ଅକ୍ତିଆର କରିଥିଲେ । ପ୍ରୀତପାଲ ସିଂହ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ ଓ ଅମିତାଭ ପଟ୍ଟନାୟକ ଓ ଦିଲ୍ଲୀପ କୁମାର ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ମିତ କୁମାର ମହାରଣା ସ୍କୋରିଂ ରେ ସହାୟତା ପ୍ରଦାନ କରିଥିଲେ । ଅତିଥି ଅମିତ କୁମାର ପଣ୍ଡାଙ୍କ ସମେତ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଆସନ୍ତା କାଲି ଜେ କେ ସି ସି ଓ ମୟୁରଭଞ୍ଜ ରେଡ ମଧ୍ୟରେ ଖେଳ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ।

## ନଡପୁର ହିଙ୍ଗୁଳାଠାରେ ବୀଣାପାଣି ଯୁବକ ସଂଘ, ଆଗ୍ରିଆ ତରଫରୁ ଜଳଛତ୍ର

ବେତନଟୀ, ୧୫/୨ (ନି.ପ୍ର): ଯୁବକ ସଂଘ ର ସଭାପତି ଶିବ ନାରାୟଣ ଘୋଷ, ସମ୍ପାଦକ ଜୀବନ ପରିଡ଼ା ଙ୍କ ସହିତ ବୀଣାପାଣି ଯୁବକ ସଂଘର ସମସ୍ତ ସକ୍ରିୟ ସଦସ୍ୟ ପ୍ରମୋଦ ନାୟକ,ଜିତେନ୍ଦ୍ର ପରିଡ଼ା, ବ୍ରହ୍ମାନନ୍ଦ ପରିଡ଼ା, ରଞ୍ଜନ ପରିଡ଼ା, ଚନ୍ଦନ ଦାସ, ଚନ୍ଦନ ସେଠୀ,ରଞ୍ଜିତ ବାରିକ୍, ଶ୍ରୀଧର ଦେହୁରୀ, ତପସ୍ୱୀ ରାଉତ, ପ୍ରଦୀପ ଦାସ, ସୁମନ୍ତ ପରିଡ଼ା,ବିରୋକିଶୋର ବିଶ୍ୱାଳ, ବିକାଶ ଦାସ, ଦିଲ୍ଲିପ ମହାନ୍ତି, ଚନ୍ଦ୍ରଶେଖର ବେରା, ରାକେଶ ମହାନ୍ତ, କେଶବ ନାଥ, ଶୁଶାନ୍ତ ପରିଡ଼ା, ହରିଶ ପ୍ରଧାନ, ଯଶୋବନ୍ତ ମହାନ୍ତି, ଶୁଶାନ୍ତ ଭାଇ, ପ୍ରକାଶ ଜ୍ୟୋତି ପ୍ରଧାନ, ଶୁଶାନ୍ତ ବାରିକ୍, ବିଶ୍ୱଜିତ ପରିଡା, ସୁଜିତ ଜେନା, ପିତବାସ ଦେହୁରୀ, ଇନ୍ଦ୍ରଜିତ ଓଝା,ବିକ୍ରମ ନାଥ, ସରୋଜ ଦେହୁରୀ, ତରଣୀ ପଣ୍ଡିତ, ହିମାଂଶୁ ପଣ୍ଡିତ, ନରୋତ୍ତମ ମହାନ୍ତ, ବିଜୟ ଜେନା, ନରେନ୍ଦ୍ର ପରିଡ଼, ଜିତେଶ ନାୟକ, ଧିରୋଜ ସାହାଣୀ, ଅଜିତ ବେହେରା,ସତ୍ୟପ୍ରିୟ ପ୍ରଧାନ, ପ୍ରମୁଖ ଉପସ୍ଥିତ ଥିଲେ।

## ନଡପୁର ହିଙ୍ଗୁଳାଠାରେ ବୀଣାପାଣି ଯୁବକ ସଂଘ, ଆଗ୍ରିଆ ତରଫରୁ ଜଳଛତ୍ର

ବେତନଟୀ, ୧୫/୨ (ନି.ପ୍ର): ଯୁବକ ସଂଘ ର ସଭାପତି ଶିବ ନାରାୟଣ ଘୋଷ, ସମ୍ପାଦକ ଜୀବନ ପରିଡ଼ା ଙ୍କ ସହିତ ବୀଣାପାଣି ଯୁବକ ସଂଘର ସମସ୍ତ ସକ୍ରିୟ ସଦସ୍ୟ ପ୍ରମୋଦ ନାୟକ,ଜିତେନ୍ଦ୍ର ପରିଡ଼ା, ବ୍ରହ୍ମାନନ୍ଦ ପରିଡ଼ା, ରଞ୍ଜନ ପରିଡ଼ା, ଚନ୍ଦନ ଦାସ, ଚନ୍ଦନ ସେଠୀ,ରଞ୍ଜିତ ବାରିକ୍, ଶ୍ରୀଧର ଦେହୁରୀ, ତପସ୍ୱୀ ରାଉତ, ପ୍ରଦୀପ ଦାସ, ସୁମନ୍ତ ପରିଡ଼ା,ବିରୋକିଶୋର ବିଶ୍ୱାଳ, ବିକାଶ ଦାସ, ଦିଲ୍ଲିପ ମହାନ୍ତି,ଚନ୍ଦ୍ରଶେଖର ବେରା, ରାକେଶ ମହାନ୍ତ,କେଶବ ନାଥ, ଶୁଶାନ୍ତ ପରିଡ଼ା,ହରିଶ ପ୍ରଧାନ, ଯଶୋବନ୍ତ ମହାନ୍ତି, ଶୁଶାନ୍ତ ଭାଇ, ପ୍ରକାଶ ଜ୍ୟୋତି ପ୍ରଧାନ, ଶୁଶାନ୍ତ ବାରିକ୍, ବିଶ୍ୱଜିତ ପରିଡା, ସୁଜିତ ଜେନା, ପିତବାସ ଦେହୁରୀ, ଇନ୍ଦ୍ରଜିତ ଓଝା,ବିକ୍ରମ ନାଥ, ସରୋଜ ଦେହୁରୀ,ତରଣୀ ପଣ୍ଡିତ, ହିମାଂଶୁ ପଣ୍ଡିତ, ନରୋତ୍ତମ ମହାନ୍ତ,ବିଜୟ ଜେନା, ନରେନ୍ଦ୍ର ପରିଡ଼, ଜିତେଶ ନାୟକ, ଧିରୋଜ ସାହାଣୀ, ଅଜିତ ବେହେରା, ସତ୍ୟପ୍ରିୟ ପ୍ରଧାନ, ପ୍ରମୁଖ ଉପସ୍ଥିତ ଥିଲେ।

## କର୍ମକାଣ୍ଡି ପଣ୍ଡିତ ଡମ୍ବରୁ ପଣ୍ଡାଙ୍କ ପ୍ରତିମୂର୍ତ୍ତୀ ଉନ୍ମୋଚନ

ଖଇରା, ୧୫/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ନନ୍ଦୁର ପଞ୍ଚାୟତ ଅଧୀନ ସୁଙ୍ଗୁଡା ଗ୍ରାମର ବିଶିଷ୍ଟ କର୍ମକାଣ୍ଡୀ ପଣ୍ଡିତ ଓ ଠାକୁର ସେବକ ଡମ୍ବରୁଧର ପଣ୍ଡାଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଏକ ସ୍ମୃତିସଭା ଓ ପ୍ରତିମୂର୍ତ୍ତୀ ଉନ୍ମୋଚନ ଉତ୍ସବ ଶୁକ୍ରବାର ଦିନ ସୁଙ୍ଗୁଡା ଗ୍ରାମରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ପରିବାର ତଥା ଗ୍ରାମବାସୀଙ୍କ ସହଯୋଗରେ ନିର୍ମୀତ ପ୍ରତିମୂର୍ତ୍ତୀକୁ ଖଇରା ବ୍ରାହ୍ମଣସମିତିର କର୍ମକର୍ତ୍ତା ମାନେ ଉନ୍ମୋଚନ କରିଥିଲେ । ପରେ ବ୍ରାହ୍ମଣସମିତିର ଉପଦେଷ୍ଟା ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ପୌରହିତ୍ୟରେ ଏକ ସ୍ମୃତିସଭାର ଆୟୋଜନ କରାଯାଇଥିଲା । । ବୁଦ୍ଧିରାମ ପାଣିଗ୍ରାହୀଙ୍କ ଦ୍ୱାରା ଗୀତା ଓ ବେଦପାଠ କରାଯାଇଥିଲା । ସମ୍ପାଦକ ରମାକାନ୍ତ ଶତପଥି, ପଦ୍ମନାଭ ପଣ୍ଡା, ପୀତାମ୍ବର ପତି, ଶ୍ୟାମସୁନ୍ଦର ପଣ୍ଡା, ସଦାଶିବ ଆଚାର୍ଯ୍ୟ, ବିଭୁତିଭୁଷଣ ତ୍ରିପାଠୀ, କୈଳାସ ଚନ୍ଦ୍ର ତ୍ରିପାଠୀ, ଆକାଶ କୁମାର ପଣ୍ଡା, ଜୟନ୍ତ କୁମାର ପଣ୍ଡା, ଯଦୁମଣି ନନ୍ଦ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ପଣ୍ଡା ଙ୍କ ଜଣେ ସଚ୍ଚୋଟ ଏବଂ ଆଧ୍ୟାତ୍ମବାଦୀ ମଣିଷ ଥିଲେ ବୋଲି ପ୍ରକାଶ କରିଥିଲେ ।

## ଅଟଳ ବିହାରୀ କଲେଜରେ ରସାୟନ ବିଜ୍ଞାନ ବିଭାଗର ପାଠଚକ୍ର




ବାସୁଦେବପୁର, ୧୫/୨ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟରେ ରସାୟନ ବିଜ୍ଞାନ ବିଭାଗର ପାଠଚକ୍ର ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ରେ ମହାବିଦ୍ୟାଳୟର ଅଧକ୍ଷ ବିଷ୍ଣୁ ମୋହନ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ପଙ୍କଜ କୁମାର ପାଢ଼ୀ ଏହି ପାଠଚକ୍ର ରେ ମୁଖ୍ୟ ଅତିଥି ଏବଂ ବିଷୟ ବିଶାରଦ ଭାବେ ଯୋଗ ଦେଇଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ସମୟ ଉପଯୋଗୀ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ରସାୟନ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ସ୍ୱର୍ଣ୍ଣଲତା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ର ଅଧ୍ୟାପକ ପ୍ରତାପ କୁମାର ପଣ୍ଡା, ସୁମନ୍ତ କୁମାର ଦେ, ବିଶ୍ୱଜିତ୍ ସାହୁ, ଅଧ୍ୟାପିକା ନିରୋଜା ନଳିନୀ ଛୋଟରାୟ,ସୁଜାତା ମହାପାତ୍ର , ପୁଷ୍ପାଞ୍ଜଳି ନାୟକ ପ୍ରମୁଖ ଏହି ପାଠ ଚକ୍ରରେ ମଞ୍ଚ ପରିଚାଳନା କରିଥିଲେ ଓ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ସୁମନ୍ତ କୁମାର ଦେ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଛାତ୍ର ଛାତ୍ରୀ ମାନେ ଆରମ୍ଭ ରୁ ଶେଷ ପର୍ଯ୍ୟନ୍ତ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ଜୀ ସାର୍ଥକ 'ସୁନା ଝିଅ'ରେ ରବିବାର ସନ୍ଧ୍ୟା ୭:୩୦ରେ ହେବ ବିବାହ ମହାଅଧ୍ୟାୟ

ଭୁବନେଶ୍ୱର, ୧୫/୨ (ନି.ପ୍ର): ଓଡିଶାର ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକ ସବୁବେଳେ ଓଡ଼ିଆ ଘରର ପରମ୍ପରା ଓ ରୀତିନୀତିକୁ ଆଖିରେ ରଖି ଭେଟିଦିଏ ବିଭିନ୍ନ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଓ ଧାରାବାହିକ । ସବୁଥର କାହାଣୀରେ ନୂତନତ୍ୱ ଓ ରୋମାଞ୍ଚ ଭରିଦିଏ ଜୀ ସାର୍ଥକ । ଯାହାକୁ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ଦର୍ଶକେ ନିଜ ଜୀବନ ସହିତ ସଂଯୋଗ କରିପାରନ୍ତି । ଯେଉଁଥିପାଇଁ ଜୀ ସାର୍ଥକ ସାଜିଛି ଲୋକଙ୍କର ପ୍ରଥମ ପସନ୍ଦ । ନୂଆ ବର୍ଷ ଅବସରରେ ଡିସେମ୍ବର ୧୬ ତାରିଖରୁ ଆରମ୍ଭ ହୋଇଥିବା ପାରିବାରିକ ଧାରାବାହିକ 'ସୁନା ଝିଅ'କୁ ମିଳିଛି ଖୁବ କମ ଦିନରେ ଅଶେଷ ଭଲପାଇବା । ଏବେ



'ସୁନା ଝିଅ'କାହାଣୀରେ ଆସିବାକୁ ଯାଉଛି ନୂଆ ମୋଡ । ଆସନ୍ତା ରବିବାର ସନ୍ଧ୍ୟା ୭:୩୦ଟାରେ ଦର୍ଶକ ଦେଖିବେ ସୁନା ଝିଅ ର ବିବାହ ମହାଅଧ୍ୟାୟ । ତେବେ କାହାଣୀ ଏବେ ରୋଚକ ସ୍ଥାନରେ ଆସି ପହଞ୍ଚିଛି । ପ୍ରିୟା ଏବେ ଜେଲରୁ ମୁକ୍ତି ପାଇବା ସହିତ ବଂଶୁ ସହ ପୁଣି ଦେଖାହୋଇଛି ଓ ପୁରୁଣା ସ୍ମୃତି ସବୁ ତାଙ୍କର ଭାବର ଆକାର ନେଇଛି । ଅନ୍ୟପକ୍ଷରେ ଅଂଶୁ ଏବଂ ସମ୍ଭବର ବାହାଘର କଥା ଚାଲିଛି କିନ୍ତୁ ଭାଗ୍ୟର ରହିଛି ଅନ୍ୟ କିଛି ଯୋଜନା । ପ୍ରିୟା ଜାଣିବାକୁ ପାଇଛି ଯେ ସମ୍ଭବ ଓ ବଂଶୁ ପ୍ରେମରେ ରହିଛନ୍ତି । ବାହାଘର ଦିନ ପ୍ରିୟାଙ୍କ ଉପସ୍ଥିତି ଦେଖି ଆଶ୍ଚର୍ଯ୍ୟ ହୋଇଛି ଭବାନୀ । ତେବେ ଭାବର ଏହି ଛକାପଞ୍ଝା ମଧ୍ୟରେ ସବୁଠୁ ବଡ ପ୍ରଶ୍ନ ଯେ ସମ୍ଭବକୁ ବାହା ହେବ କିଏ ? ଭାଗ୍ୟ କଣ ଅଂଶୁର ସାଥ ଦେବ ନା ପ୍ରେମ କାହାଣୀ କୌଣସି ଅଲଗା ରାସ୍ତା ନେବ ? ତାହା ଦେଖିବାକୁ ବାକି ରହିଲା । ତେବେ ଜୀ ସାର୍ଥକର ସର୍ବାଧିକ ଲୋକପ୍ରିୟ ଧାରାବାହିକ 'ସୁନା ଝିଅ' ରେ ଆସନ୍ତା ରବିବାର ସନ୍ଧ୍ୟା ୭:୩୦ ଟାରେ ବିବାହ ମହାଅଧ୍ୟାୟ ଦେଖିବାପାଇଁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସୀଲ୍ ।

## ଉଦଳା ପ୍ରେସ କ୍ଲବର କର୍ମକର୍ତ୍ତା ଚୟନ ପର୍ବ: ଆନନ୍ଦ ଦାସ ସଭାପତି, ଜଗବନ୍ଧୁ ପ୍ରଧାନ ସଂପାଦକ ମନୋନିତ

ଉଦଳା , ୧୫/୨ (ନି.ପ୍ର): ଉଦଳା ପ୍ରେସ କ୍ଲବର ନୂତନ କର୍ମକର୍ତା ଚୟନ ପର୍ବ ଚଳିତ ଫେବୃଆରି ୧୪ ତାରିଖ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ପୂର୍ବ ନିର୍ଦ୍ଧାରିତ ଘୋଷଣ ଅନୁସାରେ କ୍ଲବର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ବିଗତ ଦିନର ସୁଖ ଦୁଃଖର ସମସ୍ତ ଘଟଣାବଳୀକୁ ମନେ ପକାଇଥିଲେ । ପରେ ଆଗାମି ଦିନରେ କ୍ଲବର କାର୍ଯ୍ୟକ୍ରମ ଗୁଡ଼ିକୁ ଶୃଙ୍ଖଳିତ ଢ଼ଙ୍ଗରେ ପରିଚାଳନା କରିବା ପାଇଁ ସମସ୍ତେ ଏକମତ ହୋଇଥିଲେ । ଏହାପରେ କର୍ମକର୍ତା ଚୟନ ପର୍ବ ଆରମ୍ଭ ହୋଇଥିଲା । ଏଥିରେ ଆନନ୍ଦ ଦାସ ସଭାପତି, ଜଗବନ୍ଧୁ ପ୍ରଧାନ ସଂପାଦକ, ହିମାଦ୍ରୀ ଶେଖର ପାଲ ଉପସଭାପତି, କରୁଣାକର ଦାସ ସହ ସଂପାଦକ, ସୁରେଶ୍ୱର ଜେନା କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତି କ୍ରମେ ମନୋନିତ ହେଲେ । ଅରୁଣ ମହାନ୍ତି ଓ ସନ୍ତୋଷ ବେହେରା ଉପଦେଷ୍ଟା ଏବଂ ସାଲାଏ ମାର୍ଣ୍ଡି ଓ ସୁବ୍ରତ ମହାନ୍ତି ଯଥାକ୍ରମେ ସଂଗଠନ ସଂପାଦକ ଓ କାର୍ଯ୍ୟକ୍ରମ ସଂଯୋଜକ ଭାବରେ ଦାୟିତ୍ୱ ଗ୍ରହଣ କଲେ ।

## ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ୱାନ ନେଶନ ୱାନ ଇଲେକ୍ସନ ଉପରେ ଆଲୋଚନା ଚକ୍ର




ଜଳେଶ୍ୱର, ୧୫/୨ (ନି.ପ୍ର): ଜଳେଶ୍ୱର ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ୱାନ ନେଶନ ୱାନ ଇଲେକ୍ସନ ହ୍ୱାୟ ଏଣ୍ଡ ହ୍ୱାଟ ଅଫ ସାଇମଲ ଟେନିଆସ ଇଲେକ୍ସନ ଇନ ଇଣ୍ଡିଆ ସନ୍ଦର୍ଭ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ସରୋଜ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ଛତିଶଗଡ ରାଜ୍ୟର ଗୁରୁ ଘାଷିଦାସ ବିଶ୍ୱ ବିଦ୍ୟାଳୟର (ସେଣ୍ଟ୍ରାଲ ଇନଭାରସିଟି) ବିଳାସପୁର ଡିନ ସ୍କୁଲ ଅଫ ସୁଶୀଆଲ ସାଇନ୍ସ,ମୁଖ୍ୟ ରାଜନୀତି ବିଜ୍ଞାନ ବିଭାଗ, ଡ଼ାଇରେକ୍ଟର ଦା ଅଫିସ ଅଫ୍ ଇଣ୍ଟରନେସନାଲ ର ପ୍ରଫେସର୍ ଡ. ରାମକୃଷ୍ଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୱାନ ନେଶନ ୱାନ ଇଲେକ୍ସନ ହ୍ୱାୟ ଏଣ୍ଡ ହ୍ୱାଟ ଅଫ ସାଇମଲ ଟେନିଆସ ଇଲେକ୍ସନ ଇନ ଇଣ୍ଡିଆ ସନ୍ଦର୍ଭ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ନୀଳଗିରି ମହାବିଦ୍ୟାଳୟ ର ରାଜନୀତି ବିଜ୍ଞାନ ବିଭାଗ ର ଅବସରପ୍ରାପ୍ତ ପ୍ରଧାପକ ଡ.ଉମାକାନ୍ତ ଦାସ,ଅଭଣା ବେଳା ଭୂମୀ ମହାବିଦ୍ୟାଳୟର ଅଧାପକ ଡ.ରଣଜିତ କୁମାର ବେହେରା, ବିଭାଗୀୟ ମୁଖ୍ୟ ଶ୍ରବଣ କୁମାର ନାଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଇସ୍ମିତା ଦାସ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ଆହ୍ୱାନ କରିଥିଲେ। ଅଧ୍ୟାପକ ଅଶୋକ କୁମାର ରଥ ବେଦ ପାଠ କରିଥିଲା ବେଳେ ଛାତ୍ରୀ ସୁସ୍ମିତା ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଉମେଶ ଚନ୍ଦ୍ର ସାହୁ, ସୁସ୍ମିତା ଗିରି, ଦୀପା ଦାସ, ଅନିତା ଗିରି,ସରିତା ଜେନା, ସୁଭସ୍ମିତା ଗିରି, ସୁଚିତ୍ରା କର, ଅଲିଭା ଗାନ୍ଧୀ,ମୌସୁମୀ ଜେନା, ଲିପିକା ପରିଡ଼ା,ରାଜେଶ ଦାସ,ସୁଭସ୍ମିତା ସାହୁ,ଫାଗୁ ଟୁଡୁ, ସୁନେରା ଖାତୁନ ପ୍ରମୁଖ ଛାତ୍ର ଛାତ୍ରୀ ବିଷୟ ବସ୍ତୁ ଉପରେ ପ୍ରାସଙ୍ଗିକ ଆଲୋଚନା କରିଥିଲେ। ନିଷ୍କଳ କୁମାର ଘଡେଇ,ନିରଞ୍ଜନ ପରିଡ଼ା,ସୌମ୍ୟ ରଞ୍ଜନ ମହାନ୍ତି,ବିଯେସ ସେନାପତି, ଆସୋତୋଷ ପାତ୍ର, ମୋନାଲିସା ଚାନ୍ଦ,ରଶ୍ମି ରେଖା ପାତ୍ର ଅଧ୍ୟାପକ ଅଧ୍ୟାପିକା ତଥା ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବୃହତ୍ ବନ୍ଦର ଫୁଟବଲ : ଫାଇନାଲରେ ଭିଓ ଚିଦମ୍ବରନାର ଓ ପାରାଦ୍ୱୀପ ମଧ୍ୟରେ ଲଢେଇ



ପାରାଦ୍ୱୀପ , ୧୫/୨ (ନି.ପ୍ର): ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିଅମ ଠାରେ ପାରାଦ୍ୱୀପ ବନ୍ଦର ପ୍ରାଧିକରଣ ଓ ଅଖିଳ ଭାରତ ବୃହତ୍ ବନ୍ଦର କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୁଲ୍ୟରେ ଆୟୋଜିତ ୪୬ତମ ଅଖିଳ ଭାରତ ବୃହତ୍ ବନ୍ଦର ଫୁଟବଲ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ ମ୍ୟାଚରେ ଭିଓ ଚିଦମ୍ବରନାର ବନ୍ଦର ମୁମ୍ବାଇ ବନ୍ଦରକୁ ପେନାଲ୍ଟୀ ଶୁଟରରେ ୪-୩ ଗୋଲ ବ୍ୟବଧାନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ଖେଳଟି ନିର୍ଦ୍ଧାରିତ ସମୟ ମଧ୍ୟରେ ଗୋଲ ଶୂନ୍ୟ ରହିବାରୁ ପେନାଲ୍ଟି ସୁଟ ଆଉଟ ହୋଇଥିଲା । ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଆୟୋଜକ ପାରାଦ୍ୱୀପ ବନ୍ଦର ଗତ ବର୍ଷର ଚାମ୍ପିଅନ ଚେନ୍ନାଇ ବନ୍ଦରକୁ ଭେଟିଥିଲା । ଏହି ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚରେ ପାରାଦ୍ୱୀପ ବନ୍ଦର ୧-୦ ଗୋଲରେ ଚେନ୍ନାଇ ବନ୍ଦରକୁ ପରାସ୍ତ କରି ଫାଇନାଲ ପାଇଁ ସ୍ଥାନ ସୁରକ୍ଷିତ କରିଥିଲା । ଆସନ୍ତା କାଲି ଫାଇନାଲ ମ୍ୟାଚରେ ପାରାଦ୍ୱୀପ ବନ୍ଦର ଭିଓ ଚିଦମ୍ବରନାର ବନ୍ଦରକୁ ଭେଟିବ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida